

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୨୬ ଭୁବନେଶ୍ୱର ଶନିବାର, ଜାନୁୟାରୀ ୧୮.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.126 Bhubaneswar, Saturday, January 18, 2025


## ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ୮ ପ୍ରକଳ୍ପ ପାଇଁ ଏମ୍ଓୟୁ

ଭୁବନେଶ୍ୱର,୧୭/୧: ଓଡିଶା ଗସ୍ତରେ ଏବେ ସିଙ୍ଗାପୁର ରାଷ୍ଟ୍ରପତି ଥିବାବେଳେ ତାଙ୍କ ଉପସ୍ଥିତିରେ ରାଜ୍ୟ ସରକାର ଆଜି ୮ଟି ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନ୍ମୁଗରତ୍ନମଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଓଡ଼ିଶାର ଦକ୍ଷତା ଓ ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ଏହାଦ୍ୱାରା ଓଡ଼ିଶାରେ ପୁଞ୍ଜି ନିବେଶ ହେବା ସହ ସହରାଞ୍ଚଳ ଯୋଜନା, ବନ୍ଦର ପରିଚାଳନା, ଲଜିଷ୍ଟିକ୍ସ, ସବୁଜ ଶକ୍ତି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଅଧିକ ସହଯୋଗର ସମ୍ଭାବନା ସୃଷ୍ଟି ହେବ। ରାଜ୍ୟ ଶକ୍ତି ବିଭାଗ, ସିଙ୍ଗାପୁରର ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭରସିଟି (ଏନଟିୟୁ) ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ସହିତ ଆନୁଷ୍ଠାନିକ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ସିଙ୍ଗାପୁରର ମହାମହିମ ରାଷ୍ଟ୍ରପତି ଥର୍ମନ ଶନମୁଗରତ୍ନମ୍ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ସହଯୋଗାତ୍ମକ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ନୂତନ ଏବଂ ଅକ୍ଷୟ ଶକ୍ତି ସମ୍ବନ୍ଧୀୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅତ୍ୟାଧୁନିକ ଗବେଷଣା ଏବଂ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା। ଅକ୍ଷୟ ଶକ୍ତି ବିକାଶ ଦିଗରେ ଏହି ଏମଓୟୁ ଏକ ପରିବର୍ତ୍ତନକାରୀ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି । ଏହି ସହଭାଗିତା ବଳରେ ଓଡ଼ିଶାକୁ କାର୍ବନ ମୁକ୍ତ କରିବାରେ ରାଜ୍ୟ




ସରକାରଙ୍କ ପ୍ରତିବଦ୍ଧତା ଏବଂ ୨୦୭୦ ମସିହା ସୁଦ୍ଧା ଦେଶର ନେଟ୍-ଜିରୋ ଲକ୍ଷ୍ୟ ସାଧନ ଅଧିକ ସହଜ ହେବ । ଅକ୍ଷୟ ଶକ୍ତିରେ କୁଶଳୀ ମାନବ ସମ୍ବଳ ଏବଂ ଉଚ୍ଚସ୍ତରୀୟ ବିଶେଷଜ୍ଞ ସୃଷ୍ଟି କରିବା ଦିଗରେ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଜଣାପଡିଛି । ଏଥିସହିତ ଏକ 'ବିକଶିତ ଓଡ଼ିଶା' ଗଠନ କରିବା ଦିଗରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତପ୍ରକାଶ ପାଇଛି । ଏହି ସହଭାଗୀତାର ଉଦ୍ଦେଶ୍ୟ ହେଉଛି ଅକ୍ଷୟ ଶକ୍ତି ଉତ୍ସ ଯଥା ସୌର, ପବନ, ଜଳ ବିଦ୍ୟୁତ, ଏବଂ ଜୈବିକ ଶକ୍ତି ଆଦି କ୍ଷେତ୍ରରେ ଆବଶ୍ୟକ ହେଉଥିବା ପ୍ରଯୁକ୍ତିବିଦ୍ୟାରେ ଅଗ୍ରଗତି ଆଣିବା ସହିତ ଅତ୍ୟାଧୁନିକ, ଦକ୍ଷ ଏବଂ ସ୍ଥାୟୀ ଶକ୍ତି ସମାଧାନର ବିକାଶ କରିବା। ଏହା ଶିଳ୍ପ ଏବଂ ଦୈନନ୍ଦିନ ଜୀବନରେ ସୁରକ୍ଷା, ଦକ୍ଷତା ଏବଂ ବାସ୍ତବ ପ୍ରୟୋଗ ଉପରେ ଧ୍ୟାନ ଦେଇ ବ୍ୟାଟେରୀ ଶକ୍ତି ଷ୍ଟୋରେଜ୍ ସିଷ୍ଟମ୍ (ବିଇଏସ୍ଏସ୍), ପମ୍ପଡ୍ ଷ୍ଟୋରେଜ୍ ପ୍ରୋଜେକ୍ଟ (ପିଏସପି) ଏବଂ ହାଇଡ୍ରୋଜେନ୍ ଟେକ୍ନୋଲୋଜି ଷ୍ଟୋରେଜ୍ ଭଳି ନୂତନ ତଥା ସୃଜନାତ୍ମକ ଦିଗର ବିକାଶରେ ସହାୟକ ହେବ । ଏହି ମିଳିତ ରାଜିନାମା ବଳରେ ମାଇକ୍ରୋ ଗ୍ରିଡ୍ ଟେକ୍ନୋଲୋଜି କ୍ଷେତ୍ରରେ ଗବେଷଣା, ଅକ୍ଷୟ ଶକ୍ତି ଏକୀକରଣ ପାଇଁ ଗ୍ରୀଡ୍ ପରିଚାଳନା ରଣନୀତିର ପ୍ରସ୍ତୁତି ଏବଂ ଜଳବାୟୁ ତଥା ପରିବେଶ ବିଜ୍ଞାନ କ୍ଷେତ୍ରରେ ଅଧିକ ଅଧ୍ୟୟନ ସମ୍ଭବପର ହେବ। ଏହି ସହଯୋଗ ଶକ୍ତି କ୍ଷେତ୍ରରେ ପେସାଦାର ମାନବସମ୍ବଳ ସୃଷ୍ଟି ଦିଗରେ ମଧ୍ୟ ଅଧିକ ସହାୟକ ହେବ ଏବଂ ଏହା ଅକ୍ଷୟ ଶକ୍ତି ଗବେଷଣା ଏବଂ ନବସୃଜନ କ୍ଷେତ୍ରରେ ମଧ୍ୟ ଓଡ଼ିଶାକୁ ଏକ ଅଗ୍ରଣୀ ସ୍ଥାନରେ ପହଞ୍ଚାଇବ । ଏହି ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସିଙ୍ଗାପୁର ପରିବହନ ଏବଂ ଉପ-ଅର୍ଥମନ୍ତ୍ରୀ ଚି ହଙ୍ଗ୍ ଟାଟ୍, ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତି ପରିଡ଼ାଙ୍କ ସହ ଏନଟିୟୁ, ସିଙ୍ଗାପୁର, ଆଇଆଇଟି, ଭୁବନେଶ୍ୱର ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ସ୍ୱତନ୍ତ୍ର ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୭/୧: ଆପଣମାନେ ଯେପରି ଖୁସି ମନରେ ତୀର୍ଥଯାତ୍ରା କରିବାକୁ ଯାଉଛନ୍ତି, ସେହିଭଳି ସୁସ୍ଥ ଓ ନିରାପଦ ଭାବେ ତୀର୍ଥଯାତ୍ରା ସମ୍ପନ୍ନ କରି ଅଶେଷ ପୁଣ୍ୟ ଅର୍ଜନ କରି ଘରକୁ ଫେରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଠାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ଅବସରରେ ବରିଷ୍ଠ ନାଗରିକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି । ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା ଓ ଢେଙ୍କାନାଳ ଜିଲ୍ଲାର ୮୦୦ ଜଣ ବରିଷ୍ଠ ନାଗରିକ ମହାରାଷ୍ଟ୍ରର ପ୍ରସିଦ୍ଧ ତୀର୍ଥସ୍ଥଳୀ ସିରିଡି ଓ ନାସିକ ଦର୍ଶନ ପାଇଁ ଆଜି ଯାତ୍ରା ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ପାରମ୍ପରିକ ପୂଜା ସହିତ ପତକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏଥି ସହିତ ଟ୍ରେନ ଭିତରେ ବୁଲି ବୁଲି ତୀର୍ଥଯାତ୍ରୀମାନଙ୍କୁ ସଫଳ ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ । ସୂଚନାଯୋଗ୍ୟ ଯେ, ରାଜ୍ୟର ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କ ଆଧ୍ୟାତ୍ମିକ ଓ ଧାର୍ମିକ ଆକାଂକ୍ଷା ପୂରଣ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରାଯାଇଛି । ଚଳିତ ବର୍ଷ ରାଜ୍ୟର ୮୦୦୦ ବରିଷ୍ଠ ନାଗରିକଙ୍କ ପାଇଁ ୧୦ଟି ପର୍ଯ୍ୟାୟରେ ସିରିଡି, ନାସିକ, କୋଲକତା ଦକ୍ଷିଣକାଳୀ, କାମାକ୍ଷା, ଅଯୋଧ୍ୟା, ବାରଣାସୀ ଆଦି ତୀର୍ଥସ୍ଥାନ ଭ୍ରମଣର ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, ରାୟଗଡା ଓ ବାଲେଶ୍ୱର ଷ୍ଟେସନରୁ ଦୁଇଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଟ୍ରେନ ଚଳାଚଳ କରିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ସନାତନ ପରମ୍ପରା ଅନୁଯାୟୀ, ଜୀବନକାଳ ମଧ୍ୟରେ କିଛି କିଛି ଧର୍ମସ୍ଥଳୀ ଦର୍ଶନ କରି ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ କରିବା ସମସ୍ତଙ୍କ ଇଚ୍ଛା ଥାଏ । କୌଣସି କାରଣ ବଶତଃ ଏହା ସମ୍ଭବ ହୋଇନଥାଏ । ଖୁସିର କଥା ଆପଣମାନଙ୍କ ପାଇଁ ବାବା ଭୋଲେନାଥ ଓ ସିରିଡି ସାଇଙ୍କ ଦରବାରକୁ ଡୋର ଲାଗିଛି ଏବଂ ଆପଣମାନେ ତାଙ୍କ ଦର୍ଶନ ପାଇଁ ଯାଉଛନ୍ତି । ନିଜର ଓ ନିଜ ପରିବାରର ମଙ୍ଗଳ କାମନା କରିବା ସହିତ ରାଜ୍ୟର ସମୃଦ୍ଧି ଓ ଉନ୍ନତି ପାଇଁ ମଧ୍ୟ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବେ । ସେ ଆହୁରି କହିଥିଲେ ଯେ, ଭାରତୀୟ ସଂସ୍କୃତିକୁ ଏକ ସୂତ୍ରରେ ବାନ୍ଧି ରଖିଛି ଆମ ମନ୍ଦିର ପରମ୍ପରା । ଅତୀତରେ ମନ୍ଦିର ପରମ୍ପରା ଆମ ସାଂସ୍କୃତିକ ଭାବ ବିନିମୟର କେନ୍ଦ୍ର ଥିଲା । ଆମ ଐତିହ୍ୟ, କଳା, ସଂସ୍କୃତି, ଭାସ୍କର୍ଯ୍ୟ ଓ ଅର୍ଥନୀତିର ସମନ୍ୱୟ ପୀଠ ଥିଲା ମନ୍ଦିର । ସେଥିପାଇଁ ପ୍ରତ୍ୟେକ ଭାରତୀୟମାନେ ତୀର୍ଥସ୍ଥଳୀ ଓ ମନ୍ଦିର ପରିଦର୍ଶନ କରିବା ପାଇଁ ମନ ଭିତରେ ସବୁ ବେଳେ ଆଶା ରଖିଥାନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତୀର୍ଥଯାତ୍ରୀମାନେ ଯେପରି ସୁରୁଖୁରୁରେ, ସୁବିଧାରେ ଭ୍ରମଣ ଓ ଦର୍ଶନ କରିପାରିବେ ସେଥିପାଇଁ ସେମାନଙ୍କ ସହିତ ପୁରା ଯାତ୍ରା ସମୟ ପାଇଁ ସ୍ୱତନ୍ତ୍ର ଅଧିକାରୀ, ଗାଇଡ୍ ଓ ଡାକ୍ତରୀ ଦଳର ବ୍ୟବସ୍ଥା କରାଯାଇଛି । ସମସ୍ତ ତୀର୍ଥଯାତ୍ରୀଙ୍କୁ ନିଜ ଗ୍ରାମଠାରୁ ସେମାନେ ଯାତ୍ରା ଆରମ୍ଭ କରୁଥିବା ରେଳ ଷ୍ଟେସନ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଯିବା ଆସିବା ସୁବିଧା କରାଯାଇଛି । ଯାତ୍ରା ସମୟରେ ସେମାନଙ୍କର ରହିବା, ଖାଇବା ପିଇବା ସହିତ ରେଳ ଷ୍ଟେସନରୁ ତୀର୍ଥସ୍ଥାନ ପର୍ଯ୍ୟନ୍ତ ଯିବା ଆସିବା ସୁବିଧା ମଧ୍ୟ କରାଯାଇଛି । ଯାତ୍ରା ସମୟରେ ସମସ୍ତେ ସତର୍କ ରହିବା ସହିତ ନିୟୋଜିତ ଅଧିକାରୀ ଓ ଗାଇଡ୍‌ଙ୍କ ତତ୍ତ୍ୱାବଧାନରେ ତୀର୍ଥସ୍ଥଳୀ ବୁଲିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ନୂଆ ସରକାର ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ସୁରକ୍ଷା ଓ ଉତ୍ତମ ଜୀବନଯାପନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ବରିଷ୍ଠ ନାଗରିକମାନେ ସୁସ୍ଥ ରହିଲେ, ସେମାନଙ୍କ ମୁହଁରେ ହସ ଫୁଟିଲେ, ସେଇଟା ହିଁ ହେବ ରାଜ୍ୟ ପାଇଁ ବିଶେଷ କରି ମୋ ପାଇଁ ବଡ ଆଶୀର୍ବାଦ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ, ଆମ ରାଜ୍ୟର ସାଂସ୍କୃତିକ ପର୍ଯ୍ୟଟନର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ହେଉଛି ଏକ ଅନନ୍ୟ କାର୍ଯ୍ୟକ୍ରମ । ଏହି ତୀର୍ଥଯାତ୍ରା ଆପଣମାନଙ୍କୁ ଏକ ନୂତନ ଦୃଷ୍ଟିଭଙ୍ଗୀ ଓ ଅନୁଭବ ପ୍ରଦାନ କରିବ । ଏହି ଯୋଜନା ମାଧ୍ୟମରେ ଆମେ ଆମ ବରିଷ୍ଠ ନାଗରିକଙ୍କ ଇଚ୍ଛାକୁ ଯଥାର୍ଥ ସମ୍ମାନ ଜଣାଇପାରୁଛୁ । ଏହି ଯୋଜନା ଆମ ବରିଷ୍ଠ ନାଗରିକମାନଙ୍କୁ ମାନସିକ ଓ ଧାର୍ମିକ ଶାନ୍ତି ପ୍ରଦାନ କରିବା ସହିତ ସେମାନଙ୍କର ତୀର୍ଥଯାତ୍ରା କରିବାର ସ୍ୱପ୍ନ ପୂରଣ କରୁଛି । କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦେବ, ଜଗତସିଂହପୁର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ପୁରୀ ବିଧାୟକ ଶ୍ରୀ ସୁନିଲ କୁମାର ମହାନ୍ତି, ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ ଉପସ୍ଥିତ ଥିଲେ ।

## ରାଷ୍ଟ୍ରୀୟ କ୍ରୀଡ଼ା ପୁରସ୍କାର: ମନୁ ଭାକର ଓ ଗୁକେଶଙ୍କ ସମେତ ୪ କ୍ରୀଡ଼ାବିତ୍ ଖେଳରତ୍ନରେ ସମ୍ମାନିତ



ନୂଆଦିଲ୍ଲୀ,୧୭/୧: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ରାଷ୍ଟ୍ରୀୟ କ୍ରୀଡ଼ା ପୁରସ୍କାର ପୁରସ୍କାର ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ୟାରିସ୍ ଅଲିମ୍ପିକ୍‌ରେ ଦୁଇ ଦୁଇଟି ପଦକ ଜିତିଥିବା ମହିଳା ସୁଟର ମନୁ ଭାକର ଓ ବିଶ୍ୱ ଚେସ୍ ଚମ୍ପିଆନ୍ ଡି. ଗୁକେଶଙ୍କ ସମେତ ୪ ଜଣ ଖେଳାଳିଙ୍କୁ ଖେଳ ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି। ପୁରସ୍କାର ବିତରଣ ସମାରୋହରେ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ମଧ୍ୟ ଉପସ୍ଥିତ ଥିଲେ। ଜାନୁଆରୀ ପ୍ରଥମ ସପ୍ତାହରେ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା କ୍ରୀଡ଼ା ପୁରସ୍କାର ୨୦୨୪ ଘୋଷଣା କରାଯାଇଥିଲା। ମନୁ ଓ ଗୁକେଶଙ୍କ ବ୍ୟତୀତ ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ହରମନପ୍ରୀତ ସିଂହ ଏବଂ ପାରାଲିମ୍ପିୟନ ପ୍ରବୀଣ କୁମାରଙ୍କୁ ମଧ୍ୟ ଖେଳ ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଛି। ଖେଳ ରତ୍ନ ବ୍ୟତୀତ ୩୪ ଜଣ କ୍ରୀଡ଼ାବିତ୍‌ଙ୍କୁ ୨୦୨୪ରେ ଖେଳରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଛି।

### ଏନଇପି ଲାଗୁ ପରେ ବଦଳିଯିବ ସ୍କୁଲ୍ ପାଠପଢ଼ା ଢାଞ୍ଚା

## ଲାଗୁ ହେବ ୫+୩+୩+୪ ଫର୍ମୁଲା

**ଭୁବନେଶ୍ୱର, ୧୭/୧:** ସ୍କୁଲ ସ୍ତରରେ ଜାତୀୟ ଶିକ୍ଷା ନୀତି ଲାଗୁ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଗଠନ ହେଲା ଷ୍ଟିୟରିଂ କମିଟି। ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିର ସୁପାରିସ ଅନୁଯାୟୀ ପ୍ରସ୍ତୁତ ହେବ ଖସଡ଼ା । କ୍ରୀଡ଼ା ସହ ଦକ୍ଷତା ବୃଦ୍ଧିକୁ ଦିଆଯିବ ଗୁରୁତ୍ୱ। ବିଭାଗ ଏନେଇ କସରତ ଆରମ୍ଭ କରିଥିବା ବେଳେ ଅଭିଭାବକ ଓ ଛାତ୍ରଛାତ୍ରୀ ବି ନୂଆ ଢାଞ୍ଚାକୁ ସ୍ୱାଗତ କରୁଛନ୍ତି। ଆସନ୍ତୁ ଜାଣିବା ଜାତୀୟ ଶିକ୍ଷା ନୀତି ଲାଗୁ ହେବା ପରେ କେମିତି ପୁରା ବଦଳିଯିବ ପିଲାଙ୍କ ପାଠପଢ଼ା । ଲାଗୁ ହେବ ୫+୩+୩+୪ ଫର୍ମୁଲା । ସସପେନ୍ସରେ ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷା ଢାଞ୍ଚା । ଜାତୀୟ ଶିକ୍ଷା ନୀତି ବା ଘରଚ ୨୦୨୦ ଲାଗୁ ହେବା ପରେ ଶିଶୁକୁ ୩ ବର୍ଷ ବୟସରୁ ଶିକ୍ଷା ପରିଧିକୁ



ଅଣାଯିବ। ଅଙ୍ଗନବାଡି, ପ୍ରାକ୍ ସ୍କୁଲ, ବାଲ ବାଟିକା ସହିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯାଏ ମୋଟ ୫ ବର୍ଷକୁ ପ୍ରାରମ୍ଭ ବର୍ଗରେ ରଖାଯାଇଛି । ସେହିପରି ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀ ଯାଏ ପ୍ରସ୍ତୁତି ବର୍ଗ, ଷଷ୍ଠ ରୁ ଅଷ୍ଟମ ଯାଏ ମଧ୍ୟମ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ଯାଏ ମାଧ୍ୟମିକ ପର୍ଯ୍ୟାୟ ଭାବେ ବର୍ଗୀକରଣ କରାଯାଇଛି । ୬ରୁ ୮ ବର୍ଷ ଭିତରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ, ୮ରୁ ୧୧ ବର୍ଷ ବୟସରେ ତୃତୀୟରୁ ପଞ୍ଚମ, ୧୧ରୁ ୧୪ ବର୍ଷ ବୟସରେ ଷଷ୍ଠରୁ ଅଷ୍ଟମ ଏବଂ ୧୪ରୁ ୧୮ ବର୍ଷ ବୟସରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପାଠ ପଢ଼ିବେ। ସେହିପରି ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷାରେ ବି ବ୍ୟାପକ ସଂସ୍କାର ଆସିବ। ତେବେ ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷା କିପରି ଢାଞ୍ଚାରେ ହେବ ତାହା ଏଯାଏ ଅସ୍ପଷ୍ଟ ରହିଛି। ସ୍କୁଲ ସ୍ତରରେ ଘରଚ ଲାଗୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଭାଗୀୟ ମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ଡ୍ରପ୍ ଆଉଟ୍ ରେଟ୍ କମିବ । ଏଣେ ଜାତୀୟ ଶିକ୍ଷା ନୀତି ଲାଗୁ କରାଯିବା ନେଇ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ୧୬ ଜଣିଆ ଷ୍ଟିୟରିଂ କମିଟି ଗଠନ କରିଛି ଗଣଶିକ୍ଷା ବିଭାଗ । କମିଟିର ଦାୟିତ୍ୱ ହେଲା ବାଲ୍ ବାଟିକାଠୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ଯାଏ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବା । ସୂଚନା ଅନୁସାରେ, ଏଥିରେ ଆଞ୍ଚଳିକ ବିଷୟ ବସ୍ତୁକୁ ମିଳିବ ଗୁରୁତ୍ୱ । ସେପଟେ ଚଳିତ ମାସ ୨୧ରୁ ୨୩ ତାରିଖ ଯାଏ ନୂଆ ଜାତୀୟ ଶିକ୍ଷା ନୀତି ୨୦୨୦ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଯେଉଁଥିରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ଜାତୀୟ ଶିକ୍ଷା ନୀତିରେ ଆଂଚଳିକ ଭାଷା, ସଂସ୍କୃତି, ଐତିହ୍ୟ ମହାପୁରୁଷଙ୍କ ଜୀବନୀକୁ ଗୁରୁତ୍ୱ ଦିଆଯିବ। ଜାତୀୟ ଶିକ୍ଷା ନୀତିରେ ଆଂଚଳିକ ବିଷୟ ଓ ତାଲିମଯୁକ୍ତ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବାରୁ ଅଭିଭାବକଙ୍କଠାରୁ ଆରମ୍ଭ କରି ଶିକ୍ଷାବିତ୍‌ଙ୍କ ଯାଏ ସମସ୍ତେ ଖୁସି ।

## ପାଣ୍ଡିଆନଙ୍କ ଦରବାର ଫେରିଲା: ନବୀନ ନୁହେଁ, ପାଣ୍ଡିଆନଙ୍କୁ ଭେଟୁଛନ୍ତି ନେତା

ଭୁବନେଶ୍ୱର,୧୭/୧: କିଛି ମାସର ବ୍ୟବଧାନ ପରେ ବିଜେଡି ପୁରୁଣା ଧାରାକୁ ଫେରିଛି। ନବୀନ ନିବାସରେ ଆଉ ନବୀନଙ୍କ ଦରବାର ଚାଲୁନି। ପୂର୍ବପରି ଭି କେ ପାଣ୍ଡିଆନ ଦରବାର କଲେଣି। ବିଜେଡିର ସାଂଗଠନିକ କାର୍ଯ୍ୟ ସମ୍ପର୍କରେ ସେ ହିଁ ନେତାମାନଙ୍କ ସହ ଆଲୋଚନା କରୁଛନ୍ତି। ନେତାମାନଙ୍କର ଲିଖିତ ପ୍ରସ୍ତାବ ରଖୁଛନ୍ତି। ଏସବୁ ଲୁଚାଛପାରେ କରାଯାଉନାହିଁ। ବରଂ ସବୁକିଛି ସମସ୍ତଙ୍କ ସାମ୍ନାରେ ଚାଲିଛି। ଏକଥା ଦେଖି ଏବେ ଛାମୁଆ ନେତା ଓ କର୍ମୀ ଚିନ୍ତିତ। ସ୍ଥିତି ଧୀରେ ଧୀରେ ଗମ୍ଭୀର ରୂପ ନେବାକୁ ଯାଉଛି। ଆଗକୁ ଏହା ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିପାରେ, ଏମିତି ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ନିର୍ବାଚନରେ ବିଜେଡିର ପରାଜୟ ପାଇଁ ଗୋଟିଏ ବର୍ଗ ପାଣ୍ଡିଆନଙ୍କ ଉପରକୁ ଆଙ୍ଗୁଠି ଉଠାଇଥିଲେ। ପାଣ୍ଡିଆନ ମଧ୍ୟ ନିଜେ ସାମାଜିକ ଗଣମାଧ୍ୟମ ସାମ୍ନାକୁ ଆସି ରାଜନୀତିରୁ ସନ୍ନ୍ୟାସ ଘୋଷଣା କରିଥିଲେ। ଏହାପରେ ନବୀନ ଗଣମାଧ୍ୟମରେ ବାରମ୍ବାର ପାଣ୍ଡିଆନଙ୍କୁ ସାର୍ଟିଫିକେଟ୍ ଦେଇଛନ୍ତି। ମାତ୍ର ସେବେଠୁ ନବୀନ ନିବାସ ବାହାରେ ନବୀନଙ୍କ ପାଖରେ ଆଉ ପାଣ୍ଡିଆନଙ୍କୁ ଦେଖିବାକୁ ମିଳୁନାହିଁ। କିଛି ଦିନ ଧରି ଦେଖାଯାଉଥିଲା ଯେ ଦଳୀୟ ନେତାମାନେ ନବୀନଙ୍କ ପାଖରେ ଆଲୋଚନା କରୁଥିଲା ବେଳେ ପାଣ୍ଡିଆନ ସେଠାରେ ବସୁ ନଥିଲେ। ନବୀନ ସିଧା ସିଧା ନେତାମାନଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରୁଥିଲେ। ଏଇ କିଛି ଦିନ ହେବ କିନ୍ତୁ ବିଜେଡି ଶିବିରରେ ଗୋଟିଏ ବଡ଼ ପରିବର୍ତ୍ତନ ଚର୍ଚ୍ଚା ଚାଲିଛି। ନବୀନଙ୍କୁ ଦେଖା କରିବାକୁ ଯାଉଥିବା ନେତାଙ୍କୁ ପାଣ୍ଡିଆନଙ୍କୁ ଭେଟିବା ପାଇଁ କୁହାଯାଉଛି। ବିଭିନ୍ନ ଜିଲ୍ଲାର ନେତା ପାଣ୍ଡିଆନଙ୍କୁ ଭେଟି ସଂଗଠନ ସମ୍ପର୍କରେ ଆଲୋଚନା କରୁଛନ୍ତି। ଦଳର ଦୈ?ନନ୍ଦିନ ପରିଚାଳନା କାମ ବି ତାଙ୍କ ମାର୍ଫତରେ ହେଉଛି। କିଏ ସାମ୍ବାଦିକ ସମ୍ମିଳନୀରେ ବସିବେ, ଦଳ କେଉଁ ପ୍ରସଙ୍ଗରେ କେଉଁ ଆଭିମୁଖ୍ୟ ଗ୍ରହଣ କରିବ, ସେସବୁ ନିଷ୍ପତ୍ତି ପାଣ୍ଡିଆନ ନେଉଛନ୍ତି। ନିର୍ବାଚନ ପୂର୍ବରୁ ସେ ଯେଉଁ ନିର୍ଦ୍ଦିଷ୍ଟ ନେତାମାନଙ୍କୁ ନେଇ ଦଳର ପରିଚାଳନା କରୁଥିଲେ, ଏବେ ଠିକ୍ ସେହି ଧାରା ଆରମ୍ଭ ହୋଇଛି । ବିଜେଡି ସରକାର ସମୟରେ ବିପୁଳ କ୍ଷମତା ଉପଭୋଗ କରିଥିବା ପୂରା ଗୋଷ୍ଠୀ ନିର୍ବାଚନୀ ବିପର୍ଯ୍ୟୟର ନୈତିକ ଦାୟିତ୍ୱ ମୁଣ୍ଡାଇବା ପରିବର୍ତ୍ତେ ପୁଣିଥରେ ଦଳକୁ ନିଜ ନିୟନ୍ତ୍ରଣକୁ ଆଣିବାକୁ ପ୍ରାୟତଃ ସକ୍ଷମ ହୋଇଛନ୍ତି। କଥାଟି ସେତିକିରେ ଅଟକି ନାହିଁ। ସାମାଜିକ ଗଣମାଧ୍ୟମରେ ପାଣ୍ଡିଆନଙ୍କର



ଭାବମୂର୍ତ୍ତି ବନାଇବା ପାଇଁ ଉଦ୍ୟମ ଚାଲିଛି। ବିଜେଡିର ଗୋଟିଏ ଟିମ୍ ଏହି କାମରେ ନିୟୋଜିତ ହୋଇଛନ୍ତି। ଭି କେ ପାଣ୍ଡିଆନ୍ ଫ୍ୟାନ୍ କ୍ଲବ୍ ନାମରେ ଏକ ଆକାଉଣ୍ଟ୍ ସାମାଜିକ ଗଣମାଧ୍ୟମରେ ରହିଛି। ପୂର୍ବ ସରକାର ସମୟରେ ହୋଇଥିବା କିଛି ବଡ଼ ପ୍ରକଳ୍ପ ଓ କିଛି ସଫଳ କାହାଣୀର ଫଟୋ ଓ ଭିଡିଓ ଏଥିରେ ପୋଷ୍ଟ କରାଯାଉଛି। 'ନବୀନ-ପାଣ୍ଡିଆନ୍ ଯୁଗ'ରେ ଏସବୁ ସମ୍ଭବ ହୋଇଥିଲା ବୋଲି ଦର୍ଶାଯାଉଛି। ଅର୍ଥାତ୍ ପୂର୍ବ ସରକାରର କୌଣସି ସଫଳତାର ଶ୍ରେୟ କେବଳ ନବୀନଙ୍କୁ ଦେବାକୁ ଏହି ଗୋଷ୍ଠୀ ନାରାଜ। ପୁଣି ଥରେ ପାଣ୍ଡିଆନଙ୍କୁ ମହାନାୟକ ଭାବେ ଉପସ୍ଥାପିତ କରିବାକୁ ଏହି ଗୋଷ୍ଠୀ ବେଶ୍ ସକ୍ରିୟ ହୋଇପଡ଼ିଛନ୍ତି। ବିଜେଡିର ବହୁ ଯୁବ ଓ ଛାତ୍ର ନେତା ଏହାକୁ ସେୟାର କରୁଥିବା ଦେଖିବାକୁ ମିଳୁଛି। ଏହାକୁ ନେଇ ଦଳ ଭିତରେ କିନ୍ତୁ ଅସନ୍ତୋଷ ବଢ଼ିବାରେ ଲାଗିଛି। କିଛି ନେତା ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି ଯେ ଗତ ନିର୍ବାଚନରେ ଏସବୁ କାର୍ଯ୍ୟର ପରାଭବ ଭୋଗିବାକୁ ପଡ଼ିଲା। ବିଜେଡି ମାଟି କାମୁଡ଼ିଲା। ନବୀନଙ୍କ ନାମରେ ଭୋଟ୍ ଅଛି ବୋଲି ସମସ୍ତେ ଜାଣୁଥିଲେ ହେଁ ଜବରଦସ୍ତ ପାଣ୍ଡିଆନଙ୍କୁ ତାଙ୍କ ସହ ଯୋଡ଼ି ସବୁ କାମର ଶ୍ରେୟ ଦେବାକୁ ସେତେବେଳେ ଉଦ୍ୟମ କରାଗଲା। ସେଥି ପାଇଁ ହିଁ ବିଜେଡି ବିରୋଧରେ ବିଜେପିର ଓଡ଼ିଆ ଅସ୍ମିତା ନାରା ଲୋକଙ୍କୁ ଛୁଇଁଗଲା। ଏମିତିରେ ବି ଯେତେବେଳେ ରାଜ୍ୟରେ ଯେଉଁ ଭଲ କାମ ହୁଏ, ତାହାର ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ଯିବା ସ୍ୱାଭାବିକ। କିନ୍ତୁ ସେଥିରେ ପାଣ୍ଡିଆନଙ୍କ ନାମ ଯୋଡ଼ି ବିଜେଡିର ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦଳକୁ ତଳିତଳାନ୍ତ କରିଦେଲେ। ଏବେ ପୁଣି ସେହି ଧାରା ଆରମ୍ଭ ହୋଇଛି। ନବୀନ-ପାଣ୍ଡିଆନ ଯୁଗର ସଫଳତାକୁ ବଖାଣି ନବୀନଙ୍କ ଗୁରୁତ୍ୱ କମାଇବାକୁ ହୀନ ପ୍ରୟାସ କରାଯାଉଛି ବୋଲି ମତପ୍ରକାଶ ପାଉଛି। ତାଙ୍କ ନାମରେ ଫ୍ୟାନ୍ କ୍ଲବ ଚାଲିଛି, ସେ ସଂପର୍କରେ ପାଣ୍ଡିଆନ ଯେ ଜାଣି ନଥିବେ, ଏକଥା ଦଳୀୟ ନେତା ବିଶ୍ୱାସ କରିବାକୁ ନାରାଜ। କାରଣ ବେଶ୍ ଯୋଜନାବଦ୍ଧ ଭାବେ ବିଭିନ୍ନ ଫଟୋ ଓ ଭିଡିଓଗୁଡ଼ିକୁ ନିୟମିତ ଭାବେ ଏଥିରେ ପୋଷ୍ଟ କରାଯାଉଛି। ହେଲେ କମେଣ୍ଟ ବକ୍ସରେ ଲୋକଙ୍କ ପ୍ରତିକ୍ରିୟାର ଧାରା ଭିନ୍ନ। ଅନ୍ୟପଟରେ ପୁଣି ଥରେ ପାଣ୍ଡିଆନଙ୍କୁ ସବୁ ସମର୍ପି ଦେଇ ନବୀନ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି, ତାହା ବି ଦଳୀୟ ନେତାଙ୍କ ପାଇଁ ଅବୁଝା ରହିଛି। ରାଜନୈତିକ ପର୍ଯ୍ୟବେକ୍ଷକ ମହଲର ମତ ହେଉଛି, ଏହା ସମସ୍ତେ ଭଲ ଭାବେ ଜାଣନ୍ତି ଯେ ସର୍ବସାଧାରଣରେ ପାଣ୍ଡିଆନଙ୍କୁ ନେତା ଭାବେ କେହି ଗ୍ରହଣ କରିନାହାନ୍ତି। ତାଙ୍କରି ଯୋଗୁ ହିଁ ବିଜେଡି ଅପ୍ରତ୍ୟାଶିତ ପରାଜୟର ସାମ୍ନା କଲା। ପରବର୍ତ୍ତୀ ସମୟରେ ପାଣ୍ଡିଆନଙ୍କ ଦୁଇ ଘନିଷ୍ଠ ସହଯୋଗୀ କେନ୍ଦ୍ରୀୟ ଡେପୁଟେସନରେ ଯିବା ଏବଂ ଦୁଇ ଜଣ ରାଜ୍ୟସଭା ସାଂସଦ ବିଜେଡି ଛାଡ଼ି ବିଜେପିକୁ ଯିବା; ଉଭୟ ଘଟଣା ସନ୍ଦେହମୁକ୍ତ ନୁହେଁ। କେନ୍ଦ୍ର ସହିତ ସଂପର୍କ ପ୍ରସଙ୍ଗକୁ ନେଇ ଆଲୋଚନା ଥମିନି। ଠିକ୍ ଏମିତି ସମୟରେ ଦଳରେ ପାଣ୍ଡିଆନଙ୍କ ଦବ୍‌ଦବା ବୃଦ୍ଧି ବିଜେଡିକୁ ସଶକ୍ତ କରିବ ନା ବିଜେପିକୁ କ୍ଷେତ୍ର ପ୍ରସାର ପାଇଁ ସୁଯୋଗ ଦେବ, ତାହା ଉପରେ ନଜର ରହିଛି।

# ମାରଦା ମହୋତ୍ସବ ଉଦଘାଟିତ

## ଲୋକାରଣ୍ୟ ଶରଣ ଶ୍ରୀକ୍ଷେତ୍ର



ପୋଲସରା **୧୭/୧(ନି.ପ୍ର):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପୋଲସରା ବ୍ଲକର ମଥୁରା ଗ୍ରାମର ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପୀଠରେ ପ୍ରଭୁ ଜଗନ୍ନାଥ ଦୀର୍ଘ ଅଢେଇ ବର୍ଷ ଲୁକାୟିତ ଭାବେ ରହି ଘଞ୍ଚ ଅରଣ୍ୟ ମଧ୍ୟରେ ପୂଜା ପାଉଥିଲେ। ସେହି ଜଗନ୍ନାଥ ସଂସ୍କୃତିକୁ ମନେପକାଇବା ପାଇଁ ଜାନୁଆରୀ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ମାରଦା ମହୋତ୍ସବର ପ୍ରଥମ ସନ୍ଧ୍ୟାର କାର୍ଯ୍ୟକ୍ରମରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଉଦଘାଟନ କରିଥିଲେ। ମାରଦା ମହୋତ୍ସବ କମିଟିର ସଭାପତି ମତ୍ସ୍ୟ ଓ ପଶୁ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଯାହା ଆଶା କରାଯାଉଥିଲା ତାହାଠାରୁ ଯଥେଷ୍ଟ ଅଧିକ ଜନ ସମାଗମ ହୋଇ ମାରଦା ମନ୍ଦିର ପୀଠ ଲୋକାରଣ୍ୟ ହୋଇଯାଇଥିଲା। ମାରଦା ମନ୍ଦିର ଐତିହ୍ୟ ଓ ସଂସ୍କୃତି ବିଷୟରେ ଜାଣିବା ପରେ ବହୁତ ଖୁସି ଅନୁଭବ କରି ଜଗନ୍ନାଥଙ୍କ ଲିଳା ଖେଳା ସ୍ୱୟଂ ଜଗନ୍ନାଥଙ୍କୁ ଜଣା ବୋଲି କହି ମାରଦା ମନ୍ଦିର ପାଇଁ ଆର୍ଥିକ ସହଯୋଗ କରିବା ପାଇଁ ଉଦ୍ଘାଟକ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ଅତିଥିଭାବେ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଆସିକା ସାଂସଦ ଅନିତା ସୁଭଦର୍ଶିନୀ ପ୍ରମୁଖ ଯୋଗ ଦେଇ ମାରଦା ପୀଠର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଜଗନ୍ନାଥ ସଂସ୍କୃତି ଗବେଷକ ଡ଼ଃ କୃଷ୍ଣ କେଶବ ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ବକ୍ତବ୍ୟ ରଖିବା ସହ ମାରଦା ପୀଠର ଐତିହ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥିଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଖଲିକୋଟ ବିଧାୟକ ପୂର୍ଣଚନ୍ଦ୍ର ସେଠୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ସମେତ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ସିଡିଓ ମଧୁମିତା, ଆଠଗଡ଼ ମହାରାଜ ଦୁର୍ଗାଶଙ୍କର ପ୍ରସାଦ ହରିଚନ୍ଦନ ଜଗଦେବ, ଦକ୍ଷିଣାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ , ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ମଥୁରା ମହନ୍ତ ସୁନ୍ଦର ରାମଦାସ ପ୍ରମୁଖ ମଞ୍ଚାସିନ ରହି ବକ୍ତବ୍ୟ ରଖିଥିଲେ । ତିନି ଗୋଟି ପୁସ୍ତକର ଉନ୍ମୋଚନ , ଅଞ୍ଚଳର ବ୍ୟକ୍ତି ବିଶେଷଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ଅତିଥି ମାନଙ୍କ ଦ୍ୱାରା ସମ୍ମାନୀତ କରିବା ସହ ଅତିଥି ବୃନ୍ଦଙ୍କୁ ମାରଦା ସଂସ୍କୃତି ସମ୍ପର୍କିତ ଉପହାର ଦେଇ ସମ୍ମାନିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ଗାୟିକା ଅସିମା ପଣ୍ଡାଙ୍କ ଗୀତରେ ଦର୍ଶକ ମାନେ ନାଚି ଉଠିଥିଲେ। ପ୍ରଥମ ଦିନର କାର୍ଯ୍ୟକ୍ରମ ସଫଳ ଭାବେ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ପ୍ରଭାକର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜାନୁୟାରୀ ୨୦ ରୁ ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ

ବାଲିଗୁଡା **୧୭/୧(ନି.ପ୍ର):** ଗୁରୁସତ୍ତା ପରମ ପୁଜ୍ୟ ଗୁରୁଦେବ ପଣ୍ଡିତ ଶ୍ରୀ ରାମ ଶର୍ମା ଆଚାର୍ଯ୍ୟ ଏବଂ ବନ୍ଦନୀୟ ମାତା ଭଗବତୀ ଦେବୀ ଶର୍ମା ଏବଂ ମାତା ଗାୟତ୍ରୀଙ୍କର କୃପା ଏବଂ ତାଙ୍କ ସୁକ୍ଷ୍ମ ସଂରକ୍ଷଣରେ ବ୍ୟକ୍ତି ନିର୍ମାଣ, ପରିବାର ନର୍ମାଣ, ସମାଜ ନିର୍ମାଣ ଏବଂ ରାଷ୍ଟ୍ର ରେ ନବନିର୍ମାଣ ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଗାୟତ୍ରୀ ଶକ୍ତିପୀଠ ଠାରେ ୨୭ ତମ ବାର୍ଷିକ ଉତ୍ସବ ଏବଂ ରାଷ୍ଟ୍ର ଜାଗରଣ ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ କାର୍ଯ୍ୟକ୍ରମ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିସର ମଧ୍ୟରେ ଆୟୋଜନ ହେଉଛି କ୍ଷ ଏହି ପରିପ୍ରେକ୍ଷୀରେ ଚଳିତ ମାସ ୨୦ ତାରିଖ ସୋମବାର ଦିନ ସକାଳ ୧୦ ଘଟିକା ସମୟରେ ଏକ ବିରାଟ କଳସଯାତ୍ରା ଆୟୋଜନ ହେବା ସହ ୨୧ତାରିଖ ମଙ୍ଗଳବାର ଦିନ ସକାଳ ୬ ଘଟିକା ସମୟରେ ରୁଦ୍ରାଭିଷେକ, ପୂର୍ବାହ୍ନ ୧୦ ଘଟିକା ରେ ଘୃତଯଜ୍ଞ ଆରମ୍ଭ ହେବ ଏବଂ ସନ୍ଧ୍ୟା ୬ ଘଟିକାରେ ଦୀପଯଜ୍ଞ, ୨୨ ତାରିଖ ବୁଧବାର ଦିନ ଘୃତଯଜ୍ଞ ପୂର୍ଣାହୁତୀ ହେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ସମଗ୍ର କନ୍ଧମାଳ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏତଦ ବ୍ୟତୀତ ୨୨ ତାରିଖ ବୁଧବାର ଠାରୁ ୨୪ ତାରିଖ ଶୁକ୍ରବାର ତିନିଦିନ ଧରି ପ୍ରତ୍ୟହ ସନ୍ଧ୍ୟା ୬ ଘଟିକା ଠାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ପାଟଖଣ୍ଡା ମନ୍ଦିର ପରିସର ମଧ୍ୟରେ ସ୍ଥାନୀୟ ଗାୟତ୍ରୀ ପରିବାର, ଏବଂ ମା' ପାଟଖଣ୍ଡା ପରିଚାଳନା କମିଟିଙ୍କ ମିଳିତ ସହଯୋଗରେ ମାଳିକା ପ୍ରବଚକ ଶ୍ରୀ ପରିବ୍ରାଜକ ପ୍ରମୋଦ ପୃଷ୍ଟି ଙ୍କ ଦ୍ୱାରା ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଅତଃ ଆପଣ ସମସ୍ତ ଧର୍ମପ୍ରେମୀ, ଭାଇ, ଭଉଣୀ, ମାତା, ମାନଙ୍କୁ ଅନୁରୋଧ କି, ଏହି ଯଜ୍ଞରେ ସପରିବାର ଯୋଗ ଦେଇ ଧର୍ମ ଏବଂ ସୁଖ, ସମୃଦ୍ଧି ଲାଭ କରିବା ହେବେ।

## ଫାଶୀ ଲଗାଇ ଯୁବକର ମୃତ୍ୟୁ

ପାଟଣା **୧୭/୧(ନି.ପ୍ର):** ଘଟଗାଁ ଥାନା ଅଞ୍ଚଳ ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ବଡମସିଣାବିଲ୍ଲା ଗ୍ରାମର ବିଜୁ ମୁଣ୍ଡାଙ୍କ ପୁଅ ରବି ମୁଣ୍ଡା (୨୨) ଗତରାତି ନିଜ ଘର ଠାରୁ କିଛି ଦୂର ଏକ ବରଗଛରେ ନିଜ ପିନ୍ଧା ସାର୍ଟରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଗତରାତି ଏକ ଶୁଦ୍ଧି କ୍ରିୟାରେ ସାମିଲ ଥିବା ରବି ଘରକୁ ନିଶାଶକ୍ତ ଅବସ୍ଥାରେ ଫେରିବା ପରେ ମାଆ ଙ୍କ ସହ କଳି ଝଗଡା ହୋଇଥିଲା । ଏହାପରେ ରବି ନିଜ ମୋବାଇଲ କୁ କଚାଡି ଭାଙ୍ଗି ଦେବା ସହ ଘରୁ ବାହାରି ପଳାଇ ଯାଇଥିଲା । ପୁଅର ରାଗ କମିଲେ ଘରକୁ ଫେରି ଆସିବ ବୋଲି ତାଙ୍କ ମାଆ ଅପେକ୍ଷା କରିବା ପରେ ରାତିରେ ରବି ଘରକୁ ଫେରି ଆସିବ ଭାବିଥିଲେ । କିନ୍ତୁ ରବି ଘରକୁ ରାତି ନଫେରିବାରୁ ଘର ଲୋକେ ଖୋଜା ଖୋଜି ସମୟରେ ଆଜି ଅପରାହ୍ନ ୨ ଟା ସମୟରେ ଘର ଠାରୁ କିଛି ଦୂର ଏକ ବରଗଛରୁ ତାଙ୍କର ମୃତ ଦେହ ଝୁଲୁଥିବା ଦେଖି ପୁଲିସ କୁ ସୂଚନା ଦେଇଥିଲେ ।

## ବାଲିଗୁଡାରେ ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମ



ବାଲିଗୁଡା **୧୭/୧(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବର୍ଦ୍ଧିତ ଭତ୍ତା ବିତରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ,ବାଲିଗୁଡା ବ୍ଲକ ଉପାଧ୍ୟକ୍ଷା ମିଷାବତୀ ମଲ୍ଲିକ ,ଏନଏସି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ,ସାଂସଦ ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ ଧିରଜ ପାତ୍ର ,ଉପଖଣ୍ଡ ସମାଜ ମଙ୍ଗଳ ଅଧିକାରୀ ମାମିତ କୁମାରୀ ପ୍ରଧାନ ,ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦିନେଶ କୁମାର କହଁର ,ପ୍ରମୁଖ ଉପସ୍ଥିତ ରହି ଯେଉଁ ସମାଜରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିଙ୍କୁ ସମ୍ମାନ ଓ ଆଦର ଦିଆଯାଏ, ସେହି ସମାଜ ହେଉଛି ଏକ ଆଦର୍ଶ ସମାଜ ବୋଲି କହିଥିଲେ । ଏ ମାନଙ୍କ ପ୍ରତି ସମାଜ ସମ୍ବେଦନଶୀଳ ହେବା ଆବଶ୍ୟକ । ବରିଷ୍ଠ ନାଗରିକ ମାନେ ହେଉଛନ୍ତି ଆମ ଆସ୍ଥା ଓ ବିଶ୍ୱାସର ମନ୍ଦିର । ରାଷ୍ଟ୍ରୀୟ ସାମାଜିକ କାର୍ଯ୍ୟକ୍ରମର ହିତାଧିକାରୀ ହୁଅନ୍ତୁ ବା ମଧୁବାବୁ ପେନସନ ହିତାଧିକାରୀ, ସମସ୍ତେ ଏହି ବର୍ଦ୍ଧିତ ପେନସନ ପାଇବେ । ୮୦ବର୍ଷ ବା ତା'ଠାରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ ଭିନ୍ନକ୍ଷମ ହିତାଧିକାରୀମାନେ ଆଜିଠାରୁ ମାସକୁ ୩୫୦୦ ଟଙ୍କା ପେନସନ ପାଇବେ । ପୂର୍ବରୁ ସେମାନେ ୧୨୦୦ ଟଙ୍କା ପେନସନ ପାଉଥିବା ବେଳେ ଏଥିରେ ୨୩୦୦ଟଙ୍କା ବୃଦ୍ଧି କରାଯାଇ ୩୫୦୦ ଟଙ୍କା କରାଯାଇଛି । ବାଲିଗୁଡା ବ୍ଲକର ଇନ୍ଦିରା ଗାନ୍ଧୀ ବାର୍ଦ୍ଧକ୍ୟ ଭତ୍ତା ୯୮ ଜଣ ଭିନ୍ନକ୍ଷମ ଭତ୍ତା ଯୋଜନାରେ ୨୨ ଜଣ ଉପକୃତ ହେବେ ସେହିପରି ମଧୁବାବୁ ପେନସନ ବାର୍ଦ୍ଧକ୍ୟ ଭତ୍ତା ୧୬୪ ଜଣ ଓ ଭିନ୍ନକ୍ଷମ ଭତ୍ତା ଯୋଜନାରେ ୩୮ ଜଣ ଉପକୃତ ହେବେ ବୋଲି ସମାଜ ମଙ୍ଗଳ ଅଧିକାରୀ ଦିନେଶ କହଁର କହିଛନ୍ତି ।

## ଦେଶୀ (ଇଟାଲୀ) ଶିକ୍ଷାନ୍ୱେଶି ଙ୍କ ତେନ୍ତୁଳିଖୁଣ୍ଟି ବ୍ଲକ ରେ କୃଷି କ୍ଷେତ୍ର ପରିଦର୍ଶନ

ତେନ୍ତୁଳିଖୁଣ୍ଟି **୧୭/୧(ନି.ପ୍ର):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ରେ କୃଷି ବିଭାଗ ମାଧ୍ୟମ ରେ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି( ବିପିକେପି) ରେ ହୋଇଥିବା କୃଷି କ୍ଷେତ୍ର ତଥା ଜିଆ ଖତ ବ୍ୟବହାର କରି କରାଯାଇଥିବା କୃଷି କ୍ଷେତ୍ର, ଆର୍ ଏଫ୍ ଏମ ଓ ଆଇ ଆର୍ ଏସ କ୍ଷେତ୍ର କୁ ଇଟାଲୀ ର ଶିକ୍ଷାନ୍ୱେଶି ପରିଦର୍ଶନ କରି ଫେରିଛନ୍ତି। ଏହି ଶିକ୍ଷାନ୍ୱେଶୀ ମାନେ ଆନ୍ତର୍ଜାତିକ ସଂସ୍ଥା ଯେଉଁ ସଂସ୍ଥା ସ୍ୱଳ୍ପ ରୁ ମଧ୍ୟମ ବୃଷ୍ଟିପାତ ହେଉଥିବା ତଥା ଅନୁର୍ବର ଜମି ,ଅସ୍ୱାଭାବିକ ପାଣିପାଗ ଥିବା ଅଞ୍ଚଳ ରେ ଶସ୍ୟ ଉତ୍ପାଦନ ଉପରେ ଗବେଷଣା କରୁଥିବା ସଂସ୍ଥା ଆଇସି ଆର୍ ଆଇ ଏସ ଏ ଟି ମାଧ୍ୟମ ରେ ଓ ଓଡ଼ିଶା ରାଜ୍ୟ ସ୍ୱେଚ୍ଛାସେବୀ ସଂଗଠନ ଓ ଏସ ଭି ଏସ ଦବ୍ଲ୍ୟୁ ଏ ସହ ଯୋଗ ରେ ବିଦେଶୀ ଇଣ୍ଟରନ ମାଇକେଲ ଏବଂ ଯାକପ କ୍ଷେତ୍ର ପରିଦର୍ଶନ କରି ଶିକ୍ଷା ଆହରଣ ପାଇଁ ଆସି ଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ ରେ ସେମାନେ ଯେଉଁ ବିଷୟ ରେ ଶିକ୍ଷାଗ୍ରହଣ କରୁଛନ୍ତି ପ୍ରା କ୍ଟି କାଲ ପାଇଁ ଉପଯୁକ୍ତ କ୍ଷେତ୍ର ତାଙ୍କୁ ମିଳିଲା ବୋଲି ମତ ବ୍ୟକ୍ତ କରିବା ସହ ଖୁସି ବ୍ୟକ୍ତ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ବିଷୟ ଏହି କି ଯେ ଭାରତ ବର୍ଷ ରେ ପାଞ୍ଚ ଶହ ଆକାଂକ୍ଷା ବ୍ଲକ ମଧ୍ୟରେ ତେନ୍ତୁଳିଖୁଣ୍ଟି ବ୍ଲକ ୪୯ ମା ପଦଣ୍ଡ ରେ ଉତ୍ତୀର୍ଣ୍ଣ ହୋଇ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଶିକ୍ଷା କ୍ଷେତ୍ର ରେ ଶୂନ୍ୟ ଡ୍ର ପ୍ ଆଉ ଟ୍ , କୃଷି କ୍ଷେତ୍ର ରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ ଆଦି ରେ ତେନ୍ତୁଳିଖୁଣ୍ଟି ଶ୍ରେଷ୍ଠ ତା ପ୍ରମାଣିତ କରିଛି। ଏଥିପାଇଁ ଉକ୍ତ ସଂସ୍ଥା ବିଦେଶୀ ଇଣ୍ଟ ରନ ଙ୍କୁ ତେନ୍ତୁଳିଖୁଣ୍ଟି ବ୍ଲକ ରେ କୃଷି କ୍ଷେତ୍ର ପରିଦର୍ଶନ ପାଇଁ ପଠାଇ ଛନ୍ତି ।ସେମାନଙ୍କ ଶିକ୍ଷା ଆହରଣ ଓ ପରିଦର୍ଶନ ବେଳେ ସହକାରୀ କୃଷି ଅଧିକାରୀ। ମାନସ ରଂଜନ ନାୟକ,କୃଷି ଓଭରସିୟର। ଧିରେନ ବ୍ରେନ୍ୟା,ମଧୁସ୍ମିତା ପତି ସମେତ ଉଭୟ ସଂସ୍ଥା ର ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କଥା ଦେଇ କଥା ରଖିଲେ ମୋଦି

### ଚନ୍ଦ୍ରପୁରୁ ବ୍ଲକରେ ବଣ୍ଟାଗଲା ବର୍ଦ୍ଧିତ ଭତ୍ତା

ମୁନିଗୁଡ଼ା**୧୭/୧(ନି.ପ୍ର):** ବିଜେପି ସରକାରର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ନିର୍ବାଚନ ପୂର୍ବରୁ କଥା ଦେଇଥିଲେ ବୟସାନୁଯାୟୀ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ। ଦୀର୍ଘ ୨୫ ବର୍ଷର ବିଜେଡି ସରକାରରେ ନବୀନ ପଟ୍ଟନାୟକ ଯାହା କରି ପାରି ନଥିଲେ, ୬ମାସର ଡବଲ ଇଞ୍ଜିନ୍ ସରକାର କଥା ଦେଇ କଥା ରକ୍ଷା କରି ବର୍ଦ୍ଧିତ ଭତ୍ତା ପ୍ରଦାନ କରି ହିତାଧିକାରୀଙ୍କର ପ୍ରଶଂସାର ପାତ୍ର ହୋଇ ବିଜେଡିକୁ ଚାଲେଞ୍ଜ ଦେଇଛନ୍ତି। ଏହି ପରିପ୍ରେକ୍ଷିରେ ରାୟଗଡା ଜିଲ୍ଲା ଚନ୍ଦ୍ରପୁରୁ ବ୍ଲକର ବିଭିନ୍ନ ପଞ୍ଚାୟତ ଯଥା- ଚନ୍ଦ୍ରପୁରୁ,ବୁଡୁବାଲି,ଡାଙ୍ଗସୋରଡା,ଟୁରିଗୁଡା,ପିସ୍କାପଙ୍ଗା,ହନୁମନ୍ତପୁରୁ ପଞ୍ଚାୟତ ମାନଙ୍କରେ ଦିବ୍ୟାଙ୍ଗ ଓ ୮୦ ବର୍ଷିଆ ବାର୍ଦ୍ଧକ୍ୟ ମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଥମ ଥର ପାଇଁ ୩୫୦୦ ଟଙ୍କା ପ୍ରଦାନ କରାଯାଇଛି। ଏହି ଭତ୍ତାବଣ୍ଟନ କାର୍ଯ୍ୟକ୍ରମକୁ ବିଡିଓ ସଂଯୋଜନା କରିଥିବା ବ୍ଲେ ମୁଖ୍ୟ ଅତିଥିଭାବେ ଗୁଣୁପୁରୁ ଆଦିବାସୀ ଉନ୍ନୟନ ଅଧିକାରୀ ଶ୍ରୀ ଅଜୟ କୁମାର ପ୍ରଧାନ,ସମ୍ମାନୀତ ଅତିଥୀ ପଞ୍ଚାୟତ ସମିତି ଅଧକ୍ଷ କ୍ଇନ କିମ୍ବାକା ଭତ୍ତା ବଣ୍ଟନ କରିଥିଲେ ।ବ୍ଲକରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ/ସଭ୍ୟା ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରୀ ମାନେ ଉପସ୍ଥିତ ଥିବା ବ୍ଲେ ସୁରକ୍ଷା ଅଧିକାରୀ ରୋହିତ କୁମାର ପଣ୍ଡା ପରିଚାଳନା କରିଥିଲେ। ଆସନ୍ତା ମାସରେ ଏହି ଭତ୍ତା ଟଙ୍କା ହିତାଧିକାରୀଙ୍କ ନିଜ ବ୍ୟାଙ୍କ ଆକାଉଣ୍ଟକୁ ଯିବ ବୋଲି ଉପସ୍ଥିତ ଅଧିକାରୀ ମାନେ ସୁଚାଇଥିଲେ।

# ଆଠ ଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ



ବୁଗୁଡା, **୧୭/୧(ନି.ପ୍ର):** ଗଞ୍ଜାମ ଜିଲ୍ଲାର ବୁଗୁଡା ବ୍ଲକ ଅନ୍ତର୍ଗତ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ପ୍ରଥମ ବର୍ଷର ୮୫ ଜଣ ଛାତ୍ରୀଙ୍କ ଜାନୁଆରୀ ୬ ତାରିଖ ଠାରୁ ଆଠ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଜାନୁଆରୀ ୧୫ ତାରିଖ ଦିନ ଉଦଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରିନ୍ସପାଲ ଅନୁପ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମାଣିତରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର (ପି.ଏଚ.ସି) ମେଡ଼ିକାଲ ଅଫିସର ଡ଼ାକ୍ତର ଦୁର୍ଗା ପ୍ରସାଦ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ମାଣିତରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମହାରଣା ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ/ଅଧ୍ୟାପିକା ଦିଲ୍ଲିପ କୁମାର ଆଚାର୍ଯ୍ୟ, ସୁଚିତ୍ରା ପଣ୍ଡା, ସନ୍ତୋଷ କୁମାର ଗୌଡ଼, ଡକ୍ଟର ପ୍ରିୟବ୍ରତ ପ୍ରଧାନ, ଓ ମନୋରଞ୍ଜନ ମୁଦୁଲି, ଡେମୋନଷ୍ଟ୍ରେଟର ସଂଯୁକ୍ତା ପାତ୍ର ଓ ରମା ବଲ୍ଲଭ ରାଉତ ଯୋଗଦେଇଥିଲେ। ତାଲିମ ଶିବିରର ସଂଯୋଜିକା ଅର୍ଚ୍ଚନା କୁମାରୀ ମୁନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନର ଭାବେ ମଧୁମିତା ଜେନା ଓ ସମିତା ଜେନା ଯୋଗଦେଇ ଛାତ୍ରୀ ବୃନ୍ଦଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଅତିଥିମାନେ ଆତ୍ମ ସୁରକ୍ଷା ତାଲିମର ଉପକାରୀତା ବିଷୟରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀମାନେ ଶିକ୍ଷାଲାଭ କରିଥିବା ଆତ୍ମ ସୁରକ୍ଷାର କୌଶଳ ଅତିଥିମାନଙ୍କ ସମ୍ମୁଖରେ ପ୍ରଦର୍ଶିତ କରିଥିଲେ। ଶେଷରେ ଅଧ୍ୟାପକ ଶ୍ରୀ ମୁଦୁଲି ଧନ୍ୟବାଦ ପ୍ରଦାନ କରିଥିଲେ।

## ନବଜାତ ପୁଅକୁ ଦେଖିବା ପୂର୍ବରୁ ଟ୍ରେନ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ



ବୁଗୁଡ଼ା ୧୭/୦୧/୨୫ ନିଜର ଅଢେଇ ମାସର ନବଜାତ ପୁତ୍ର ସନ୍ତାନକୁ ଦେଖିବାକୁ ଗଲାବେଳେ ଗୁଜରାଟର ସୁରାଟ ସହର ସାଇନ୍ ଠାରେ ୧୪/୧/୨୫ ତାରିଖ ଦିନ ଟ୍ରେନ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ବୁଗୁଡ଼ା ବ୍ଲକ ପାଙ୍ଗିଡି ପଞ୍ଚାୟତର ବେଲପଡ଼ା ଗ୍ରାମର ଶୁକଦେବ ସ୍ୱାଇଁ (୨୭) ଗତ ବର୍ଷ ବିବାହ କରିଥିଲେ। ନିଜ ପରିବାର ପ୍ରତିପୋଷଣ କରିବା ପାଇଁ ଗୁଜରାଟର ଅହମଦାବାଦ ସହରରେ ଶୁକଦେବ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସୁରାଟ ସହରର ସାଇନ୍ ଠାରେ ତାଙ୍କର ଶ୍ୱଶୁର ରହୁଥିବା ବେଳେ ନୀତି ନିୟମ ପ୍ରକାରେ ପ୍ରଥମ ଗର୍ଭବତୀ ହୋଇ ତାଙ୍କ ସ୍ତ୍ରୀ ବାପ ଘରକୁ ଯାଇ ସେଠାରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଶ୍ୱଶୁର ଘରେ ସ୍ତ୍ରୀ ଙ୍କ ସହ ଅଢେଇ ମାସର ଛୁଆ ରହୁଥିଲେ। ଶୁକଦେବ ଅହମଦାବାଦରୁ ଟ୍ରେନରେ ସୁରାଟ ସାଇନକୁ ନିଜର ନବଜାତ ପୁଅକୁ ଦେଖିବାକୁ ଶ୍ୱଶୁର ଘରକୁ ଯାଉଥିବା ସମୟରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲେ। ସାଇନ୍ ଷ୍ଟେସନରେ ଶୁକଦେବଙ୍କୁ ଘରକୁ ନେବା ପାଇଁ ତାଙ୍କ ଶଳା ଅପେକ୍ଷା କରିଥିବା ବେଳେ ଏହି ଖବର ପାଇ ପରିବାର ଲୋକଙ୍କୁ ଜଣାଇବା ସହ ସାଇନ୍ ରେଳ ଷ୍ଟେସନ ପୋଲିସ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ଖବର ଜାଣିବା ପରେ ସୁରାଟ ସହିତ ନିଜ ଗାଁ ବେଲପଡାରେ ଶୋକର ଛାୟା ଖେଳିଯାଇଛି। ଦୁଃଖଦ ଖବର ପାଇବା ପରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୃତକଙ୍କ ବାସଭବନକୁ ଯାଇ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

## ଚିକିଣିଆ ଜିଲ୍ଲା ପାର୍କ ରେ ପ୍ରଥମ ବାର୍ଷିକ ଟୁସୂ ମେଳା

ପାଟଣା **୧୭/୧(ନି.ପ୍ର):** ଘଟଗାଁ ବ୍ଲକ ଅନ୍ତର୍ଗତ ଚିକିଣିଆ ସ୍ଥିତ ଜିଲ୍ଲା ପାର୍କ ଉନ୍ନୟନ ସମିତି ର ପ୍ରଥମ ବାର୍ଷିକ ଟୁସୂ ମେଳା ଜିଲ୍ଲା ପାର୍କ ଚିକିଣିଆ ରେ ଗତକାଲି ଅନୁଷ୍ଠିତ ହୋଇଯାଇଛି। ସଭାରେ ବରେଣ୍ୟ ଅତିଥି ଭାବେ ସମାଜ ସେବୀ ହୃଷୀକେଶ ମହାନ୍ତ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ପରିଷଦ ସଭ୍ୟା ଯାଜ୍ଞସେନି ମହାନ୍ତ , ମୁଖ୍ୟ ଅତିଥି ଭାବେ ପୂର୍ବତନ ସରପଂଚ ଗଣେଶ୍ୱର ନାଏକ, ଯଶୋବନ୍ତ ମହାନ୍ତ, ସମାଜସେବୀ ଭରତ ଚନ୍ଦ୍ର ମହାନ୍ତ, ଭିକାରୀ ନାଏକ, ପୂର୍ବତନ ସମିତି ସଭ୍ୟା ମିନତି ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। କମିଟି ର ସଭାପତି ବାପୁଜୀ ନାଏକ ସଭା ପରିଚାଳନା କରିବା ସହିତ ତରଣି ସେନ ବେହେରା, ତପନ ମହାନ୍ତ, ଅଭୟ ବେହେରା, ଭରତ ନାଏକ, ମନୋଜ କୁମାର ମହାନ୍ତ, ବ୍ରଜ ମୋହନ ମହାନ୍ତ , ବବିତା ରାଣୀ ମହାନ୍ତ ପ୍ରମୁଖ ଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ଆୟୋଜନ ର ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। ଏଠାରେ ଟୁସୁ ପ୍ରତିଯୋଗିତା ସହ କୁଡୁମି ସମ୍ପ୍ରଦାୟ ର ପାରମ୍ପରିକ ନୃତ୍ୟ ସଙ୍ଗୀତ ବିଳମ୍ବିତ ସନ୍ଧ୍ୟା ଯାଏଁ ଚାଲିଥିଲା।

## ପୋଲସରା କଲେଜରେ ଭାରତୀୟ ସେନା ଦିବସ ପାଳନ



ପୋଲସରା **୧୭/୧(ନି.ପ୍ର):** ଗଞ୍ଜାମ ଜିଲ୍ଲାର ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଏନ.ସି.ସି. ପକ୍ଷରୁ ଭାରତୀୟ ସେନା ଦିବସ ଜାନୁଆରୀ ୧୫ ତାରିଖ ଦିନ ପାଳନ ହୋଇଯାଇଛି । ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଏନ୍.ସି.ସି. କ୍ୟାଡେଟ ମାନଙ୍କ ଦ୍ୱାରା ୨(ଓ) ଗାର୍ଲସ ବଟାଲିୟନ ରାୟଗଡ଼ା ତରଫରୁ ଭାରତୀୟ ସେନା ଦିବସରେ ଏକ ରାଲି ଏନ.ସି.ସି. ଲେଫନାଣ୍ଟ ବନିତା କୁମାରୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା । ଏହି ରାଲିକୁ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ପ୍ରିନ୍ସିପାଲ୍ ପ୍ରଫେସର ରବୀନ୍ଦ୍ରନାଥ ପାଳ ଉଦଘାଟନ କରି ଏନ୍.ସି.ସି. କ୍ୟାଡେଟ ମାନଙ୍କୁ ଉତ୍ସାହିତ କରିଥିଲେ । ଏନ.ସି.ସି. କ୍ୟାଡଟ ଛାତ୍ରୀମାନଙ୍କ ସହ ଏନ୍.ସି.ସି. ଲେଫ୍ଟନାଣ୍ଟ ବିନତା କୁମାରୀ ଦାସ୍ ରାଲିରେ ଯୋଗ ଦେଇ ବ୍ଲକ ଅଫିସଠାରୁ ତହସିଲ ଅଫିସ ପର୍ଯ୍ୟନ୍ତ ସେନା ଦିବସର ସ୍ଲୋଗାନ ଦେଇ ରାଲିରେ ଯାଇଥିଲେ ।

## ପିପୁଲସ କଲେଜରେ ଜାତୀୟ ଯୁବ ଦିବସ ପାଳନ

ବୁଗୁଡା , **୧୭/୧(ନି.ପ୍ର):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ପିପୁଲସ କଲେଜର ଯୁବ ରେଡ କ୍ରସ ଓ ରେଡ଼ ରିବନ କ୍ଲବ ପକ୍ଷରୁ ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ଯୁବ ରେଡ଼ କ୍ରସ ର ଉପଦେଷ୍ଟା ଅଧ୍ୟାପକ ପବିତ୍ର ଖଣ୍ଡୁଆଳଙ୍କ ଅଧ୍ୟକ୍ଷତାରେ ଜାତୀୟ ଯୁବ ଦିବସ ପାଳନ ହୋଇଥିଲା। ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଡକ୍ଟର ପ୍ରଦୀପ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ଲୋକନାଥ ବେହେରା ଓ ଡକ୍ଟର ବିନୋଦ କୁମାର କର ଯୋଗଦେଇ ଥିଲେ। ଯୁବ ରେଡ଼ କ୍ରସର ମହିଳା ଉପଦେଷ୍ଟା ଅଧ୍ୟାପିକା କ୍ରୀଷ୍ଣା କୁମାରୀ ବର୍ଗେ ଯୁବ ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଧାରଣା ପ୍ରଦାନ କରିଥିଲେ। ଅତିଥି ବୃନ୍ଦ ସ୍ୱାମୀ ବିବେକାନନ୍ଦଙ୍କ ବିଭିନ୍ନ ନୀତିବାଣୀ ବିଷୟରେ ବକ୍ତବ୍ୟ ରଖିବା ସହ ଯୁବସମାଜର କର୍ତ୍ତବ୍ୟ ବିଷୟରେ ମତ ପ୍ରକାଶ କରିଥିଲେ। ଶେଷରେ ଯୁବ ରେଡକ୍ରସର ଉପଦେଷ୍ଟା ଅଧ୍ୟାପକ ଶ୍ରୀ ଖଣ୍ଡୁଆଳ ଧନ୍ୟବାଦ



# ଭେଟେଶ୍ୱର ଓ ଗମ୍ଭାରୀମୁଣ୍ଡା ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବରେ ଯୋଗଦେଲେ ଆଇନ ମନ୍ତ୍ରୀ



ବାଣପୁର **୧୭/୧(ନି.ପ୍ର):** ବୁଧବାର ଦିନ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ନିର୍ବାଚନମଣ୍ଡଳି ଅନ୍ତର୍ଗତ ବାଣପୁର ବ୍ଲକ ଅନ୍ତର୍ଗତ ଭେଟେଶ୍ୱର ସ୍ଥିତ ଭେଟିନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଗମ୍ଭାରୀମୁଣ୍ଡା ସ୍ଥିତ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ପ୍ରଦାନ କରିଥିଲେ। ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ଉନ୍ନତି ଆଣି ବାଣପୁର ବ୍ଲକରେ ଏକମାତ୍ର ବିଦ୍ୟାଳୟ ଭାବରେ 'ପିଏମ ଶ୍ରୀ' ସ୍କୁଲରେ ଅନ୍ତର୍ଭୁକ୍ତ ହୋଇ ବିଦ୍ୟାଳୟ ତଥା ଭେଟେଶ୍ୱର ଗ୍ରାମ ପଞ୍ଚାୟତର ଗୌରବ ବୃଦ୍ଧି କରିବାରେ ସୌଭାଗ୍ୟ ଅର୍ଜନ କରିଥିବାରୁ ବିଦ୍ୟାଳୟର ସମସ୍ତ ହିତାକାଂକ୍ଷୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ ମନ୍ତ୍ରୀ । ଅନୁରୂପ ଭାବେ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ବାଣପୁର ଓ ଚିଲିକା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ପରିଚୟ ପାଇଥିବାରୁ ଅଞ୍ଚଳବାସି ଓ ବିଦ୍ୟାଳୟ ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଥଲେ ମନ୍ତ୍ରୀ । ଏହି ଅବସରରେ ଭେଟିନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ମାନିତ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଇଓ ସି.ଏଚ୍. ବିଜୟଲକ୍ଷ୍ମୀ,ଭେଟେଶ୍ୱର ଗ୍ରା:ପ ର ସରପଞ୍ଚ ସାବିତ୍ରୀ ଭୋଳଙ୍କ ସମେତ ବହୁ ବିଶିଷ୍ଟ ଅତିଥି ମାନେ ଯୋଗଦେଇଥିବା ବେଳେ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ମାନିତ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ,ବିଶିଷ୍ଟ ସମାଜସେବୀ ଡ଼ାଃ ସୁରେନ୍ଦ୍ର ନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ପ୍ରଦୀପ କୁମାର ହୋତା,ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସତ୍ୱଳା ଗୁରୁ ଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ରାଜସ୍ୱ ନିରୀକ୍ଷକ ମାର୍ଶାଲ ପ୍ରଧାନ ଙ୍କୁ ନିଲମ୍ବନ କଲେ ଜିଲ୍ଲାପାଳ

ନିମାପଡ଼ା **୧୭/୧(ନି.ପ୍ର):** ପୁରୀ ଜିଲ୍ଲା ଗୋପ ତହସିଲ ବଉଲାଙ୍ଗ ରାଜସ୍ୱ ନିରୀକ୍ଷକ ରାଜସ୍ୱ ନିରୀକ୍ଷକ (ଆର ଆଇ) ଭାବେ କାର୍ଯ୍ୟ କରୁଥିବା ମାର୍ଶାଲ ପ୍ରଧାନ ଙ୍କୁ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ନିଲମ୍ବନ କରିଛନ୍ତି । ଶ୍ରୀ ପ୍ରଧାନ କାର୍ଯ୍ୟାଳୟ ପରିସରରେ ଲୋକ ମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଘଟଣା ବିଭିନ୍ନ ସାମାଜିକ ଗଣମାଧ୍ୟମ ରେ ପ୍ରଦର୍ଶିତ ହେବା ପରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି ଉପଜିଲ୍ଲାପାଳ ପୁରୀ ଙ୍କୁ ଅବଗତ କରିଥିଲେ। ଆଜି ଉପ ଜିଲ୍ଲାପାଳ ଙ୍କ ତଦନ୍ତ ରିପୋର୍ଟ ଆଧାର ରେ ଜିଲ୍ଲାପାଳ ମାର୍ଶାଲ ପ୍ରଧାନ ଙ୍କୁ ନିଲମ୍ବିତ କରିବା ସହ ନିଲମ୍ବନ ସମୟରେ ତାଙ୍କୁ ହେଡକ୍ୱାଟର କୃଷ୍ଣ ପ୍ରସାଦ ତହସିଲ କୁ ବଦଳି କରା ଯାଇଛି। କୃଷ୍ଣପ୍ରସାଦ ତହସିଲଦାର ଙ୍କ ବିନା ଅନୁମତିରେ ହେଡକ୍ୱାଟର ନ ଛାଡିବାକୁ ମାର୍ଶାଲ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଗୋପ ତହସିଲ ରେ ଅଦିନିଆ ବର୍ଷା ଜନିତ କ୍ଷୟ କ୍ଷତି ର ସହାୟତା ଚାଷୀ ମାନଙ୍କୁ ଦେବା ଲାଗି ଚାଷୀ ଙ୍କ ଠାରୁ ଦରଖାସ୍ତ ଗ୍ରହଣ କରାଯାଉଥିଲା. ମାତ୍ର ରାଜସ୍ୱ ନିରୀକ୍ଷକ ଲୋକ ମାନଙ୍କୁ ଦୁ ବ୍ୟବହାର କରୁଥିବା ନେଇ ଗଣ ମାଧ୍ୟମରେ ଏକ ଭିଡ଼ିଓ ଘୁରିବୁଲୁଥିଲା। ଏହାକୁ ଆଧାର କରି ଏପରି ପଦକ୍ଷେପ ନିଆଯାଉଥିବା ଜଣାପଡିଛି.. ମାତ୍ର ଉକ୍ତ ରାଜସ୍ୱ ନିରୀକ୍ଷକ ଏହି ତହସିଲ ର ବିଭିନ୍ନ ରାଜସ୍ୱ କାର୍ଯ୍ୟାଳୟରେ ସୁଚାରୁ ରୂପେ କାର୍ଯ୍ୟ କରି ବେଶ ସୁନାମ ଅର୍ଜନ କରିଥିଲେ। ମାତ୍ର ହଟାତ ଏପରି କାହିଁକି କଲେ ତାହା ସାଧାରଣରେ ଆଲୋଚନା ର ବିଷୟ ହୋଇଛି।

## ସାମ୍ବାଦିକଙ୍କୁ ଗାଳି ଓ ଜୀବନରୁ ମାରିଦେବାକୁ ଧମକ: ଥାନାରେ ଅଭିଯୋଗ

ନିଶ୍ଚିନ୍ତକୋଇଲି **୧୭/୧(ନି.ପ୍ର):** ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନୈକ କର୍ମଚାରୀ ପ୍ରମୋଦ କୁମାର ସେନାପତି ଦୈନିକ ଖବରକାଗଜ ନିତିଦିନର ପ୍ରତିନିଧିଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ପ୍ରତିନିଧି ପ୍ରମୋଦ କୁମାର ସ୍ୱାଇଁ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ପ୍ରତିଦିନ ପରି ସେ ନିଶ୍ଚିନ୍ତକୋଇଲି ଥାନା ଛକକୁ ଖବର କାଗଜ ନେବାକୁ ଆସି ଥାଆନ୍ତି । ତା.୧୫.୦୧.୨୦୨୫ ରିଖ ବୁଧବାର ସକାଳେ ସେ ଖବର କାଗଜ ନେବା ସମୟରେ ଦେଖିବାକୁ ପାଇଲେ ରାଜ୍ୟରାଜପଥ କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ଥାନା ଛକଠାରେ କଟକ-ଚାନ୍ଦବାଲି ରାସ୍ତାରୁ ମହାପୁରୁଷ ପୀଠ ନେମାଳକୁ ଯାଇଥିବା ରାସ୍ତାର ଠିକ୍ କଣ ମୁଣ୍ଡରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଇଙ୍ଗିତ କରୁଥିବା ଏକ ଫଳକ ଲଗାଯାଉଥିଲା । ପ୍ରତିନିଧି ଜଣକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ପଚାରିଲେ ଏଠାରେ ଏହା କାହିଁକି ପୋତାଯାଉଛି । ଏହା ପୋତାଯିବା ଦ୍ୱାରା ଏହି ଛକରେ ଗାଡି ମୋଟର ଯିବା ସହ ସାଧାରଣ ଲୋକେ ଯିବା ପାଇଁ ଅସୁବିଧା ଭୋଗିବେ । ପ୍ରତିନିଧିଙ୍କ ଠାରୁ ଏ କଥା ଶୁଣି ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଜଣକ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଶ୍ରୀ ସ୍ୱାଇଁ ତାଙ୍କ ଏତଲାରେ ଦଶାଇଛନ୍ତି ।

# ଚୌଦ୍ୱାର ପୌରପାଳିକାର ସମଗ୍ର ଅଞ୍ଚଳରେ ଦେଖିବାକୁ ମିଳିଛି କୁଢ଼ କୁଢ଼ ଅଳିଆ ଆବର୍ଜନା




କଟକ୧୭/୧ (ନି.ପ୍ର): ଚୌଦ୍ୱାର ପୌରପାଳିକା ର ଆଖିବନ୍ଦ୍ ନୀତି ପାଇଁ ସମଗ୍ର ଅଞ୍ଚଳରେ ଦେଖା ଦେଇଛି ତୀବ୍ର ଆସୋନ୍ତୋଶ। ଚୋଟିଏ ପଟେ ରାଜ୍ୟରେ ସରକାର ବଦଳିଯିବା ପରେ ଚୌଦ୍ୱାର ପୌରପାଳିକା ଏକ ରକମର ଲଗାମଛଡ଼ା ହୋଇ ପଡ଼ିଥିବା ଚର୍ଚ୍ଚା ହେଉଛି। ଏପରିକି ସରକାରଙ୍କ ବହୁ ଜନହିତକର ଯୋଜନା କେବଳ କାଗଜପତ୍ରରେ ଚାଲିଥିବାବେଳେ ସରକାରୀ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଏ ନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଅନ୍ୟପକ୍ଷରେ ବର୍ଷ ବର୍ଷ ଧରି ଗାଦିମଡ଼ା ବାବୁମାନେ ପୌରପାଳିକାରେ ରାଜୁତି କରୁଥିବାବେଳେ ସାଧାରଣ ଜନତାଙ୍କ ଦୁଃଖ ବୁଝିବାକୁ କେହି ନଥିବା ଶୁଣିବାକୁ ମିଳିଛି। ପ୍ରଥମେ ଦେଖିବାକୁ ଗଲେ ଚୌଦ୍ୱାର ଅଞ୍ଚଳରେ ପାନୀୟ ଜଳର ସମସ୍ୟା ଏଯାଏ ସମାଧାନ ହୋଇ ପାରିନାହିଁ। ପୌରପାଳିକା ପକ୍ଷରୁ ପ୍ରତ୍ୟେକ କନେକ୍ ?ସନରେ ୱାଟର ମିଟର ଲଗାଯାଉଥିଲେ ମଧ୍ୟ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ଜଳ କେତେଦୂର ବିଶୁଦ୍ଧ ତାହାର ହିସାବ ନାହିଁ। ରାଜ୍ୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଉପରେ ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡ୍ରିଙ୍କ ଫ୍ରମ ଟ୍ୟାପ ଯୋଜନାରେ ପାନୀୟ ଜଳ ଯୋଗାଇଦେବା ପାଇଁ ଯୋଜନା କରିଥିଲେ। ତେବେ ଚୌଦ୍ୱାର ଅଞ୍ଚଳରେ ସମସ୍ତଙ୍କ ଘରକୁ ଯାଇଥିବା କନେକ୍ସନରେ ମିଟର ଲଗାଇ ଦେଇ ଜନସ୍ୱାସ୍ଥ୍ୟ ବିଭାଗ ଓ ପୌରପାଳିକା ଶୋଇ ପଡ଼ିଥିବା ଅଭିଯୋଗ ହେଉଛି। ଏହାପରେ ଆଉ ଏକ ସମସ୍ୟା ହେଲେ ଡ୍ରେନେଜ ବ୍ୟବସ୍ଥାରେ ଫେଲ। ୧୯ଟି ୱାର୍ଡ଼ ବିଶିଷ୍ଟ ଚୌଦ୍ୱାର ପୌରପାଳିକାରେ ଜନବସତି ସହ ବ୍ୟବସାୟିକ ବଜାର ମଧ୍ୟ ରହିଛି। ତେବେ ଆଜି ପର୍ଯ୍ୟନ୍ତ ପୌରପାଳିକା ପକ୍ଷରୁ ବର୍ଜ୍ୟଜଳ ନିଷ୍କାସନ ପାଇଁ ଉଚିତ ପଦକ୍ଷେପ ନେଉ ନାହିଁ। ଯାହା ଦ୍ୱାରା ଅସରାଏ ବର୍ଷା ହେଲେ ବଦଳି ଯାଉଛି ଚୌଦ୍ୱାର ଅଞ୍ଚଳର ଭୂଗୋଳ। କେବଳ ଚୌଦ୍ୱାର ଗାଁର ୫ଟି ୱାର୍ଡ଼କୁ ଛାଡ଼ିଦେଲେ ଆଜି ପର୍ଯ୍ୟନ୍ତ ଅନ୍ୟ ୱାର୍ଡ଼ ଗୁଡ଼ିକରେ ବର୍ଜ୍ୟଜଳ ନିଷ୍କାସ ବ୍ୟବସ୍ଥା ହୋଇ ପାରିନାହିଁ। ପୌରପାଳିକାର ୬ନମ୍ବର ୱାର୍ଡ଼ ଚୌଦ୍ୱାର ନଗରପାଳଙ୍କ ନିଜ ୱାର୍ଡ଼ ହୋଇଥିଲେ ମଧ୍ୟ ଏଠାରେ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଛି। ସେହିଭଳି ୭, ୮,୧୧, ୧୨ ନମ୍ବର ୱାର୍ଡ଼ ଓଟିଏମ କଲୋନୀ ଅଞ୍ଚଳରେ ଡ୍ରେନର ଛାଇ ମଧ୍ୟ ଦେଖିବାକୁ ମିଳୁନାହିଁ। ଫଳରେ ଉକ୍ତ ଅଞ୍ଚଳରେ ଲୋକେ ନାହିଁନଥିବା ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି। ବର୍ଜ୍ୟଜଳ ଜମି ରହିବା ଦ୍ୱାରା ଦୁର୍ଗନ୍ଧରେ ନାକ ଫାଟି ପଡୁଥିବାବେଳେ ମଶାମାଛିଙ୍କ ଉତ୍ପତ୍ତିର ସ୍ଥଳ ପାଲଟି ଯାଇଛି। ସେହିଭଳି ୧୭ନମ୍ବର ୱାର୍ଡ଼ ଅଞ୍ଚଳର ଧୂମାବତୀ କଲୋନୀରେ ଡ୍ରେନେଜ କିମ୍ବା ପକ୍କା ରାସ୍ତା ବ୍ୟବସ୍ଥା ହୋଇନଥିବା ଯୋଗୁଁ ଅଞ୍ଚଳବାସୀ ବାରମ୍ବାର ପୌରପାଳିକାକୁ ଅବଗତ କରି ଶେଷରେ ନିରାଶ ହୋଇ ପଡ଼ିଛନ୍ତି। ସେହିଭଳି ଏହି ୱାର୍ଡ଼ର ସୁଇପର କଲୋନୀ ଅବସ୍ଥା ନକହିବା ଭଲ। ଅସରାଏ ବର୍ଷା ହେଲେ ନର୍ଦ୍ଦମା ପାଣି ରୋଷେଇଘର ଠାରୁ ଆରମ୍ଭ କରି ଶୋଇବା ଘର ପର୍ଯ୍ୟନ୍ତ ଲହଡ଼ି ମାରୁଥିବା ଦେଖିବାକୁ ମିଳେ। କେବଳ ସେତିକି ନୁହେଁ ଯେଉଁ କେତୋଟି ଅଞ୍ଚଳରେ ଡ୍ରେନ ରହିଛି ତା' ଉପରେ ପଡ଼ିଥିବା ସ୍ଲାବ ଭାଙ୍ଗିଯିବା ଯୋଗୁଁ ରାସ୍ତାରେ ଲୋକେ ଯାତାୟତ କରିବାବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ପୌରପାଳିକା ଅଧିନରେ ଏତକ ସମସ୍ୟା ପରେ ଆଉ ଏକ ସମସ୍ୟା ମୁଣ୍ଡ ଟେକିଛି ତାହା ହେଲା ଆଲୋକୀକରଣ ବ୍ୟବସ୍ଥା। ପୌରପାଳିକା ପକ୍ଷରୁ ପ୍ରତ୍ୟେକ ରାସ୍ତାରେ ଆଲୋକୀକରଣ କରାଯାଇଥିବାବେଳେ ତାହାର ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇ ପଡ଼ିଛି। ଦୀର୍ଘ ଦିନ ଧରି ଅଞ୍ଚଳ ଅନ୍ଧକାର ରହୁଥିବା ଯୋଗୁଁ ଅପରାଧୀମାନଙ୍କ ପାଇଁ ଏହି ଅଞ୍ଚଳ ଭୂସ୍ୱର୍ଗ ପାଲଟି ଗଲାଣି। ବିରୂପା ବ୍ୟାରେଜ ଠାରୁ ଜାତୀୟ ରାଜପଥ, ଜେଲ ରୋଡ ତଥା ହାଉସିଂ ବୋର୍ଡ଼, ଓଟିଏମ କଲୋନୀ ସମେତ ବିଭିନ୍ନ ଶ୍ମଶାନ ଘାଟରେ ଆଲୋକୀକରଣ ବ୍ୟବସ୍ଥା ଅଚଳ ହୋଇ ପଡ଼ିଥିବାବେଳେ ଏହାର ମରାମତି କରାଯାଉ ନାହିଁ। ପ୍ରତି ମାସରେ ଏ ବାବଦରେ ହଜାର ହଜାର ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ତାହା ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ସେହିଭଳି ଐତିହାସିକ ସ୍ଥଳ ବିରାଟଗାଦୀ, କେଦାରେଶ୍ୱର, ଓଟିଏମ ସ୍କୁଲ ସମ୍ମୁଖ ରାସ୍ତା ଆଦି ଅନ୍ଧକାର ରହିଥିବାରୁ ସେସବୁ ସ୍ଥାନରେ ବହୁ ଅନୈତିକ କାମ ହେଉଥିବା ମଧ୍ୟ ଚର୍ଚ୍ଚା ହେଉଛି। ପୁନଶ୍ଚ କେତେକ ସ୍ଥାନରେ ଲାଗିଥିବା ଷ୍ଟ୍ରିଟ ଲାଇଟର ସ୍ୱିଚ ନଥିବାଯୋଗୁଁ ୨୪ଘଣ୍ଟା ଆଲୋକ ଜଳି ରହୁଛି। ଯାହଦ୍ୱାରା ଶକ୍ତି ଅପଚୟ ହେବା ସହ ଅତିଶୀଘ୍ର ସେସବୁ ପୋଡ଼ି ଯାଉଥିବା ଜଣାପଡ଼ିଛି। ସେହିଭଳି ଚୌଦ୍ୱାର ଅଞ୍ଚଳ ଗୋଟିଏ ଐତିହାସିକ ସ୍ଥଳ ହୋଇଥିବାବେଳେ ବହୁ ପୁରାତନ ପୁଷ୍କରିଣୀକୁ ପୌରପାଳିକା ଅବହେଳିତ କରି ରଖିଛି। ଏହି ସବୁ ଜଳାଶୟଗୁଡ଼ିକ ଅତି ଶୋଚନୀୟ ଅବସ୍ଥାକୁ ଆସିଥିଲେ ମଧ୍ୟ ଏହାର ପୁନରୁଦ୍ଧାର କରାଯାଉ ନାହିଁ। ଏଥି ସହିତ ସଫେଇ ଆଦି ହେଉ ନଥିବା ଯୋଗୁଁ ପରିବେଶ ପ୍ରଦୂଷଣ ହେଉଛି। ଏଥି ସହିତ ସବୁ ଠାରୁ ବଡ଼ ସମସ୍ୟା ହେଉଛି ଆବର୍ଜନା ପରିଚାଳନା। ଏଠାରେ କୁଢ଼କୁଢ଼ ଆବର୍ଜନା ପଡ଼ି ଚୌଦ୍ୱାରକୁ ଏକ ନର୍କକୁଣ୍ଡରେ ପରିଣତ କଲାଣି। ଆବର୍ଜନା ପରିଚାଳନାରେ ନିୟୋଜିତ ସଂସ୍ଥା ସହ ପୌରପାଳିକା କର୍ତ୍ତୃପକ୍ଷଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ ଟନ ଟନ ଆବର୍ଜନା ପରିଚାଳନା କରାଯାଉଥିବା ଦେଖାଇ ରାଜସ୍ୱ ହଡ଼ପ ହେଉଥିବାବେଳେ ତାହା ସେହି ଠାରେ ପଡ଼ି ରହୁଥିବା ଦେଖିବାକୁ ମିଳିଛି। ଏପରିକି ଚୌଦ୍ୱାର ଓଟିଏମ କଲୋନୀ ଅଞ୍ଚଳରେ ଆବର୍ଜନା ପରିଚାଳନା ନେଇ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆପତ୍ତି କରିବା ପରେ ଡୁଡା ଅଧିକାରୀମାନେ ଯାଞ୍ଚ କରିଥିଲେ। ତେବେ ସେ ଯାହା ଯାଞ୍ଚ କରି ଜାଣିବାକୁ ପାଇଲେ ଯେ ଏଠାରେ ଆବର୍ଜନା ପରିଚାଳନା ସମ୍ପୂର୍ଣ୍ଣ ବିଫଳ ହୋଇଛି। ତେଣୁ ସେ ବିଭାଗୀୟ ଅଧିକାରୀଙ୍କ ଉପରେ କ୍ଷୁବ୍ଧ ହେବା ସହ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଚେତାବନୀ ଦେଇଥିଲେ। ମାତ୍ର ଏସବୁକୁ ମଧ୍ୟ ପୌରପାଳିକା କର୍ତ୍ତୃପକ୍ଷ ବେଖାତିର କରିବା ଦୁର୍ଭାଗ୍ୟ ଜନକ। ତେବେ ଚୌଦ୍ୱାର ଅଞ୍ଚଳରେ ସମସ୍ତ ପ୍ରକାର ସରକାରୀ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ଲୋକଙ୍କୁ ସାମାନ୍ୟତମ ମୌଳିକ ସୁବିଧା ମିଳୁନଥିବା ଦେଖିବାକୁ ମିଳିଛି। ଯେଉଁଥି ପାଇଁ ଜନ ସାଧାରଣ ରେ ଆଲୋଚନା ହେଉଛି ଚୌଦ୍ୱାର ପୌରପାଳିକା ସମସ୍ତ ଘଟଣା ଉପରେ ଅବଗତି ଥିଲେବି ଆଖି ବନ୍ଦ ନୀତି ଅବଲମ୍ବନ କରୁଛି।

## ଲାଠିକଟା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ



ବଣାଇ, ୧୭/୧ (ନି.ପ୍ର): ଲାଠିକଟା ବ୍ଲକ ପରିସରରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନ ଓ ରାଉରକେଲା ଡିଆଇଜି ବ୍ରିଜେଶ ରାୟ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୭୭ ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୨୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୫୩ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୭ ଗୋଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରା ଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା,ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଆଜିର ଏହି ଯୁଗ୍ମ ଜନଅଭିଯୋଗ ଶୁଣାଣି ରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ, ଲାଠିକଟା ଗୋଷ୍ଠି ଉନ୍ନୟନ ଅଧିକାରୀ ମାନସ ସାହୁ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜନଶୁଣାଣୀ ପରେ ପରେ ଜିଲ୍ଲାପାଳ ବ୍ଲକ ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରି ଅଗ୍ରଗତି ସମୀକ୍ଷା କରିଥିଲେ ।

## ସୋମନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ୟାସକବି ସାହିତ୍ୟ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ



ମାଲକାନଗିରି ୧୭/୧ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜନ୍ମ ଜୟନ୍ତୀ ଅବସରରେ ବ୍ୟାସକବି ସାହିତ୍ୟ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଯୋଗ ଦେଇ ଆଜି ଦିନର ମହତ୍ୱ ସମ୍ବନ୍ଧରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇବା ସହ ନିଜେ ଲେଖିଥିବା କିଛି କବିତା ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ୟାସକବି ସାହିତ୍ୟ ସଂସଦ ର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ କବି ଯଚିନ୍ଦ୍ର ସ୍ୱାଇଁ, ଗୁରୁପ୍ରିୟା ସାହିତ୍ୟ ସଂସଦ ର ସମ୍ପାଦକ ବିଶ୍ୱଜିତ ମୁଦୁଲି, କୋଷାଧକ୍ଷ ସୁନିତା ଗୁରୁ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ସ୍ୱାଇଁ, ଉପ ସଭାପତି ଗୋଦାବରୀଶ ଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଟୁକୁରାଣୀ ଜୋଦାର, କବି କରୁଣାକର ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ମାଲକାନଗିରି ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ସଭାପତି ଦେବ ପ୍ରସାଦ ଦାସ, ସମଗ୍ର ଶିକ୍ଷା କୋର୍ଡିନେଟର ଶକୁନ୍ତଳା ମାଝୀ, ବିଧାୟକ ପ୍ରତିନିଧି ଇସାକ୍ ଖୋସଲା, ଅନ୍ତର୍ଜାମୀ ଖିଲ, ଅଶ୍ୱିନୀ କୁମାର ପଟ୍ଟନାୟକ, ସାମ୍ବାଦିକ ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଆଜିର ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା କବି ମାନଙ୍କୁ ସଂସଦ ପକ୍ଷରୁ ଉପଢୌକନ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରେ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ମୁଗ୍ଧ ହୋଇ ପିଲାମାନଙ୍କୁ ସାଂସ୍କୃତିକ ପରିବେଷଣ ସହ ମନ ଦେଇ ଭଲ ପାଠ ପଢିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଥିଲେ। ଆଗାମୀ ଦିନରେ ମଧ୍ୟ ସଂସଦ ପକ୍ଷରୁ ଜିଲ୍ଲାର ପ୍ରତ୍ୟେକ ବ୍ଲକ ରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ବ୍ୟାସକବି ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ।

## ମାଓବାଦୀଙ୍କ ବିସ୍ଫୋରଣରେ ଦୁଇ ଡିଆରଜି ଯବାନ ସହିତ ଜଣେ ନାବାଳିକା ଆହତ

ମାଲକାନଗିରି, ୧୭/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରେ ପୃଥକ ଭାବେ ଦୁଇଟି ସ୍ଥାନରେ ମାଓବାଦୀ ଙ୍କ ଆଇଡି ବିସ୍ଫୋରଣ ରେ ଦୁଇଜଣ ଡି ଆର ଜି ଯବାନ ସହିତ ଜଣେ ନାବାଳିକା ଝିଅ ଆହତ ହୋଇଛନ୍ତି। ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲା କୁଟୁର ଥାନା ସ୍ଥ ଜାଗୁର ଜଙ୍ଗଲ କୁ ଡି ଆ ରଜି ଯବାନ ମାନେ କୁମ୍ବି ଅପରେସନ ରେ ଯାଇ ଫେରୁଥିବା ବେଳେ ପୂର୍ବରୁ ଯବାନ ଙ୍କୁ ଟାର୍ଗେଟ କରି ମାଓବାଦୀ ପୋତିଥିବା ପ୍ରେସ ର ମାଇନ ଟି ବିସ୍ଫୋରଣ ଘଟିଥିଲା, ଏହି ବିସ୍ଫୋରଣ ରେ ରାମ ଓ ଗଜେନ୍ଦ୍ର ନାମକ ଦୁଇଜଣ ଡିଆରଜି ଯବାନ ଗୁରୁତର ଭାବେ ଆହତ ହୋଉଛନ୍ତି, ଦୁଇ ଆହତ ଯବାନ ଙ୍କୁ ପ୍ରଥମେ ବିଜେପୁର ଜିଲ୍ଲା ହସ୍ପିଟାଲ କୁ ନେଇ ଚିକିତ୍ସା କରା ଯାଇଥିଲା, ଅବସ୍ଥା ଗୁରୁତର ହେବାରୁ ସ୍ୱତନ୍ତ୍ର ହେଲିକେପଟର ଯୋଗେ ରାଇପୁର ହସ୍ପିଟାଲ କୁ ସ୍ଥାନା ନ୍ତର କରାଯାଇଛି,ଠିକ ସେହି ପରି ସିମାନ୍ତ ଚିନ୍ତଲନାର ଥାନା ସ୍ଥ ତିମାପୁର ଜଙ୍ଗଲ କୁ ସୋଡି ମାରମ(୧୧) ନାମକ ଜଣେ ନାବାଳିକା କାଠ ସଂଗ୍ରହ କରି ଘରକୁ ଫେରୁ ଥିବା ବେଳେ ପୂର୍ବରୁ ଯବାନ ମାନଙ୍କୁ ଟାର୍ଗେଟ କରି ମାଓବାଦୀ ମାନେ ପୋତି ଥିବା ପ୍ରେସର ମାଇନ ଉପରେ ଗୋଡ ପଡିଯିବାରୁ ବିସ୍ଫୋରଣ ଘଟିଥିଲା, ଏହି ବିସ୍ଫୋରଣ ରେ ଝିଅ ଟି ଆହତ ହୋଇଛନ୍ତି, ଆହତ ଝିଅ କୁ ଯବାନ ମାନେ ଉଦ୍ଧାର କରି ନିକଟସ୍ଥ ସିଆରପିଏଫ ହସ୍ପିଟାଲ ରେ ଚିକିତ୍ସା କରୁଛନ୍ତି। ଦୁଇଟି ଯାକ ସ୍ଥାନ ରେ ଯବାନ ପହଁଚି ସର୍ଚ୍ଚ ଅପରେସନ ଜୋର ଦାର ଚଲାଇଛନ୍ତି।

## ଟିକାବାଲି ସରକାରୀ ଉଚ୍ଚବିଦ୍ୟାଳୟର ୧୯୯୮ ବ୍ୟାଚର ବନ୍ଧୁମିଳନ



ଟିକାବାଲି, ୧୭/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ୧୯୯୮ ବ୍ୟଚର ଟିକାବାଲି ଠାରୁ ଯାତ୍ରା କରି ପୁରି ଜିଲ୍ଲାର ସାତପଡା ଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ସମସ୍ତ ବନ୍ଧୁ ମାନଙ୍କୁ ନେଇ ନୁତନ ବର୍ଷରେ ବିଭିନ୍ନ ସ୍ଥାନରେ ବନ୍ଧୁମିଳନ କାର୍ଯ୍ୟକ୍ରମ କରିବା ନିମନ୍ତେ ନିଷ୍ପତି ନିଆଯାଇଥିବା ସୂଚନା ମିଳିଛି।ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ତନୁଜ କୁମାର ଭୋଇ, ବିରୁ ଜେନା, ଦ୍ୱିତୀୟ ପାତ୍ର, ସାଇରମ ବେହେରା, ବିରୁ ବୁର୍ଗୀ,ସତ୍ୟ ପଣ୍ଡା, ଟିକୁ ଭୋଇ, ଚିତ୍ତ ପଟନାୟକ, ସିଲୁ ପତି, ଅରୁଣ ସାହୁ, ଗୋପାଳ ନାୟକ ଅନନ୍ତ ପଟନାୟକ,ଚରଣ ପ୍ରଧାନ,ରଞ୍ଜନ ପାତ୍ର ଟିଟି ଭୋଇ, ମକରନ୍ଦ ଦିଗାଲ, ସାମ ଦଳବେହେରା ଏବଂ ସୁମନ କହ୍ନର ସମୁହ।

## ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏନଏସିର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର



ମାଲକାନଗିରି, ୧୭/୧ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଲା ଏନଏସିରେ ଆଜି ନୂତନ ନିର୍ବାହୀ ଅଧିକାରୀ ଭାବେ ସହକାରୀ ଜିଲ୍ଲାପାଳ ମୁନା ତୁରୁକ ବିଧିବଦ୍ଧ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି। ସେହିପରି ପୁର୍ବତନ ନିର୍ବାହୀ ଅଧିକାରୀ ରାଜେଶ ମହାପାତ୍ର ଏଠାରୁ ବଦଳି ହେବା ପରେ ସେ ଆସିକା ଏନଏସିରେ ନିର୍ବାହୀ ଅଧିକାରୀ ଭାବେ ଯୋଗ ଦେଇଛନ୍ତି।ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘ କୋରୁକୋଣ୍ଡା ଶାଖା ପକ୍ଷରୁ ସଭାପତି ଶିବଦତ୍ତ ସାହୁଙ୍କ ନେତୃତ୍ୱରେ ସଂଘ କର୍ମକର୍ତ୍ତା ମାନେ ବାଲିମେଲା ସହରରେ ଦୀର୍ଘଦିନ ଧରି ଲାଗି ରହିଥିବା ବିଭିନ୍ନ ମୌଳିକ ସମସ୍ୟାର ଆଶୁ ସମାଧାନ ନିମନ୍ତେ ଏକ ୮ ଦଫା ସମ୍ବଳିତ ଦାବିପତ୍ର ବାଲିମେଲା ଏନଏସିର ନିର୍ବାହୀ ଅଧିକାରୀ ମୁନା ତୁରୁକଙ୍କୁ ପ୍ରଦାନ କରାଯାଇଛି। ତେବେ ବାଲିମେଲା ସହରରେ ଦୀର୍ଘ ଦିନ ଧରି ଲାଗି ରହିଥିବା ବିଭିନ୍ନ ସମସ୍ୟା ଗୁଡ଼ିକ ମଧ୍ୟରେ ଅଞ୍ଚଳର ସୁରକ୍ଷାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ସ୍ଥାନରେ ସ୍ଥାନୀୟ ପୋଲିସ ଓ ପ୍ରଶାସନର ମିଳିତ ଉଦ୍ୟମରେ ସିସିଟିଭି କ୍ୟାମେରା ଲଗା ଯାଇଥିଲା।ଯାହା ଏବେ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡିକ ସମ୍ପୂର୍ଣ୍ଣ ରୂପେ ଅଚଳ ହୋଇ ଲାଗିରହିଛି।ବାଲିମେଲା ସହରରେ ଜନବସତି ଦିନକୁ ଦିନ ବୃଦ୍ଧି ପାଇବା, ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଯାତାୟତ ସହ ବାଲିମେଲା ସହର ଜନଗହଳିରେ ପରିପୂର୍ଣ୍ଣ ହେଉଥିବା ହେତୁ ପ୍ରତ୍ୟେକ ମୁଖ୍ୟ ଛକରେ ଟ୍ରାଫିକ ପୋଷ୍ଟ ସହ ଲାଇଟ୍ ବ୍ୟବସ୍ଥା କରାଯାଉ। ସହରରେ ପରିମଳ ବ୍ୟବସ୍ଥାର ସୁପରିଚାଳନା କରାଯାଉ।

ଭିନ୍ନ ଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ଥଣ୍ଡା ପାନୀୟଜଳ (ଆରୋ) ଗୁଡିକ ଅଚଳ ହୋଇପଡିଛି। ଲୋକଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟଜଳ ଯୋଗାଣ ସୁଚାରୁ ରୁପେ ଯୋଗାଇ ଦିଆଯାଉ। ସହରର ଆବଶ୍ୟକ ସ୍ଥାନରେ ଅଧିକ ଆଲୋକୀକରଣ କରାଯାଉ।ରାସ୍ତା ପାର୍ଶ୍ୱରେ ବସୁଥିବା ଉଠା ଦୋକାନୀଙ୍କୁ ଭେଣ୍ଡିଙ୍ଗ ଜୋନ ଯୋଗାଇ ଦେଇ ସେମାନଙ୍କୁ ଥଇଥାନ କରାଯାଉ। ନୂତନ ବସଷ୍ଟାଣ୍ଡ ପରିସରରେ ଥିବା ଖାଲଖମାକୁ ତୁରନ୍ତ ମରାମତି କରିବା ନିତ୍ୟାନ୍ତ ଆବଶ୍ୟକ ରହିଛି। ବାଲିମେଲା ସହରର ପ୍ରତ୍ୟେକ ମୁଖ୍ୟ ରାସ୍ତାରେ ବୁଲା ଗାଈଗୋରୁ ରାସ୍ତା ଅବରୋଧ କରିବା ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଥିବା ନଜିର ରହିଛି।ଏଣୁ କାଞ୍ଜିଆହୁଦା ସହ ଏହାର ତ୍ୱରିତ ସମାଧାନ କରାଯାଉ ବୋଲି ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଦାବି ଜଣାଇବା ପରେ ଆଗାମୀ ଦିନରେ ସମସ୍ତ ସମସ୍ୟା ସମ୍ପର୍କରେ ନିରୀକ୍ଷଣ କରି ସମାଧାନ କରିବା ପାଇଁ ଉଦ୍ୟମ କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ତୁରୁକ ପ୍ରତିଶ୍ରୁତି ଦେଇଛନ୍ତି। ଦାବୀ ପତ୍ର ପ୍ରଦାନ ସମୟରେ ଉତ୍କଳ ସାମ୍ବାଦିକ ସଂଘ କୋରୁକୋଣ୍ଡା ଶାଖାର ସମ୍ପାଦକ ପ୍ରଦୀପ କୁମାର ମହାରଣା, ବରିଷ୍ଠ ସାମ୍ବାଦିକ ନିରଞ୍ଜନ ମଲ୍ଲ, ଏ.ଦେବାଶିଷ ପାତ୍ର ଓ ସଂଘର ଅନ୍ୟ କର୍ମକର୍ତା ମାନେ ଉପସ୍ଥିତ ଥିଲେ।

## ମାଲକାନଗିରି ଜିଲ୍ଲା ଘରୋଇ ବସ୍ ମାଲିକ ସଂଘର ସମ୍ପାଦକଙ୍କ ଇସ୍ତଫା, ନୂତନ କର୍ମକର୍ତ୍ତା ଚୟନ



ମାଲକାନଗିରି,୧୭/୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଘରୋଇ ବସ ମାଲିକ ସଂଘର ସମ୍ପାଦକ ଇ.ଭେଙ୍କଟ ରାଓ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ତଥ୍ୟ ଅନୁଯାୟୀ ଗତ ୫ ତାରିଖ ଦିନ ଘରୋଇ ବସ ମାଲିକ ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସମ୍ପାଦକ ଇ. ଭେଙ୍କଟ ରାଓ ନିଜ ପଦବୀରୁ ଇସ୍ତଫା ଦେବାକୁ ନିଷ୍ପତି ନେଇ ଲିଖିତ ଆକାରରେ ଜିଲ୍ଲା ସଭାପତିଙ୍କୁ ଜଣାଇଥିଲେ। ତେବେ ଇସ୍ତଫା ପତ୍ର ଦେବାର ୫ ଦିନ ମଧ୍ୟରେ ସଂଘର ସମସ୍ତ ନଥିପତ୍ର ଦାଖଲ କରିବାକୁ ଅନୁରୋଧ କରା ଯାଇଥିଲା। ଇସ୍ତଫା ପତ୍ର ଦେଇ ୫ ଦିନ ବିତି ଯାଇଥିଲେ ସୁଦ୍ଧା ଶ୍ରୀ ରାଓ କୌଣସି ନଥିପତ୍ର ସଂଘ କାର୍ଯ୍ୟାଳୟରେ ଦାଖଲ କରି ନଥିବାରୁ ଆଜି ପୁନର୍ବାର ଏକ ବୈଠକ କରାଯାଇ ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ରାଜେଶ୍ୱରୀ ପ୍ରଧାନ, ଉପସଭାପତି ଭାବେ ସପନ କୁମାର ଦତ ଓ ଦିଲିପ କୁମାର, କାର୍ଯ୍ୟକାରୀ ସଭାପତି ଭାବେ ରାଜଶ କୁମାର ରାଉତ, ନୂତନ ସମ୍ପାଦକ ଭାବେ ଅଶୋକ ରାଉତ (ଝୁଲା) ଯୁଗ୍ମ ସମ୍ପାଦକ ଭାବେ କେଦାନନାଥ ଦାସ, କୋଷାଧକ୍ଷ ଭାବେ ରାଜେଶ ପାତ୍ର, ଆଇନ ଉପଦେଷ୍ଟା ଭାବେ ଦୁର୍ଗା ପ୍ରସାଦ ତ୍ରିପାଠୀ ନୂତନ ମୁଖ୍ୟ ଉପଦେଷ୍ଟା ଭାବେ ଛବି ଦାସଙ୍କୁ ଚୟନ କରା ଯାଇଛି। ଏଥିସହ ଆଗାମୀ ୧୫ ଦିନ ମଧ୍ୟରେ ପୂର୍ବତନ ସମ୍ପାଦକ ଇ. ଭେଙ୍କଟ ରାଓଙ୍କୁ ସମସ୍ତ ନଥିପତ୍ର କାର୍ଯ୍ୟାଳୟରେ ଦାଖଲ କଦିବାକୁ ମାଲିକମାନେ ଅନୁରୋଧ କରିଛନ୍ତି।

# ସଂପାଦକୀୟ

## ଓଡ଼ିଶାରେ ରେଳବିଭାଗ

ଓଡ଼ିଶାରେ ରେଳପଥର ବିକାଶ ପାଇଁ କେନ୍ଦ୍ର ସରକାର ବଜେଟରେ ବ୍ୟବସ୍ଥା କରିଛନ୍ତି । ବିଭିନ୍ନ ପ୍ରକଳ୍ପ ପାଇଁ ୬୧୯୫.୫୮ କୋଟି ଟଙ୍କା ରଖାଛନ୍ତି । ରାଜ୍ୟ ସରକାର ୭ ହଜାର ଦୁଇଶହ କୋଟି ବରାଦ କରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ୬୧୯୫.୫୮ କୋଟି ବ୍ୟୟବରାଦ କିଛି କମ୍ ନୁହେଁ, ପୂର୍ବରୁ କେବେ ଏତେ ଅର୍ଥ ରେଳବାଇ ବିକାଶ ପାଇଁ ଦିଆଯାଇନଥିଲା । ଯେକୌଣସି ବର୍ଷରେ କୌଣସି ପ୍ରକଳ୍ପ ପାଇଁ ବ୍ୟୟ ବରାଦ କଲାବେଳେ ସରକାର ବଜେଟ ବ୍ୟବସ୍ଥା ଅନୁସାରେ ବ୍ୟୟବରାଦ କରିଥାଆନ୍ତି । ଅନେକ କ୍ଷେତ୍ରରେ ସେହି ଅର୍ଥ ବର୍ଷକ ମଧ୍ୟରେ ବ୍ୟୟ କରିବା ଦିଗରେ ଅନେକ ଅସୁବିଧା ସୃଷ୍ଟି ହୁଏ । ଲୋକମାନେ ଠାଏ ଠାଏ ବିରୋଧ ବି କରନ୍ତି । କିନ୍ତୁ ଓଡ଼ିଶାକୁ ମଣ୍ଡଳ କମିଶନ ଉଠି ଆସିବା ପରେ ରେଳବାଇ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ନିୟମିତ ଆଲୋଚନା ଓ ସମୀକ୍ଷା କରାଯାଉଛି । ଫଳରେ ଜମି ଅଧିଗ୍ରହଣ ହେଉ ବା ରେଳବାଇର ଅନ୍ୟ କିଛି ଅସୁବିଧା ଥାଉ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଦ୍ୱାରା ଏହାର ସମାଧାନ କରିବା ବ୍ୟବସ୍ଥା ରହିଛି । କିନ୍ତୁ ଏହା ସତ୍ତ୍ୱେ କେତେଗୁଡ଼ିଏ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦିଗରେ ଉଭୟ ପକ୍ଷରୁ କିଛି ଅସୁବିଧା ଦେଖାଯାଉଥିବାରୁ ଏବଂ କେନ୍ଦ୍ର ସରକାର ଯେତିକି ଅର୍ଥ ସେହି ବର୍ଷ ପାଇଁ ଦବା କଥା ସେତିକି ନ ଦେବାରୁ ବା ସେହି ଅର୍ଥ ନ ମିଳିବାରୁ ବା ଜମି ଅଧିଗ୍ରହଣ କରିବାରେ ବିଳମ୍ବ ହେବାରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହୁଏ । କିନ୍ତୁ ମୋଟାମୋଟି ଭାବେ କୁହାଯାଇପାରେ ଯେ, ଓଡ଼ିଶା ସରକାର ରେଳ ବିକାଶ ପାଇଁ ବ୍ୟଗ୍ର ଏବଂ ନିଜ ପକ୍ଷରୁ ମଧ୍ୟ ପ୍ରକଳ୍ପ ପାଇଁ ଅର୍ଥ ଦାନ କରିଥାଆନ୍ତି । କିନ୍ତୁ କେତୋଟି କ୍ଷେତ୍ରରେ ରେଳବାଇ ଅର୍ଥ ବ୍ୟବସ୍ଥା କରିବାରେ ଏବଂ ଅନ୍ୟ କାରଣରୁ ଆବଶ୍ୟକ ଅର୍ଥ ଯୋଗାଇ ଦେବାରେ ବିଳମ୍ବ କରିବାରୁ ଜଖପୁରା, ଦୈତାରୀ, ବଡ଼ବିଲ ରେଳପଥ ନିର୍ମାଣ କରିବା ପାଇଁ ୧୫ ବର୍ଷ ଲାଗିଗଲା । ସେହିପରି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ୨୫ ବର୍ଷ ପୂର୍ବେ ମଂଜୁର ହୋଇଥିଲେ ମଧ୍ୟ ତାହା ଏବେ ଧିମେଇ ଧିମେଇ ଚାଲିଛି ଯେ, ପ୍ରକଳ୍ପ କେବେ ସମ୍ପୂର୍ଣ୍ଣ ହେବ ତାହା ଅନିଶ୍ଚିତ । ଏହି ପ୍ରକଳ୍ପରେ ଆଉ କେତୋଟି ପଛୁଆ ଜିଲାକୁ ସଂଯୁକ୍ତ କଲେ ସାମାଜିକ ଓ ଅର୍ଥନୈତିକ ବିକାଶ ଦ୍ରୁତତର ହେବ ବୋଲି ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିଛନ୍ତି । ସୁଖର ବିଷୟ ଯେ, ହଜାର କୋଟି ଟଙ୍କା ଏଥିପାଇଁ ଆବଶ୍ୟକ ହେଉଥିବାବେଳେ ଏଥର ମାତ୍ର ୨୧ କୋଟି ଟଙ୍କା ଦିଆଯାଇଛି । ସେହିପରି ବିଭିନ୍ନ କାରଣରୁ କେନ୍ଦ୍ର ସରକାର ପ୍ରସ୍ତାବିତ ତାଳଚେର, ବିମଳାଗଡ଼, ହରିଦାସପୁର, ପାରାଦୀପ, ଜୟପୁର, ମାଲକାନଗିରି, ଅନୁଗୋଳ ରେଳପଥ ବର୍ଷ ବର୍ଷ ଧରି ଅଟକି ରହିଛି । ବିଜେପି ସରକାର କ୍ଷମତାକୁ ଆସିବା ପରେ ବ୍ୟବରାଦ ଅଧିକ ହୋଇଛି ସତ, କିନ୍ତୁ କେନ୍ଦ୍ର ସରକାର ଯଦିଏହି ବର୍ଷ ପରି ଆଗାମୀ ତିନି ଚାରି ବର୍ଷ ଅଧିକ ବ୍ୟୟବରାଦ କରନ୍ତି, ତେବେ ଓଡ଼ିଶାର ସାମାଜିକ, ଅର୍ଥନୈତିକ ବିକାଶ ଦ୍ରୁତତର ହେବ। ଓଡ଼ିଶା ଏକ ଖଣି ପ୍ରାଧାନ୍ୟ ରାଜ୍ୟ । ଲୁହାପଥର, ବକ୍ସାଇଟ୍, କୋଇଲା, ମାଙ୍ଗାନିଜ୍ ପ୍ରଭୃତି ଖଣିଜ ପଦାର୍ଥ ବିପୁଳ ପରିମାଣରେ ଓଡ଼ିଶାରେ ରହିଛି । କିନ୍ତୁ ପୁଞ୍ଜିନିବେଶ ଅଭାବରୁ ଏବଂ ପର୍ଯ୍ୟାପ୍ତ ଭୂମିର ବିକାଶ ନ ଥିବାରୁ ଏହି ଦିଗରେ ଅଧିକ ଶିଳ୍ପ ସ୍ଥାପନ କରିବା ବା ସ୍ୱଦେଶ ବିଦେଶକୁ ବିଭିନ୍ନ ସାମଗ୍ରୀ ରପ୍ତାନୀ କରିବା ସମ୍ଭବ ହେଉନାହିଁ । ଦୁର୍ଭାଗ୍ୟର କଥା ଯେ, ଓଡ଼ିଶାର ପଶ୍ଚିମାଂଚଳ, ଦକ୍ଷିଣାଂଚଳ ଓ ମୟୂରଭଞ୍ଜ ଅଂଚଳର ବିକାଶ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅତୀତରେ ବିଶେଷ ଗୁରୁତ୍ୱ ଦେଇନଥିଲେ । ଫଳରେ କେବଳ ପରପରସ୍ପରକୁ ଦୋଷ ଦେବା ସହିତ ଏହି ଦିଗରେ ଅଧିକ ତତ୍ପରତା ସାହାଯ୍ୟ ସହଯୋଗ, ପ୍ରଚେଷ୍ଟା ଯଦି କରିଥାଆନ୍ତେ, ତେବେ କେନ୍ଦ୍ର ଓ ଓଡ଼ିଶା ପରସ୍ପରର ପରିପୂରକ ହୋଇଥାଆନ୍ତେ ।

# ଜନ୍ମଠାରୁ ମୃତ୍ୟୁଯାଏଁ

ଏ ସୃଷ୍ଟିରେ ସୃଷ୍ଟିକର୍ତା; ପରମାତ୍ମା ହିଁ ସବୁଠୁ ବଡ଼, ସବୁଠୁ ଉପରେ ଅଛନ୍ତି । ମନୁଷ୍ୟ ପଂଚଷିବିକାରର ବଶବର୍ତୀ ହୋଇ ନିଜକୁ ବେଳେବେଳେ ବଡ଼ ବୋଲି ଭାବି ଗର୍ବ କରିଥାଏ । କିନ୍ତୁ ସୃଷ୍ଟିକର୍ତା ଭଗବାନ ଏହି ସୃଷ୍ଟିର ରଚନା କଲାବେଳେ ଏଥିରେ ଏତେ ଚମତ୍କାରିତା ଭରିଦେଇଛନ୍ତି ଯେ, ଏହାକୁ ବିଶ୍ଳେଷଣ କଲେ ଆମେ ଜାଣିପାରିବା ଏଠାରେ ଜଡ଼ଠାରୁ ଚେତନ ଯାଏଁ ପ୍ରତ୍ୟେକଟି ଭିତରେ କିଛି ନା କିଛି ଭଲ ଗୁଣ ଲୁକ୍କାୟିତ ହୋଇରହିଛି । ତା' ଛଡ଼ା ଆମେ ସଭିଏଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ଯାବତୀୟ ଆବଶ୍ୟକତା ପାଇଁ ଅଗଣିତ ଦ୍ରବ୍ୟ ଉପରେ ନିର୍ଭରଶୀଳ ହୋଇଥାଉ । ତେଣୁ ଏଠାରେ ସମସ୍ତେ ନିଜ ନିଜ ସ୍ଥାନରେ ଶ୍ରେଷ୍ଠ । ଉଦାହରଣ ସ୍ୱରୂପ ଆପଣ ସକାଳୁ ଉଠିବା ବେଳକୁ ଯଦି ପୂର୍ବ ଦିନଠୁ ସରିଥିବା ଟୁଥ୍‌ପେଷ୍ଟଟିକୁ ହଟାଇ ନୂଆଟିଏ ନ ଆଣିଥିବେ ତେବେ ସେଦିନ ସକାଳୁ ସକାଳୁ ଟିକେ ବ୍ୟସ୍ତ ହେବେ । ପୁନଃଶ୍ଚ ଟୁଥ୍‌ପେଷ୍ଟ୍ ଥାଇ ଯଦି ଟୁଥ୍‌ବ୍ରସ୍‌ଟି ନଥିବ ତେବେ ମଧ୍ୟ ଆପଣ ଅସୁବିଧାର ସମ୍ମୁଖୀନ ହେବେ । ଯଦି ଟୁଥ୍‌ପେଷ୍ଟ ଓ ଟୁଥ୍‌ବ୍ରସ୍ ଥାଇ ଆପଣଙ୍କ ବେସିନ୍‌ରେ ପାଣି ଆସୁ ନଥିବ, ତେବେ ମଧ୍ୟ ଯୋଉ ହଇରାଣକୁ ସେଇ ହଇରାଣ । ଏଥିରୁ ଜଣାପଡୁଛି ଆମେ ସମସ୍ତେ ପ୍ରତିଦିନ, ପ୍ରତି ମୁହୂର୍ତରେ ଏ ପୃଥିବୀର ଅଗଣିତ ବସ୍ତୁ ଉପରେ ନିର୍ଭର କରିଚାଲିଛେ ଜନ୍ମଠାରୁ ମୃତ୍ୟୁଯାଏଁ । ନିଜକୁ କର୍ତା ନ ଭାବି ଏ ମଧୁର ସୃଷ୍ଟିରେ କେବଳ ନ୍ତନିମିତ୍ତ' ବୋଲି ଚିନ୍ତା କରି ପରସ୍ପରକୁ ସ୍ନେହ, ଶ୍ରଦ୍ଧା ତଥା ସମ୍ମାନ ଜଣାଇ ଆସନ୍ତୁ ନୂଆ ବର୍ଷ ପ୍ରାରମ୍ଭରୁ ସମସ୍ତଙ୍କର ମହତ୍ତ୍ୱକୁ ଉପଲବ୍ଧି କରିବା, କାରଣ ଏହି ସୃଷ୍ଟି ରଙ୍ଗମଂଚରେ ଦୁବଠାରୁ ଦାରୁ ପର୍ଯ୍ୟନ୍ତ ସମସ୍ତଙ୍କର କିଛି ନା କିଛି ଭୂମିକା ରହିଛି । ଏହାକୁ ହୃଦୟଙ୍ଗମ କରିପାରିଲେ ଆମ ଭିତରୁ ବଡ଼ପଣର ଅହମିକାଟି ନିଶ୍ଚିତ ଉତ୍ପାଟିତ ହୋଇପାରିବ । ଏ ସମ୍ବନ୍ଧରେ ଗପଟିଏ ଶୁଣିଥିଲି ।

ଥରେ ଜଣେ ରାଜା ଜଙ୍ଗଲକୁ ଶିକାର କରିବାକୁ ଯାଇଥିବା ବେଳେ ଶୁଣିଲେ ଯେ ଅଗନାଅଗନି ଜଙ୍ଗଲ ଭିତରୁ ଭାସି ଆସୁଛି ନିଷ୍ପ୍ରଭ ଠକ୍ ଠକ୍ ଶବ୍ଦ । ଏ ଶବ୍ଦ କାହାର ବୋଲି ଠଉରାଇବାକୁ ରାଜା କିଛି ସୈନିକଙ୍କୁ ପଠାଇଲେ । ସୈନିକମାନେ ସେଇ ଶବ୍ଦକୁ ଲକ୍ଷ୍ୟ ରଖି ଆଗେଇଲେ । କିଛି ଭିତରକୁ ଗଲାପରେ ସେମାନେ ଦେଖିଲେ ଯେ ବୃଦ୍ଧ ଶିଳ୍ପୀ ମୂର୍ତି ଗଢ଼ିବାରେ ମଗ୍ନ । ସେ ଅଂଚଳର ଚାରିଆଡ଼େ ଅତି ସୁନ୍ଦର ଅସଂଖ୍ୟ ମୂର୍ତି ଛିଡ଼ା ହୋଇଥିବା ଦେଖି ସେମାନେ ଚମତ୍କୃତ ହେଲେ । ସୈନିକମାନେ ଶିଳ୍ପୀଙ୍କୁ ଆପଣା ପରିଚୟ ଦେଇ ସେମାନଙ୍କ ସହିତ ରାଜାଙ୍କ ପାଖକୁ ଯିବାକୁ ଅନୁରୋଧ କଲେ । ଶିଳ୍ପୀ ପ୍ରଥମେ ତ ସେଠାରେ ସୈନିକମାନଙ୍କୁ ଦେଖି ବିସ୍ମିତ ହେଲେ । କିନ୍ତୁ ସବୁ ଶୁଣିବା ପରେ ସେ ରାଜାଙ୍କ ପାଖକୁ ଯିବାକୁ ମଙ୍ଗିଲେ ନାହିଁ, ନମ୍ର ଭାବରେ ମନା କରିଦେଲେ ।

ସୈନିକମାନେ ଏହି ଖବର ରାଜାଙ୍କୁ ଦେଲେ । ରାଜା ସ୍ୱୟଂ ଶିଳ୍ପୀଙ୍କ ପାଖକୁ ଆସି ଯାହା ଦେଖିଲେ ସେଥିରେ ସ୍ତମ୍ଭୀଭୂତ ହୋଇଗଲେ । ଏଭଳି ଜଣେ ଶିଳ୍ପୀ ଜଙ୍ଗଲ ଭିତରେ ସାଧନା କରୁଛନ୍ତି । ରାଜା ବିଶ୍ୱାସ କରିପାରିଲେ ନାହିଁ । ତେଣୁ ସେ କହିଲେ, ହେ ମହାତ୍ମା, ମୋ ରାଜପଣକୁ ଧିକ୍ । ମୁଁ ରାଜା ଥାଉ ଥାଉ ଆପଣଙ୍କ ଭଳି ଜଣେ ମହାନ୍ ଶିଳ୍ପୀ ଜଙ୍ଗଲ ଭିତରେ ସମସ୍ତଙ୍କ ଅଗୋଚରରେ ମୂର୍ତି ଗଢୁଛନ୍ତି । ଏଣେ ଆପଣଙ୍କ ତୁଳନାରେ ଅକିଞ୍ଚନମାନଙ୍କୁ ମୁଁ ରାଜଶିଳ୍ପୀ ଭାବେ ସମ୍ମାନ ଦେଇଆସୁଛି । ଆପଣ ମୋ ସହିତ ଚାଲନ୍ତୁ । ଏତେ ସୁନ୍ଦର ଜୀବନ୍ତ ମୂର୍ତିର ସ୍ରଷ୍ଟା ଭାବେ ମୁଁ ଆପଣଙ୍କ ମୁଣ୍ଡରେ ଶିରପା ବାନ୍ଧିବି ।

ଶିଳ୍ପୀ ଏହା ଶୁଣି କହିଲେ, ମହାରାଜ ଏ କଥାଟି ଯଦି ଆପଣ ଆଉ ତିରିଶି ବର୍ଷ ଆଗରୁ କହିଥାନ୍ତେ, ତେବେ ହୁଏତ ମୁଁ ଯାଇଥାନ୍ତି, କିନ୍ତୁ ଏବେ ନୁହେଁ । ରାଜା ବିସ୍ମିତ ହୋଇ ପଚାରିଲେ, କାହିଁକି ? ଶିଳ୍ପୀ କହିଲେ, ତରୁଣ ଅବସ୍ଥାରେ ଜଣେ ଶିଳ୍ପୀ ଭାବେ ମୋ ମନରେ ଭାରି ଅହଂକାର ଥିଲା । ଦିନକର କଥା ମୋ ଗୁରୁ ମୋତେ ପ୍ରଶ୍ନଟିଏ ପଚାରିଲେ । ସେ ପ୍ରଶ୍ନଟି ହେତୁ ମୁଁ ସବୁ ଛାଡ଼ି ନୀରବରେ ଏ ଜଙ୍ଗଲରେ ଅଜ୍ଞାତବାସରେ ସାଧନା କରୁଛି ।



**ଡ. ପ୍ରତିଭା ଦାଶ**

ରାଜା ପଚାରିଲେ – କଣ ଥିଲା ସେ ପ୍ରଶ୍ନ ? ଶିଳ୍ପୀ କହିଲେ, ପ୍ରଶ୍ନଟି ହେଉଛି, ତୁମେ ଏ ମୂର୍ତିର ସ୍ରଷ୍ଟା ନା ମୂର୍ତିଗୁଡ଼ିକ ତୁମ ଭଳି ଜଣେ ଶିଳ୍ପୀର ସ୍ରଷ୍ଟା ? ଶ୍ରେୟ କାହାର ? ବାସ୍ ସେତିକିରେ ମୋ ମନରୁ ପରସ୍ତ ପରସ୍ତ ଅହଂ ଛାଡ଼ିଗଲା । ମୁଁ ଜାଣେ ମୁଁ ବି ଜଣେ ଅକିଂଚନ । ଏ ମୂର୍ତିମାନେ ମୋତେ ଗଢ଼ିଛନ୍ତି । ସବୁ ଶ୍ରେୟ ଏମାନଙ୍କର ।

ସେହିପରି ଅତୀତକୁ ଦୃଷ୍ଟିନିକ୍ଷେପ କଲେ ଜଣାଯାଏ ଭଲ ଗୁରୁମାନେ କେବଳ ଭଲ ଛାତ୍ର ତିଆରି କରିନଥାନ୍ତି, ବେଳେବେଳେ ଛାତ୍ରମାନେ ମଧ୍ୟ ଭଲ ଗୁରୁ ତିଆରି କରିବାରେ ସମର୍ଥ ହୋଇଥାନ୍ତି, କାହିଁକି ନା ଗୁରୁ-ଶିଷ୍ୟ, ଶିକ୍ଷକ-ଛାତ୍ର, ସ୍ୱାମୀ-ସ୍ତ୍ରୀ, ପିତାମାତା-ସନ୍ତାନସନ୍ତତି, ଏମାନେ ପରସ୍ପର ପରିପୂରକ । ଏକଦା ଦ୍ରୋଣାଚାର୍ଯ୍ୟ ସୃଷ୍ଟି କରିପାରିଥିଲେ ଅର୍ଜୁନ ଭଳି ଧନୁର୍ଦ୍ଧାରୀକୁ ଓ ଆରିଷ୍ଟୋଟଲ୍ ସୃଷ୍ଟି କରିଥିଲେ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡରକୁ । ଆରିଷ୍ଟୋଟଲ୍ ମଧ୍ୟ ତିଆରି କରିଥିଲେ ପ୍ଲାଟୋଙ୍କୁ ଓ ପ୍ଲାଟୋ ଆରିଷ୍ଟୋଟଲଙ୍କୁ । ଦିନେ ଶ୍ରେଣୀ ଗୃହରେ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ମଣିଷର ସଂଜ୍ଞା ଦେବାକୁ ଯାଇ କହିଥିଲେ, "ମଣିଷ ହେଉଛି ଦ୍ୱିପାଦ ବିଶିଷ୍ଟ ପକ୍ଷହୀନ ଏକ ପ୍ରାଣୀ ।" ମାତ୍ର ତାଙ୍କ ଶିଷ୍ୟ ଆରିଷ୍ଟୋଟଲ ଜୈବିକ ତ୍ରୁଟିରୁ ପକ୍ଷ ନଥିବା ଏକ କୁକୁଡ଼ାକୁ ଦେଖାଇ ପଚାରିଲେ, "ମହାଶୟ, ଆପଣଙ୍କ ସଂଜ୍ଞା ଅନୁସାରେ ଏହି ପକ୍ଷହୀନ କୁକୁଡ଼ାକୁ ମଣିଷ କୁହାଯାଇ ପାରିବ ?" ସେତେବେଳେ ପ୍ଲାଟୋଙ୍କୁ ତାଙ୍କ ସଂଜ୍ଞାକୁ ବଦଳାଇବାକୁ ପଡ଼ିଥିଲା । ସେ କହିଲେ, "ମଣିଷ ହେଉଛି ହସି ପାରୁଥିବା ଏକ ପ୍ରାଣୀ ।" ପରଦିନ ଆରିଷ୍ଟୋଟଲ ଏକ ତାଲିମପ୍ରାପ୍ତ ଘୋଡ଼ାକୁ ହ୍ରେଷାରାବ କରାଇ ପ୍ଲାଟୋଙ୍କୁ ପଚାରିଲେ, "ମହାଶୟ, ଏହି ହସି ପାରୁଥିବା ଘୋଡ଼ାକୁ ମଣିଷ କହିହେବକି ?" ପ୍ଲାଟୋ ବାଧ୍ୟ ହୋଇ ପୁଣି ଥରେ ସଂଜ୍ଞା ବଦଳାଇ କହିଲେ, "ମଣିଷ ହେଉଛି ଏକ ବିଚାରଶୀଳ ପ୍ରାଣୀ ।" ପ୍ଲାଟୋଙ୍କ ଏହି ସଂଜ୍ଞା ଆଜି ପର୍ଯ୍ୟନ୍ତ ଠିକ୍ ବୋଲି ଗ୍ରହଣ କରାଯାଇଛି । କାରଣ ଭଲମନ୍ଦ ବିଚାର କରିବାର ଶକ୍ତି କେବଳ ମଣିଷର ରହିଛି । ଏଯାଏଁ ମଧ୍ୟ ଆମେ କେହି ସ୍ଥିର କରି କହିପାରିବା ନାହିଁ ଯେ ଏ ସୃଷ୍ଟିର ମଞ୍ଜିଟିଏ ଆଗ ନା ବୃକ୍ଷ, ଜନ୍ମ ଆଗ ନା ମୃତ୍ୟୁ, ଅଣ୍ଡା ଆଗ ନା କୁକୁଡ଼ା... । କାରଣ ଏ ସବୁ ବଡ଼ ଗହନ ପ୍ରଶ୍ନ । ମଞ୍ଜିଟିଏରୁ ତ ଗଛଟିଏ ଉଦ୍ଭବ ହୁଏ, ପୁଣି ଗଛଟିଏ ହିଁ ମଞ୍ଜିର କାରଣ । ଜନ୍ମ ଥିଲେ ତ ମୃତ୍ୟୁ ହୁଏ ପୁଣି ମୃତ୍ୟୁ ପରେ ପୁର୍ନଜନ୍ମ । ସେହିପରି ଅଣ୍ଡାଟିରୁ କୁକୁଡ଼ା ଛୁଆଟିଏ ଫୁଟିଥାଏ ପୁଣି କୁକୁଡ଼ାଟିଏ ହିଁ ଅଣ୍ଡା ସୃଷ୍ଟିକରେ । ଅନେକ ଓହଳ ଲମ୍ବିଥିବା ବରଗଛଟିରେ କେତେ ପକ୍ଷୀ ଆଶ୍ରୟ ନିଅନ୍ତି, ତଳେ କେତେ ପଶୁ, ମନୁଷ୍ୟ ମଧ୍ୟ ବିଶ୍ରାମ ନିଅନ୍ତି । କିନ୍ତୁ ଟିକିଏ ନିରୀକ୍ଷଣ କଲେ ଦେଖିପାରିବା ବରଗଛଟିକୁ ଠିଆ କରି ରଖିବାରେ, ସେଥିରୁ ବାହାରିଥିବା ଓହଳମାନେ କିପରି ସ୍ତମ୍ଭ ଭଳି କାମ କରିଥାନ୍ତି । ସୃଷ୍ଟି ଅନନ୍ତ ଓ ଅନାଦି । ଏହା ଭିତରକୁ ଯିବା ପୂର୍ବରୁ ଆସନ୍ତୁ ପରମାତ୍ମାଙ୍କର ଏହି ସତ୍ୟ ଶିବ ସୁନ୍ଦର ତଥା ମଧୁର ସୃଷ୍ଟିର ପ୍ରତ୍ୟେକ ବସ୍ତୁରୁ ଯଥା – ଫୁଲ, ଫଳ, ଘାସ, ଦୁବ, ଆକାଶ, ପର୍ବତ, ଝରଣା, ପଶୁ, ପକ୍ଷୀ, ସୂର୍ଯ୍ୟ, ଚନ୍ଦ୍ର, ତାରା, ଗ୍ରହ, ଉପଗ୍ରହ ଇତ୍ୟାଦି ମଧ୍ୟରୁ ଅମୃତତ୍ୱକୁ ସାଉଁଟି ନେବା । ପ୍ରତି ମୁହୂର୍ତରେ ବିଶ୍ୱ ନିୟନ୍ତାଙ୍କ ଚମତ୍କାରିତାରେ ମନ ପ୍ରାଣ ହୃଦୟକୁ ଭରିଦେଇ ଏକ ସକରାତ୍ମକ ଦୃଷ୍ଟି ନିବଦ୍ଧ କରିବା । ଭାଗବତରେ ବର୍ଣ୍ଣିତ "ଏ ମନ ଖୋଜୁଥାଇ ଯାହା, କାଳେ ପ୍ରାପତ ହୁଏ ତାହା ।।" ତେଣୁ ମନ ଭିତରେ ଅତୁଟ ବିଶ୍ୱାସ ରଖି ପ୍ରଭୁଙ୍କୁ ସ୍ମରଣ କଲେ ସଂଶୟର ଆବରଣଟି ଧୀରେ ଧୀରେ ଖୋଲିଯିବ ।

# ଗ୍ରାମବାସୀଙ୍କ ଆର୍ଥିକ ବିକାଶ ପାଇଁ ଗରିବନ୍ଧ ନିର୍ମାଣ

"ବିନୋବା ଯୁବକ ସଂଘ" ପକ୍ଷରୁ ଅନ୍ୟ ଏକ ଅନନ୍ୟ କାର୍ଯ୍ୟ କଟକ ଜିଲ୍ଲା ଅନ୍ତର୍ଗତ ଏରଂଚ ଗ୍ରାମବାସୀଙ୍କ ଆର୍ଥିକ କଲ୍ୟାଣ ପାଇଁ କରାଯାଇଥିଲା । ଏ କାର୍ଯ୍ୟ କରାଯାଇଥିଲା ୧୯୬୬ ମସିହା ମେ ମାସ ୧୩ ତାରିଖରେ ।

ଆମ ଗ୍ରାମାବସୀଙ୍କର ଅନେକଙ୍କ ଜମି ରହିଥିଲା ବନୁଆ ପାଟରେ । ମାତ୍ର ଜଳ ସେଚନର ସୁବିଧା ନ ଥିବାରୁ ଢ଼ିପ ଜାଗାରେ ଥିବା ଜମିରେ ବିଆଳି ଧାନ, ମାଣ୍ଡିଆ ଛଡ଼ା ଅନ୍ୟ କିଛି ଫସଲ ବର୍ଷା ଦିନେ କରାଯାଇ ପାରୁ ନ ଥିଲା । ବନୁଆ ପାଟରେ ଥିବା ଜମିର ଉପର ଭାଗରେ ବର୍ଷା ପାଣି ପର୍ଯ୍ୟାପ୍ତ ପରିମାଣର ରହିପାରୁ ନ ଥିଲା । କାରଣ ପାଟଟି ଫ୍ଲାଟ୍ ଅବସ୍ଥାରେ ନଥାଇ ଅତି ଗଡ଼ାଣିଆ ଥିଲା । ପାଟର ମଧ୍ୟ ଭାଗରେ ଦୁଇଟି ଗରିବନ୍ଧର ଆବଶ୍ୟକତା ରହିଥିଲା । ତେବେ ଏ ଦିଗରେ ଚିନ୍ତା କରି କିଛି କାର୍ଯ୍ୟ କରିବା ପାଇଁ ପଂଚାୟତସ୍ତରୀୟ ରାଜନେତାମାନଙ୍କର କୌଣସି ତତ୍ପରତା ନ ଥିଲା । ଏଥିପାଇଁ "ବିନୋବା ଯୁବକ ସଂଘ" ପକ୍ଷରୁ ଗରିବନ୍ଧ ନିର୍ମାଣ କରିବା ସପକ୍ଷରେ ନିଷ୍ପତ୍ତି ନିଆଗଲା । ଏହି କାର୍ଯ୍ୟ ପାଇଁ ଆମେ ଯୁବକମାନେ ନିଜ ଘରେ ଥିବା କୋଡ଼ି, କୋଦାଳ, ଶାବଳ, ଗାଣ୍ଡୁଆ, ଟୋକେଇ ଆଦି ଧରି ବନୁଆ ପାଟ ମଧ୍ୟ ଭାଗକୁ ଗଲୁ । ଅମାପ ଉତ୍ସାହର ବଶବର୍ତ୍ତୀ ହୋଇ କାର୍ଯ୍ୟ କଲୁ । ପ୍ରଥମ ଗରିବନ୍ଧଟି ଶେଷ କରି ଦ୍ୱିତୀୟ ଗରିବନ୍ଧ କାର୍ଯ୍ୟ କଲୁ । ଏହି ଦୁଇ ଗରିବନ୍ଧ ଯୋଗୁଁ ବର୍ଷାପାଣିକୁ ବହୁମାତ୍ରାରେ ଅଟକାଇ ରଖାଯାଇ ପାରିଲା । ଫସଲ ଭଲ ହେଲା । ଯେଉଁ ଦୁଇଟି ଗରିବନ୍ଧ ଆମ୍ଭେମାନେ କରିଥିଲୁ ସେଥିମଧ୍ୟରୁ ଗୋଟିଏ ପରବର୍ତ୍ତୀ ସମୟରେ ପଂଚାୟତର ଏକ ରାସ୍ତାରୂପେ ଗଣାଗଲା ଏବଂ ସମୟକ୍ରମେ ତାହା ରୁରାଲ୍ କନେକ୍ଟିଭିଟି ଯୋଜନାର ଅନ୍ତର୍ଭୁକ୍ତ ହୋଇ ଏବେ ଏକ ମଜଭୁତ୍ ପିଚୁ ରାସ୍ତାରେ ପରିଣତ ହୋଇଛି । ଅଡ଼ଶପୁର ବସ୍‌ଷ୍ଟାଣ୍ଡରୁ ତଣ୍ଡିକଣା କନ୍ଦଳ ନଦୀ ପୋଲ ଉପର ଦେଇ ଯେଉଁ ରାସ୍ତା ଏରଂଚ ଗାଁ ବାଟ ଦେଇ ଜଗତ୍‌ସିଂହପୁର ବଜାରକୁ ଯାଇଛି ଏବଂ ତାହା ସେଠାରୁ ପାରଦ୍ୱୀପକୁ ଯାଇଛି – ଏହି ଲମ୍ବା ରାସ୍ତାର ଏକ ମୁଖ୍ୟ ଭାଗ ଭିତରେ ରହିଛି ଆମ୍ଭେମାନେ କରିଥିବା ୧୯୬୬ରେ କରିଥିବା ପ୍ରଥମ ଗରିବନ୍ଧଟି । ୨ୟ ଗରିବନ୍ଧ କରୁଥିବା ବେଳେ ଏକ ଦୁଃଖଦ ଘଟଣା ଘଟିଥିଲା । ଉତ୍ସାହ ଉଦ୍ଦୀପନାର ସୀମା ନ ଥିଲା । "ମୁଁ ମୁଣ୍ଡେଇ କି ନେବି, ମୋ ଗାଣ୍ଡୁଆରେ ମାଟି ଭରି ଦିଅନ୍ତୁ", ଏପରି ଅନୁରୋଧ ଅନେକ ଯୁବ ସହକର୍ମୀଙ୍କର ଥିଲା । ତେଣୁ ଅସାବଧାନତା ହେତୁ ଧୀରେନ୍ଦ୍ର ମହାପାତ୍ରଙ୍କ ବାମ ହାତରେ ମାଟି ହାଣୁଥିବା ଭ୍ରମରବର ସେଠୀଙ୍କ କୋଦାଳ ବାଜି ଯାଇଥିଲା । ହାତରେ ଏକ ବୃହତ ଭାଗ କଟିଯାଇଥିଲା । କାମ ସେଇଟି ବନ୍ଦ କରି ଆମ୍ଭେମାନେ ପାଟବାଟ ଦେଇ ଆମ ଗାଁ ହାଇସ୍କୁଲକୁ ଧାଇଁ ଥିଲୁ । ସେଠାରେ ଫ୍ଲାଷ୍ଟଏଡ଼୍‌ର ବ୍ୟବସ୍ଥା କଲୁ । ଧୀରେନ୍ଦ୍ର ବାବୁ ସେତେବେଳେ ଓୟୁଏଟିର କୃଷି ସବ୍‌ଜେକ୍ଟ ଉପରେ ଅଧ୍ୟୟନ କରୁଥିଲେ । ଧିରେନ୍ଦ୍ରବାବୁ କୃଷି ସବ୍‌ଜେକ୍ଟରେ ପିଜି ପାଠ ଶେଷ କରି ସରକାରୀ କାଯ୍ୟରେ ଯୋଗଦେଲେ । କୃଷି ବିଭାଗର ଜଏଂଟ୍ ଡ଼ାଇରେକ୍ଟର ଭାବେ ସେ ଅବସର ଗ୍ରହଣ କରିଥିଲେ । ୨୦୧୯ ସସିହା ଅକ୍ଟୋବର ୧୧ ତାରିଖରେ ତାଙ୍କର ଦେହାନ୍ତ ହୋଇଯାଇଛି । ଭ୍ରମରବର ସେଠୀ ବିଏସ୍‌ଏନଏଲ୍ ସଂସ୍ଥାରେ ଚାକିରି କରି କେନ୍ଦୁଝରର ଡ଼ିଭିଜିନାଲ୍ ଇଂଜିନିୟର ଭାବେ ରିଟାୟାର କରି ଆମ ଗାଁ ଏଂରଚରେ ସପରିବାରେ ରହୁଛନ୍ତି । ଇ ତ ି ମଧ୍ୟରେ ଅନ୍ୟ ଦୁଇ ଯୁବ ବନ୍ଧୁ ଯଥା: ଦିବାକାର ମହାପାତ୍ର ଓ ନିତ୍ୟାନନ୍ଦ ପାଢ଼ୀ ଯଥାକ୍ରମେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଟେକିନ୍‌କାଲ୍ ଅଫିସର ଏବଂ ଆସିଟାଂଟ୍ ଇଂଜିନିୟର ଭାବେ ରାଜ୍ୟ ଜଳସେଚନ ଜଗତ୍‌ପୁର ଡ଼ିଭିଜନରୁ ରିଟାୟାଡ଼ କରିଥିଲେ । ଦିବାକାର ବାବୁଙ୍କ ଦେହାନ୍ତ ୨୦୧୯ ଅଗଷ୍ଟ ୮ ତାରିଖରେ ହୋଇଯାଇଛି । ବଂଧୁ ନିତ୍ୟାନନ୍ଦ ପାଢ଼ୀଙ୍କର ଦେହାନ୍ତ ହୋଇଛି ଗତ ବର୍ଷ ଜୁନ୍ ମାସ ୧୪ ତାରିଖରେ । ଏହି ଦୁଇ ଜଣ ୧୯୬୬ ରେ କରାଯାଇଥିବା ଗରିବନ୍ଧ କାର୍ଯ୍ୟରେ ପ୍ରମୁଖ ଭୂମିକା ଲିଭାଇଥିଲେ । ୧୯୬୬ ମସିହା ମେ ମାସର ୧୩ ତାରିଖକୁ ପାଶୋରୀ ହେବ ନାହିଁ । ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ପ୍ରତି ସେଦିନ ଯୁବସହକର୍ମୀମାନଙ୍କର ଯେଉଁ ଉତ୍ସାହ ଓ ସମର୍ପିତ ଭାବ ପ୍ରଦର୍ଶିତ ହୋଇଥିଲା ତାହା ଆଦୌଂ ଭୁଲିବାର ନୁହେଁ ।

*ନିରୀଶ୍ୱରବାଦୀ-ମୁକ୍ତଚିନ୍ତକ*
*ବି.ରାମଚନ୍ଦ୍ର ସି.ଏସ୍.ଟି. ଭୋଲଟେୟାର ଙ୍କ*
*ଆତ୍ମଜୀବନୀରୁ ୧୧ ଭାଗ*
*ମୋ ୯୨୩୮୮୭୮୨୮୦*

# ସତ୍ୟବାଦୀର ଶେଷସଖା – ଆଚାର୍ଯ୍ୟ ହରିହର

ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ଗୋଟିଏ ପ୍ରସିଦ୍ଧ ତୀର୍ଥ ସ୍ଥାନ । ସମଗ୍ର ଭାରତରୁ ହଜାର ହଜାର ଯାତ୍ରୀ ସେଠାକୁ ଆସନ୍ତି । ଶ୍ରୀରାମଚନ୍ଦ୍ରପୁର ଗ୍ରାମ ସାକ୍ଷୀଗୋପାଳ ମନ୍ଦିର ଠାରୁ ଅଳ୍ପ ଦୂରରେ ଥିବାରୁ ଓଡିଶାର ଅନ୍ୟ ଗ୍ରାମ ତୁଳନାରେ ଟିକିଏ ଆଗୁଆ ଥାଏ । ଏହି ଗ୍ରାମର ମହାଦେବ ବ୍ରହ୍ମାଙ୍କର ସେ ଅଂଚଳରେ ବେଶ୍ ଖାତିର । ୧୮୭୯ ମସିହା ଫାଲ୍‌ଗୁନ କୃଷ୍ଣ ଦ୍ୱିତୀୟା (ଫେବ୍ରୁଆରୀ ମାସ) ଶନିବାର ଦିନ ମହାଦେବ ବ୍ରହ୍ମାଙ୍କ ଯେଉଁ ପ୍ରଥମ ପୁତ୍ର ହେଲା ତାହାରି ନାମ ଦିଆଗଲା ହରି । ପାଂଚବର୍ଷ ବୟସରେ ହରି ମା'ଙ୍କୁ ହରାଇଥିଲେ । ମହାଦେବ ବ୍ରହ୍ମାଙ୍କର ଅଳ୍ପ ବୟସ ହୋଇଥିବାରୁ ସେ ଦ୍ୱିତୀୟ ବିବାହ କଲେ । ସାବତ ମା'ଙ୍କ ଦ୍ୱାରା ପାଳିତ ହୋଇଥିଲେ । ସାବତ ମା'ଙ୍କର ତିନିପୁଅଙ୍କ ନାମ ରାମ, ଗୋବିନ୍ଦ ଓ ଶଙ୍କର, ଝିଅ ନାମ ନିଶା ଥିଲା ।

ଗାଁର ଭର୍ଣ୍ଣାକୁଳର ସ୍କୁଲରୁ ପାଶ୍‌କରି ହରି ପୁରୀ ଜିଲ୍ଲା ବିଦ୍ୟାଳୟରେ ନାମ ଲେଖାଇଥିଲେ । ପାଉଥିବା ଚାରିଟଙ୍କା ବୃତିରେ ସେ ମାସକର ଖର୍ଚ୍ଚ ବହନ କରିଥିଲେ । ସେଠାରେ ସେ ଗୋପୀନାଥ ଦାଶ ପାଖରେ ରହିଥିଲେ । ଗୋପୀ ଭାଇନାଙ୍କ ଦ୍ୱାରା ଗୋପବନ୍ଧୁ ଦାସଙ୍କ ସହିତ ପରିଚିତ ହେଲେ । ଗୋପବନ୍ଧୁଙ୍କର ପ୍ରଭାବ ହରି ଉପରେ ପଡିଲାରୁ ବିଲାତି ପତଳା ଲୁଗା ପିନ୍ଧିବାର କଳ୍ପନା ହରିଙ୍କର ମଉଳି ଗଲା । ଗୋପୀନାଥ ଓ ଗୋପବନ୍ଧୁଙ୍କର ପ୍ରଭାବରେ ହରି ପାଲଟିଗଲା ଜନତାର ସେବକ । ମାନବିକ ତଥା ବୈପ୍ଳବିକ ଭିତରେ ସେ ସାମଞ୍ଜସ୍ୟ ରଖି ପାରୁଥିଲେ । ଚିକିତ୍ସା ଅଭାବରୁ ଯେଉଁ ହଇଜା ରୋଗୀ ଚିତ୍କାର କରୁଛି ତାଙ୍କୁ ଅଭୟ ଦେବାପାଇଁ ସେ ଯେତିକି ଆଗଭର ହେଉଥିଲେ କୋରାପୁଟର ପାହାଡ, ଜଙ୍ଗଲ କୋଳରେ ରହିଥିବା ଆଦିବାସୀ ମନରେ ଅତ୍ୟାଚାର ବିରୁଦ୍ଧରେ ଶକ୍ତିର ସଂଚୟ କରିବା ପାଇଁ ମଧ୍ୟ ଠିକ୍ ସେହି ପରିମାଣରେ ବ୍ୟାକୁଳତା ଦେଖାଉଥିଲେ । ଅତ୍ୟାଚାର ସହି ସହି ଯେଉଁ ଦରିଦ୍ର ଲୋକଙ୍କର ଅଂଟା ନଇଁ ଯାଇଛି ସେମାନଙ୍କ ହାତଧରି, ଅଂଟାକୁ ଆଉଁସିଦେଇ ସିଧା କରିବା କାର୍ଯ୍ୟକୁ ହରି ସେବା ମନେକରୁଥିଲେ । ଅସହାୟର ଉଦ୍ଧାର ପାଇଁ ହିଁ ହରି ଜନ୍ମ ହୋଇଛନ୍ତି । ମାନବ ସମାଜର ସେବା ଯଜ୍ଞରେ ହରିଙ୍କୁ ଉତ୍ସାହର ଘିଅ ଯୋଗାଉଥିଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ । ହରିହର ପାଲଟିଗଲେ ବିପ୍ଳବୀ, ସଂସ୍କାରକ, ଶିକ୍ଷକ ଓ ଦଳିତ ନିର୍ଯ୍ୟାତିତମାନଙ୍କର କଳ୍ପବଟ ।

ଆଜି ଓଡ଼ିଶାର ଯେଉଁ କୋଣକୁ ଯାଅ ଦେଖିବ ଆଚାର୍ଯ୍ୟ ହରିହରଙ୍କର ଛାତ୍ର । ଛୋଟବେଳୁ ହରିହର ନିଜ ପାଠ ପଢ଼ିବା ପରେ ଗାଁର ଅନ୍ୟ ଲୋକମାନଙ୍କୁ ପାଠପଢ଼ାନ୍ତି । ଦିନେଦିନେ ମା ଶ୍ରଦ୍ଧାଦେବୀ ହରିର ଘରକୁ ଫେରିବା ବିଳମ୍ବ ହେଲେ ବ୍ୟସ୍ତ ହୋଇପଡ଼ନ୍ତି । କୁହନ୍ତି "ତୁ ଏତେ ଲୋକଙ୍କୁ ପାଠ ପଢ଼ାଉଛୁ, ମୋତେ ଟିକିଏ ପଢ଼ାନ୍ତୁନି" ? ଏତିକିରେ ହରି ହୋଇଗଲେ 'ମା'ର ଶିକ୍ଷକ । ନିଜ ମାମୁଁ ଅଜାଙ୍କ ଘରେ ପୁରୀରେ ରହି ପାଠ ପଢ଼ିଲେ । ଏଫ.ଏ.ପାଶ୍ ପରେ ହରିହର ପି.ଏଲ୍ ପଢ଼ିଲେ । କଟକରୁ ଯାଇ କଲିକତାରେ ଓକିଲାତି ପାଠ ପଢ଼ିଲେ । ଓକିଲାତିର ଶେଷ ପରୀକ୍ଷା ନଦେଇ ପୁରୀ ଜିଲ୍ଲା ସ୍କୁଲରେ ଆସି ଶିକ୍ଷକତା କଲେ । ସରକାରୀ ଚାକିରୀରେ ମନ ମାନିଲା ନାହିଁ । ନୀଳଗିରି ଗଡ଼ଜାତରେ ଗୋଟିଏ ପ୍ରସ୍ତାବିତ ହାଇସ୍କୁଲରେ କିଛି ଦିନ କାର୍ଯ୍ୟ କଲେ । ଏହି ସମୟରେ ଜାତୀୟ ଆନ୍ଦୋଳନ ମୁଣ୍ଡ ଟେକିଲାଣି । ପଲିଟିକାଲ ଏଜେଂଟ କବ୍‌ଡେନ୍ ରାମ୍‌ସେଙ୍କ ବିଷ ଦୃଷ୍ଟିରେ ଉକ୍ତ ହାଇସ୍କୁଲଟି ପଡିବାରୁ, ସେ ରାଜାଙ୍କୁ ସ୍କୁଲ ଭାଙ୍ଗିଦେବାକୁ ପରାମର୍ଶ ଦେଲେ । ସ୍କୁଲ ଭାଙ୍ଗିଲା, ତେଣୁ ହରିହର ନୀଳଗିରିରୁ କଟକର ପ୍ୟାରୀମୋହନ ଏକାଡେମୀକୁ ଚାଲିଆସିଲେ । କଟକରେ ସେ ନିଜର ଦକ୍ଷତା ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ର ହେଲେ । ୧୯୧୨ ମସିହାରେ ହରିହର ଚାଲିଲେ ସତ୍ୟବାଦୀରୁ ବକୁଳବନ ବିଦ୍ୟାଳୟକୁ । ଉତ୍କଳମଣି, ନୀଳକଣ୍ଠ, ଗୋଦାବରୀଶ, ନନ୍ଦକିଶୋର ଓ କୃପାସିନ୍ଧୁଙ୍କ ଗହଣରେ ସେଠାରେ ସେ ଆଦର୍ଶ ବିଦ୍ୟାଳୟ ଚଳାଇବାରେ ସହଭାଗୀ ହୋଇଥିଲେ । ୧୯୧୨ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ଗୋପବନ୍ଧୁ ଆନ୍ଦୋଳନରେ ଯୋଗ ଦେବାରୁ ସରକାର ସତ୍ୟବାଦୀ ଜାତୀୟ ବିଦ୍ୟାଳୟକୁ ବନ୍ଦ କରିଦେଲେ । ତଥାପି ହରିହର ଶିକ୍ଷାଦାନର ସୁଯୋଗ ସବୁବେଳେ ଖୋଜୁଥାନ୍ତି । ୧୯୩୦ରେ ହଜାରୀବାଗ ଜେଲ୍ ଭିତରେ ବନ୍ଦୀମାନଙ୍କୁ ପଢ଼ାଇବାର ଦାୟିତ୍ୱ ହରିହରଙ୍କ ଉପରେ ଥିଲା । ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ସେ ୧୯୪୨ ମସିହା ଅଗଷ୍ଟମାସରେ ବ୍ରହ୍ମପୁର ଜେଲ୍‌ରେ ଅଟକବନ୍ଦୀ ହେଲେ । ଦୁଇବର୍ଷକାଳ ପ୍ରତିଦିନ ଜଗନ୍ନାଥ ଦାସ, ଲୋକନାଥ ମିଶ୍ର, ଗୋପବନ୍ଧୁ ଚୌଧୁରୀ ଓ ଭାଗୀରଥି ମହାପାତ୍ରଙ୍କ ମେଳରେ ବସି ହରିହର ଗୀତା ଓ ଉପନିଷଦ ପଢ଼ାନ୍ତି । ସେହିଠାରେ ସମସ୍ୱର ଶ୍ରୀମଦ୍ ଭାଗବତ ଗୀତା ରଚିତ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ଡାକରାରେ ନୂତନ ଶିକ୍ଷାର ପ୍ରବର୍ତନ ପାଇଁ ଉତ୍କଳ ମୌଳିକ ଶିକ୍ଷା ପରିଷଦ ଗଠନ କରାଗଲା । ଏହି ପରିଷଦର ସଭାପତି ଥିଲେ ଆଚାର୍ଯ୍ୟ ହରିହର ।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଦାୟିତ୍ୱ ନେଲେ ଗୋବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର । ଲବଣ ସତ୍ୟାଗ୍ରହ ଦଳ ସେହି ବର୍ଷ ଏପ୍ରିଲ ଛଅ ତାରିଖ ଦିନ କଟକଠାରୁ ବାଲେଶ୍ୱରର ଇଂଚୁଡି ଅଭିମୁଖେ ବାହାରିଲେ । ପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରିନିଆଗଲା । ଏପ୍ରିଲ ୧୩ ତାରିଖରେ ଲବଣ ଆଇନ୍ ଅମାନ୍ୟ କରିବାକୁ ଯାଇ ହରିହର ଗିରଫ ହେଲେ ଓ ହଜାରୀବାଗ ଜେଲରେ ରହିଲେ । ୧୯୩୧ରେ ହରିହର ଜେଲରେ ଥାଆନ୍ତି । ଗାନ୍ଧୀଜୀଙ୍କର ହରିଜନ ପଦଯାତ୍ରା ପୁରୀରୁ ଆରମ୍ଭ ହେଲା । ଯାତ୍ରାର ଶେଷବେଳକୁ ହରିହର ଜେଲରୁ ମୁକ୍ତିପାଇ ଗାନ୍ଧୀଜୀଙ୍କୁ ଦେଖାକଲେ । ୧୯୪୨ ମସିହାରେ "ଭାରତ ଛାଡ" ଆନ୍ଦୋଳନରେ ହରିହର ଯୋଗଦେଇ ଦୁଇବର୍ଷରୁ ଅଧିକ କାଳ ଜେଲରେ ରହି ୧୯୪୪ ଶେଷଭାଗରେ ଜେଲରୁ ମୁକ୍ତ ହେଲେ ।

ହରିହର ଦୁଇଥର ବିବାହ କରିଥିଲେ ମଧ୍ୟ ତାଙ୍କ ଦୁଇଟି ସ୍ତ୍ରୀଙ୍କର ଅକାଳ ମୃତ୍ୟୁ ଘଟିଥିଲା । ଯୁବକ ଅବସ୍ଥାରୁ ସଂସାରିକ ସୁଖରୁ ମନକୁ ଫେରାଇନେଇ ସମାଜର ସେବାକୁ ଆଦରି ନେଇଥିଲେ । ଓଡ଼ିଶାର ନାରୀ ଜାଗରଣ ସମୟରେ ସେ ନାରୀ ମାନଙ୍କ ଭିତରେ ମାତା, ଭଗିନୀ ବା କନ୍ୟାର ରୂପହିଁ ଦେଖିଛନ୍ତି । ୪୫ ବର୍ଷ ବୟସ ବେଳେ ୧୯୨୪ରେ ସେ ପୁରୀ ବିଧବାଶ୍ରମର ପରିଚାଳନା ଦାୟିତ୍ୱ ନେଇଥିଲେ । ହରିଜନ ଆନ୍ଦୋଳନର ନେତୃତ୍ୱ ଓଡ଼ିଶାରେ ହିଁ ହରିହର ନେଇଥିଲେ । ଅସ୍ପୃଶ୍ୟମାନଙ୍କୁ ଆପଣାର କରିନେଇଥିଲେ ହରିହର । ଜଣେ ଅସ୍ପୃଶ୍ୟ ଅନାଥ ଶବକୁ ଦାହ କରିଥିବାରୁ, ବ୍ରାହ୍ମଣମାନେ ହରିହରଙ୍କୁ ଜାତିରୁ ଅଟକ କରିବାପାଇଁ ଆଗଭର ହେଲେ । ଜଣେ ପଣ୍ଡିତ ମନୁ ସଂହିତାରୁ ଶୋଳ୍କ ପଢ଼ି ବୁଝାଇଦେଲେ ଯେ ଅନାଥର ଶବସତ୍କାର କଲେ ଅଶ୍ୱମେଧ ଯଜ୍ଞର ଫଳ ମିଳେ । ହରିଜନ ସେବା କରୁଥିବା ଜୟନ୍ତୀ କମିଟି ତରଫରୁ ଆଚାର୍ଯ୍ୟ ହରିହରଙ୍କୁ ୫ ହଜାର ଟଙ୍କା ଓ ମାନପତ୍ର ଦେବାର କଥା ଉଠିଲା । ହରିହର ଗରିବ ହରିଜନଙ୍କୁ ସେବା ପାଇଁ ଟଙ୍କା ନେବାକୁ ରାଜିହେଲେ । କିନ୍ତୁ ଅଭିନନ୍ଦନ ଗ୍ରନ୍ଥ ନେବାକୁ ଅରାଜି ହେଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଡକ୍ଟରେଟ୍, ଉପାଧି ଗହଣ କରିବାକୁ ଅସ୍ୱୀକାର କରିଦେଇଥିବା ମଣିଷଟିଏ ଗରିବର ସେବା ପାଇଁ ଅଭିନନ୍ଦନର ଗ୍ରନ୍ଥଟିକୁ ଗ୍ରହଣକଲେ ।ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନର ପ୍ରକୃତ ଚିତ୍ର ଯେତେବେଳେ ମଧ୍ୟକୁ ଆସେ, ଆଚାର୍ଯ୍ୟ ହରିହରଙ୍କର ଦେଶପ୍ରତି ମୂଲ୍ୟବାନ ଦାନ, ମହାନ୍ ସଂଗ୍ରାମ ପ୍ରତି କିଭଳି ରହିଛି ତାହାର ଉଲ୍ଲେଖ ବିଶେଷ ଭାବରେ ଦେଖାଯାଏ । ୧୯୨୮ରେ ଗୋପବନ୍ଧୁଙ୍କର ଦେହାନ୍ତ ଓ ୧୯୪୮ରେ ଗାନ୍ଧୀ ଗୁଳି ଚୋଟରେ ଟଳି ପଡିବାର ଦାରୁଣ ଦୁଃଖନ୍ତକ ଘଟଣା ତାଙ୍କ ମନରୁ ସମସ୍ତ ଆନନ୍ଦ ନେଇଯାଇଥିଲା । ସେହିଦିନଠାରୁ ସବୁ କାମ ଚାଲେ ସତ, କିନ୍ତୁ ମନରେ ଆନନ୍ଦ ନଥାଏ । ବିନୋବାଜୀଙ୍କ ଭୂଦାନ ଆନ୍ଦେଳନରେ ଯୋଗଦେଇ ମନପ୍ରାଣଦେଇ କାର୍ଯ୍ୟ ଆରମ୍ଭ କଲେ ।

**ଅକ୍ଷୟ କୁମାର ରାଉତ**

୧୯୫୪ ମସିହାବେଳକୁ ଜଣାପଡିଲା ଯେ ସେ ଦୃଷ୍ଟିଶକ୍ତି ହରାଇବସିଲେଣି । ଫକୀର ମିଶ୍ରଙ୍କ ସାହାର୍ଯ୍ୟରେ ହରିହର ଚଳପ୍ରଚଳ କରୁଥାଆନ୍ତି । ୧୯୫୮ ଏପ୍ରିଲ ୨୯ ତାରିଖରେ ଗୋପବନ୍ଧୁ ଚୌଧୁରୀ ସଂସାର ଛାଡି ଚାଲିଗଲେ । ଆଚାର୍ଯ୍ୟ ହରିହରଙ୍କ ଉପରେ ପଡ଼ିଲା ଶକ୍ତ ଧକ୍‌କା । ସେ ଏକାବେଳକେ ତଟସ୍ଥ ହୋଇଗଲେ । ସଂପୂର୍ଣ୍ଣରୂପେ ଭାଙ୍ଗି ପଡିଲା ପୂର୍ବରୁ ତାଙ୍କର ମନେପଡିଗଲା ରମାଦେବୀଙ୍କ କଥା । ମନର କୋହକୁ ଚାପି ଅଶୀ ବର୍ଷର ବୃଦ୍ଧ ଉପରକୁ ଦେଖାଇଥିଲେ ଅନେକ ସାହାସ । ଗୋପବାବୁଙ୍କ ଭୂଦାନ ଆନ୍ଦୋଳନର ଦାୟିତ୍ୱ ନେଲେ ହରିହର ।

୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ ପୁରୀ ଗୋପବନ୍ଧୁ ଭବନରେ ଆଚାର୍ଯ୍ୟ ହରିହର ରହିଲେ । ସେତେବେଳକୁ ତାଙ୍କର ବଳ କମି ଆସିଲାଣି ସତ ତଥାପି ମନର ବଳରେ ମଝିରେ ମଝିରେ ବୁଲି ଯାଇ କର୍ମୀମନଙ୍କୁ ପ୍ରେରଣା ଦେଇଥାନ୍ତି । ମାତ୍ରାଧିକ ବୟସ ଯୋଗୁଁ ସେ ଅନେକ କଥା ଭୁଲି ଯାଉଛନ୍ତି । ଅନେକ ସମୟରେ ଡାକ୍ତରମାନଙ୍କର ପରାମର୍ଶ ଲୋଡା ପଡୁଛି । ତାଙ୍କର ଦେହ ଖରାପ ରହିବାରୁ ତାଙ୍କୁ କଟକ ଥୋରିଆସାହିର ଭୂଦାନ ଅଫିସକୁ ଆଣି ରହିବାର ବ୍ୟବସ୍ଥା କରାଗଲା । ୧୯୭୧ ଫେବ୍ରୁଆରୀ ୨୧ ତାରିଖ ରବିବାର ଛଅଟା ପଚାଶ ମିନିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଚିରଦିନ ପାଇଁ ଆଖି ବୁଜିଦେଲେ ।

କ୍ରମେ ଲୋକ ଗହଳି ହୋଇଉଠିଲା ଥୋରିଆ ସାହିର ଭୂଦାନ ଅଫିସ୍ । ହଠାତ୍ ତୀର୍ଥ ପାଲଟିଗଲା । ସତ୍ୟର ପୂଜାରୀ, ଦୁଃସ୍ଥ, ନିଷ୍ପେଷିତ, ଦରିଦ୍ର ଓ ଆର୍ତରବନ୍ଧୁ । ଓଡିଶାର ଶିକ୍ଷା, ସଂସ୍କାର ଓ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଦୂତ, ପଂଚସାଖାଙ୍କ ମଧ୍ୟରୁ ଶେଷସଖା ମରି ବି ଅମର ରହିଗଲେ ଆମ ପାଖରେ ।

*ପାରାଦ୍ୱୀପ ଗଡ଼, କୁଜଙ୍ଗ,*
*ଜଗତ୍‌ସିଂହପୁର*
*ମୋ ନଂ – ୯୯୩୭୬୯୧୪୭୫*

# ଦକ୍ଷିଣ ପୂର୍ବ କୋଣରେ ରୋଷେଇ ଘର ଶୁଭ



**ଅଧୁନା ଲୋକେ ବାସ୍ତୁ ଏବଂ ଫେଙ୍ଗଶୁଇର ସିଦ୍ଧାନ୍ତ ଆଧାରରେ ମନ୍ଦିର ଓ ଘର ତିଆରି କରିବା ସହ ସାଜସଜା ମଧ୍ୟ କରୁଛନ୍ତି। କାରଣ ବାସ୍ତୁ ଓ ଫେଙ୍ଗଶୁଇ ପୁରାପୁରି ସକରାତ୍ମକ ଏବଂ ନକରାତ୍ମକ ଉର୍ଜା ଶକ୍ତିର ସିଦ୍ଧାନ୍ତ ଉପରେ କାମ କରେ। ଘରେ ସକରାତ୍ମକ ପରିବେଶ ଏବଂ ସକରାତ୍ମକ ଜିନିଷ ରଖାଗଲେ ନିଶ୍ଚିତ ରୂପେ ଆମକୁ ଆମ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୁଏ ଏବଂ ଧନ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିପାରିଥାଏ। ବାସ୍ତୁଶାସ୍ତ୍ରରେ ୮ଟି ଦିଗ ବିଷୟରେ କୁହାଯାଇଛି। ଏହି ଆଠଟି ଦିଗର ଭିନ୍ନ ଭିନ୍ନ ମହତ୍ତ୍ୱ ଏବଂ ପ୍ରତିଟି ଦିଗ ପାଇଁ ଭିନ୍ନ ଭିନ୍ନ ନିୟମ ରହିଛି। ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

***ଉତ୍ତର-ପୂର୍ବ ଦିଗ (ଐଶାନ୍ୟ କୋଣ)*** : ଏହି ଦିଗର ପ୍ରତିନିଧିତ୍ୱ ସ୍ୱୟଂ ବୈବୀୟ ଶକ୍ତି କରନ୍ତି। ତେଣୁ ଏଠାରେ ମନ୍ଦିର ରହିବା ଶୁଭ। ଏହି ସ୍ଥାନକୁ ସର୍ବଦା ପୁରାପୁରି ସଫାସୁତୁରା ରଖିବା ଉଚିତ। ମନ୍ଦିର ବ୍ୟତୀତ ଏଠାରେ ପାଣି ସମ୍ବନ୍ଧୀୟ ଉପକରଣ ମଧ୍ୟ ରଖାଯାଇପାରିବ। ଘରର ଏହି କୋଣରେ ବାଥ୍‌ରୁମ୍ ଏବଂ ଟଏଲେଟ୍ ରହିବା ଉଚିତ ନୁହେଁ। ଏହା ସହିତ ଏଠାରେ ଭାରି ଜିନିଷ ମଧ୍ୟ ରଖିବା ମନା। ଯଦି କୌଣସି ସ୍ତ୍ରୀ ଅବିବାହିତ ଥାଆନ୍ତି, ତେବେ ସେ ଏହି କୋଣରେ ଶୋଇବା ଉଚିତ ନୁହେଁ। କୁଆଁରି ଝିଅମାନେ ଏହି କୋଣରେ ଶୋଇବା ଦ୍ୱାରା ତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହୋଇପାରେ ତଥା ମାନସିକ ଅବସାଦ ବଢ଼ିପାରେ।

***ଦକ୍ଷିଣ-ପଶ୍ଚିମ (ନୈଋତ୍ୟ କୋଣ)*** : ଏହି ସ୍ଥାନର ପ୍ରତିନିଧି ପୃଥ୍ୱୀ ତତ୍ତ୍ୱ କରେ। ଏଥିପାଇଁ ଏଠାରେ ପ୍ଲାଣ୍ଟ ରଖିବା ଶୁଭ। ଗଛରେ ସବୁ ପ୍ରକାରର ନକରାତ୍ମକ ଉର୍ଜା ଶକ୍ତିକୁ ଗ୍ରହଣ କରିବା ଶକ୍ତି ଥାଏ। ଏହି ସ୍ଥାନରେ ଗଛ ରଖିବା ଦ୍ୱାରା ତାହା ଆପଣଙ୍କ ଘରର ପବିତ୍ରତା ଏବଂ ସକରାତ୍ମକତା ବଜାୟ ରଖେ। ଏଠାରେ ମୁଖ୍ୟ ରୂପେ ବେଡ୍‌ରୁମ୍ ତିଆରି କରିବା ମଧ୍ୟ ଶୁଭ ହୋଇଥାଏ। ଏହା ବ୍ୟତୀତ ଷ୍ଟୋର୍ ରୁମ୍ ମଧ୍ୟ ତିଆରି କରାଯାଇପାରିବ।

***ଦକ୍ଷିଣ-ପୂର୍ବ (ଆଗ୍ନେୟ କୋଣ)*** : ଏହି କୋଣର ପ୍ରତିନିଧି ଅଗ୍ନି କରନ୍ତି। ଏଥିପାଇଁ ଏହି ଦିଗରେ ବିଶେଷ ରୂପେ ଉର୍ଜା ଶକ୍ତି ଭରି ରୁହେ। ଏହି ସ୍ଥାନରେ ରୋଷେଇ ଘର ରହିବା ସବୁଠାରୁ ଶୁଭ ହୋଇଥାଏ। ଏହା ବିଦ୍ୟୁତ ଉପକରଣ ମଧ୍ୟ ରଖାଯାଇପାରିବ। ଅଗ୍ନି ସ୍ଥାନ ହେବା ଯୋଗୁଁ ଏଠାରେ ପାଣି ସମ୍ବନ୍ଧୀୟ ଜିନିଷ ରଖିବା ଉଚିତ ନୁହେଁ। ଆଗ୍ନେୟ କୋଣରେ ଡାଇନିଂ ହଲ୍ ତିଆରି କରିବା ଅଶୁଭ ହୋଇଥାଏ।

***ଉତ୍ତର-ପଶ୍ଚିମ (ବାୟବ୍ୟ କୋଣ)*** : ଏହି କୋଣର ପ୍ରତିନିଧିତ୍ୱ ବାୟୁ କରନ୍ତି। ଏହି କାରଣ ଯୋଗୁଁ ଏଠାରେ ଝରକା ରହିବା ଶୁଭ। ଏଠାରେ ସତେଜ ବାୟୁ ପାଇଁ ସ୍ଥାନ ତିଆରି କରିବା ଦ୍ୱାରା ଆମକୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ଲାଭ ପ୍ରାପ୍ତି ହୋଇଥାଏ। ଏଭଳି କରିବା ଦ୍ୱାରା ଖୁବ୍ କମ୍ ଦିନ ମଧ୍ୟରେ ପରିବାରର ସମ୍ପର୍କରେ ମଧୁରତା ଆସିଯାଇଥାଏ। ଘରେ କୌଣସି ପ୍ରକାରର କ୍ଳେଶ ରୁହେ ନାହିଁ ଏବଂ ନା ହିଁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା। ଏହି ସ୍ଥାନରେ ଝିଅମାନଙ୍କର ରୁମ୍ ତିଆରି କରିବା ଉଚିତ। ଏଠାରେ ଅନ୍ୟ ଫ୍ଲୋର୍‌କୁ ଯିବା ପାଇଁ ସିଡ଼ି ମଧ୍ୟ ତିଆରି କରାଯାଇପାରିବ।

***ପଶ୍ଚିମ ଦିଗ*** : ବାସ୍ତୁ ଅନୁସାରେ ଏହି ଦିଗର ସ୍ୱାମୀ ବରୁଣ ଦେବ। ଏହି ସ୍ଥାନରେ ଡାଇନିଂ ହଲ୍ ତିଆରି କରିପାରିବେ, ସିଡ଼ି, କୌଣସି ଭାରି ନିର୍ମାଣ କାର୍ଯ୍ୟ ମଧ୍ୟ ତିଆରି କରିପାରିବେ। ପଶ୍ଚିମ ଦିଗରେ ଆଇନା ଲଗାଇବା ମଧ୍ୟ ଶୁଭ ହୋଇଥାଏ। ଏଠାରେ ବାଥ୍‌ରୁମ୍ ମଧ୍ୟ ତିଆରି କରାଯାଇପାରିବ। ଏଠାରେ ଷ୍ଟଡି ରୁମ୍ କରିଲେ ଅଧିକ ଶୁଭ ଫଳ ମିଳିଥାଏ।

***ପୂର୍ବ ଦିଗ*** : ଏହି ଦିଗରୁ ଘରକୁ ଖୁସି ଏବଂ ସକରାତ୍ମକ ଉର୍ଜା ଶକ୍ତି ପ୍ରବେଶ କରିଥାଏ। ଏହି କାରଣ ଯୋଗୁଁ ଏଠାରେ ମୁଖ୍ୟ ଦ୍ୱାର ତିଆରି କରିବା, ଝରକା, ବାଲକୋନି, ପିଲାଙ୍କ ପାଇଁ ରୁମ୍ ଆଦି ତିଆରି କରାଯାଇପାରିବ। ଯଦି ଆପଣ ଏହି ସ୍ଥାନରେ ପଢ଼ିବା ତଥା ଅଧ୍ୟୟନ ସମ୍ବନ୍ଧୀୟ କାର୍ଯ୍ୟ କରନ୍ତି ତେବେ ଆପଣଙ୍କ ମୁହଁଟି ପୂର୍ବ ବା ଉତ୍ତର ଦିଗକୁ ରହିବା ଉଚିତ।

***ଉତ୍ତର ଦିଗ*** : ଏହି ଦିଗର ପ୍ରତିନିଧି ଧନ ଦେବତା କରନ୍ତି, ଏହି କାରଣ ଯୋଗୁଁ ଏଠାରେ ନଗଦ ଧନ ଏବଂ ମୂଲ୍ୟବାନ ଜିନିଷ ରଖାଯାଇପାରିବ। ଏଠାରେ ମୁଖ୍ୟ ଦ୍ୱାର ମଧ୍ୟ ତିଆରି କରିବା ଶ୍ରେଷ୍ଠ ହୋଇଥାଏ।

***ଦକ୍ଷିଣ ଦିଗ*** : ଏହି ସ୍ଥାନ ମୃତ୍ୟୁ ଦେବତାଙ୍କ ସ୍ଥାନ। ଏଠାରେ ଭାରି ଜିନିଷ ରଖାଯାଇପାରିବ। ଏହି ସ୍ଥାନରେ ରୋଷେଇ ଘର ତିଆରି କରିବା, ଟାଙ୍କି ତିଆରି କରିବା, ସିଡ଼ି ଆଦି ତିଆରି କରାଯାଇପାରିବ। ଏଠାରେ ପିଲାଙ୍କ ରୁମ୍ ତିଆରି କରିବା ମନା। ଯଦି ଏହି ସ୍ଥାନରେ ବେଡ୍‌ରୁମ୍ ଥାଏ ତେବେ ଶୋଇବା ସମୟରେ ନିଜ ମୁଣ୍ଡଟିକୁ ଦକ୍ଷିଣ ଦିଗ ଆଡକୁ କରି ଶୋଇବା ଉଚିତ।

# ମଇଁଷି ଚରାଇଲେ ମିଳିବ ଦରମା



ବେକାର ଥିବା ଯୁବକମାନଙ୍କ ପାଇଁ ଏଭଳି ଏକ ଅଫର ନିଶ୍ଚିତ ଭାବେ ଖୁସିର ଖବର। କିନ୍ତୁ ଏହା ଆମ ଓଡ଼ିଶାରେ ନୁହେଁ, ପରନ୍ତୁ ନୋଏଡ଼ାର। ସାଧାରଣତଃ ଦେଖାଯାଏ ମଇଁଷି କ୍ଷୀରକୁ ବିକି ଲୋକମାନେ ଟଙ୍କା ରୋଜଗାର କରନ୍ତି। କିନ୍ତୁ ଏବେ ମଇଁଷିମାନଙ୍କୁ ଚରାଇଲେ ପାଇଁ ମିଳିବ ମାସିକ ଦରମା। ତାହା ପୁଣି ୨୦ହଜାର। କିଛି ଏହାକୁ ଗୁଜବ ବୋଲି ମନେ କରୁଥିବେ। କିନ୍ତୁ ଏହି ଖବର କୌଣସି ଗୁଜବ ନୁହେଁ। ନୋଏଡା ଓ ଗ୍ରେଟର ନୋଏଡା ଏକ୍ସପ୍ରେସ୍ ୱେର ନିକଟରେ ରହିଛି ଏହି ଝଟ୍ଟା ଗାଁ। ଏହି ଗାଁର ଅଧିକାଂଶ ବ୍ୟକ୍ତି କୃଷି କାର୍ଯ୍ୟ କରନ୍ତି। ତା'ସହ ମଇଁଷି ରଖି ସେମାନଙ୍କ କ୍ଷୀର ବିକି ମଧ୍ୟ ରୋଜଗାର କରନ୍ତି। ଚାଷ କାର୍ଯ୍ୟ ସହ ମଇଁଷିମାନଙ୍କର ଯତ୍ନ ନେବା ତାଙ୍କ ପାଇଁ ଏକ ବଡ ସମସ୍ୟା ହୋଇଯାଇଥିଲା। ତେଣୁ ଏହାର ସମାଧାନ ସ୍ୱରୂପ ସେମାନେ ମଇଁଷିମାନଙ୍କୁ ଚରାଇବା ପାଇଁ କର୍ମଚାରୀ ନିଯୁକ୍ତ କରିଦେଇଛନ୍ତି। ଯେଉଁମାନଙ୍କୁ ପ୍ରତିମାସରେ ୨୦ହଜାର ଟଙ୍କାର ଦରମା ମିଳୁଛି। ଗାଁ ଅଧିବାସୀଙ୍କର ଏହି ଭିନ୍ନ ପ୍ରୟାସ ଅନେକଙ୍କୁ ପ୍ରଭାବିତ କରିଛି। ଯାହାକୁ ନେଇ ଆଖପାଖର କିଛି ଗାଁ ମଧ୍ୟ ଏପରି ସୁବିଧା ସୁଯୋଗ ଆରମ୍ଭ କରିଦେଇଛନ୍ତି। ବେକାରୀ ସମସ୍ୟାକୁ ନେଇ ଅନେକ ସମୟରେ ଅନେକ ଖବର ଶୁଣିବାକୁ ମିଳୁଥିବା ବେଳେ ଝଟ୍ଟା ଗାଁର ଏହି ପ୍ରୟାସ ଅନେକଙ୍କୁ ଚକିତ କରିଛି।

# ହାତୀପ୍ରେମୀ ଗ୍ରାମବାସୀ



ଆଜିକାଲି ଚାରିଆଡ଼େ ହାତୀ ଆତଙ୍କ ବଢ଼ି ଚାଲିଥିବାବେଳେ ମହାରାଷ୍ଟ୍ରର ଏକ ଗାଁରେ ଦେଖିବାକୁ ମିଳିଛି ଏକ ବିରଳ ଛବି। ଏହି ଗାଁରେ ରହିଆସୁଥିବା ଗୋଟିଏ ହାତୀ ପଳାଇ ଯିବାରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଆଖିରେ ଆସିଯାଇଥିଲା ଲୁହ। ମହାରାଷ୍ଟ୍ରର ଏକ ଗାଁ ଔନ୍ଧ। ରାଜା ରାଜୁଡ଼ା ଶାସନ ସମୟରୁ ଏହି ଗାଁରେ ରହିଆସୁଥିଲା ମୋତି ନାମରେ ଏକ ହାତୀ। ଗାଁର ଏକ ସଦସ୍ୟ ହୋଇଯାଇଥିଲା ହାତୀଟି। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ପ୍ରିୟ ସେ ହୋଇଯାଇଥିଲା। ମାତ୍ର ସମୟ ସହ ମୋତିର ବୟସ ମଧ୍ୟ ବଢ଼ିଥିଲା। କିଛିଦିନ ପୂର୍ବରୁ ମୋତି ୮୫ବର୍ଷର ହୋଇଥିଲା। ତା'ର ସ୍ୱାସ୍ଥ୍ୟବସ୍ଥାରେ ମଧ୍ୟ ଅବନତି ଆସିଥିଲା। ଚିକିତ୍ସା ପାଇଁ ବନ ବିଭାଗ ଅଧିକାରୀ ତାକୁ ଗାଁରୁ ନେଇ ଯାଇଥିଲେ। ଗାଁରୁ ମୋତିର ବିଦାୟ କ୍ଷଣଟି ସମସ୍ତଙ୍କ ଲାଗିଥିଲା ଖୁବ୍ ଦୁଃଖଦାୟକ। ଏପରିକି ପ୍ରତ୍ୟେକ ଅଧିବାସୀଙ୍କ ଆଖିରେ ଆସିଯାଇଥିଲା ଲୁହ। ଗ୍ରାମବାସୀଙ୍କର ଏହି ଭାବ ବିହ୍ୱଳ ଦୃଶ୍ୟ ମଧ୍ୟ ବନବିଭାଗ ଅଧିକାରୀଙ୍କୁ ଦୁଃଖିତ କରିଥିଲା।

# ବିଛା ରାଣୀ

ଘରେ କିମ୍ବା ବାହାରେ କେଉଁଠି କଙ୍କଡା ବିଛାଟିଏ ଦେଖିଲା ମାତ୍ରେ ଆମେମାନେ ଭୟରେ ସେଠାରୁ ଦୌଡି ପଳାଇଥାଉ। କାହିଁକିନା ସେମାନେ ଖୁବ୍ ବିଷଧର ହୋଇଥାନ୍ତି। କିନ୍ତୁ ଥାଇଲାଣ୍ଡର ଜଣେ ମହିଳାଙ୍କର ଏହି ବିଷଧର କଙ୍କଡା ବିଛାଙ୍କ ପ୍ରତି କୌଣସି ଭୟ ନାହିଁ। ସେ ବିନା ଭୟରେ ହଜାର ହଜାର କଙ୍କଡା ବିଛାଙ୍କୁ ନିଜ ଶରୀରର ବିଭିନ୍ନ ଅଙ୍ଗରେ ବେଶ୍ କିଛି ସମୟ ରଖିଥାନ୍ତି। ଖାଲି ସେତିକି ନୁହେଁ ତାଙ୍କୁ ପାଟି ଭିତରେ ମଧ୍ୟ କିଛି ସମୟ ପର୍ଯ୍ୟନ୍ତ ପୂରାଇ ରଖିଥାନ୍ତି। ଆଉ ଏହି ସାହସିକତା ପାଇଁ ସେ ଏବେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ୩୯ବର୍ଷୀୟା ଏହି ମହିଳାଙ୍କ ନାମ ହେଉଛି କଞ୍ଚନା କାଏତମକାବେ। କଞ୍ଚନା ପ୍ରାୟ ୩୩ ଦିନ ଧରି ୫ହଜାର କଙ୍କଡା ବିଛାଙ୍କ ସହ ରହିଥିଲେ। ସେଥିପାଇଁ ତାଙ୍କୁ ଏବେ ସ୍କର୍ପିୟନ୍ କୁଇନ୍‌ର ଆଖ୍ୟା ଦିଆଯାଇଛି। ତା'ସହ ରେକର୍ଡ ସୃଷ୍ଟି କରିବା ପାଇଁ ସେ ୩ମିନିଟ୍ ୨୮ ସେକେଣ୍ଡ ପର୍ଯ୍ୟନ୍ତ ଅନେକ ଗୁଡିଏ କଙ୍କଡା ବିଛାକୁ ମୁହଁ ଉପରେ ରଖିଥିଲେ ଓ କିଛି ସମୟ ପାଟି ଭିତରେ ମଧ୍ୟ। ଏବେତ ବିଛାମାନଙ୍କ ସହ ରହିବା ତାଙ୍କ ପାଇଁ ଅଭ୍ୟାସ ହୋଇଯାଇଛି। ସେଥିପାଇଁ କେତେକ ତାଙ୍କୁ ଅଜବ ମହିଳା ବୋଲି ମଧ୍ୟ କୁହନ୍ତି।



# ବିବାହ ପାଇଁ ବିପଜ୍ଜନକ ପଦକ୍ଷେପ

କାଲିଫର୍ଣ୍ଣିଆ ଠାରେ ମାଇକେଲ ଭ୍ୟାକ୍ସ (୨୭) ନାମକ ଜଣେ ବ୍ୟକ୍ତି ନିଜର ଗାର୍ଲ ଫ୍ରେଣ୍ଡଙ୍କୁ ବିବାହ ସକାଶେ ପ୍ରପୋଜ୍ କରିବା ପାଇଁ ୬୦୦ ଫୁଟ ଉଚ୍ଚତା ମୋରେ ରକ୍ ଉପରେ ଚଢୁଥିଲେ, କିନ୍ତୁ ଚଢିବା କାଳରେ ରାସ୍ତାରେ ତାଙ୍କର ହାତ ଚଟାଣରେ ଖସିଗଲା। ଏହାପରେ ହେଲିକପ୍ଟର ସହାୟତାରେ ତାଙ୍କୁ ଆପାତଃକାଳୀନ ସେବା କର୍ମୀମାନେ ପହଁଚି ରକ୍ଷା କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲାଯେ ସେହି ସମୟରେ ଫେସ୍‌ଟାଇମ୍ ଭିଡ଼ିଓ ଜରିଆରେ ତାଙ୍କର ଏପରି ପରିସ୍ଥିତିକୁ ଦେଖୁଥିବା ତାଙ୍କର ଗାର୍ଲ ଫେଣ୍ଡ୍ ଜଣକ ତାଙ୍କୁ ବିବାହ ପାଇଁ ହଁ କରିଥିଲେ।





**ମେଷ** : ଛୋଟ ମୋଟ କାର୍ଯ୍ୟ ବ୍ୟସ୍ତତାରେ ସମୟ ଅତିବାହିତ ହେବ। କାର୍ଯ୍ୟସ୍ଥଳ ଉତ୍ତମ ରହିବ। ସାଙ୍ଗ ସାଥିଙ୍କ ସହ ସଂପର୍କ ସୁଦୃଢ଼ ହେବ। ଅର୍ଥଲାଭର ବହୁତ ବଡ ସୁଯୋଗ ମିଳିବ। ବୁଦ୍ଧି ଓ ଅଭିଜ୍ଞତା ବଳରେ କାର୍ଯ୍ୟ ସାଧନକରିବାକୁ ସାମ ହେବେ। ସବୁ କାର୍ଯ୍ୟରେ ସଫଳ ହେବେ।

**ବୃଷ**: ଏହି ଅବଧି ମଧ୍ୟରେ ଆର୍ଥିକ ଖେତ୍ରରେ ଲାଭବାନ ହେବେ। କାର୍ଯ୍ୟରେ ସକାରାତ୍ମକ ଭାବନା ହ୍ୱୋଇବେ। ପୁରୁଣା କାର୍ଯ୍ୟରୁ ଲାଭବାନ ହେବେ। ଦାତା ଓ ଅଭିଜ୍ଞତା ଆପଣଙ୍କୁ ସଫଳ କରାଇବ। ପାରିବାରିକ ସମ୍ପର୍କ ମଧୁର ରହିବ। ସୁଯୋଗରୁ ଫାଇଦା ଉଠାଇ ଲାଭବାନ

**ମିଥୁନ**: ମନ ତ ଆପଣଙ୍କର ବହୁତ କିଛି ଚାହୁଁଛି, ତେବେ ଯେପରି ସ୍ଥିତି ଚାହୁଁଥିଲେ ପରିସ୍ଥିତି ସେପରି ରହିବ। ପୁରୁଣା ସମସ୍ୟାର ସମାଧାନ ହେବ। କାର୍ଯ୍ୟଖେତ୍ରରେ ବାଧା ବିଘ୍ନର ସମ୍ମୁଖୀନ ହେବେ ଏବଂ ଏହାର ସମାଧାନ ପାଇଁ ନୂତନକୌଶଳ

**କର୍କଟ**: ଆପଣଙ୍କ ପାଇଁ ସମୟ ସାଥ୍ ଦେବ। କାର୍ଯ୍ୟ କରିବାରେ ଅଧିକ ସ୍ଫୁର୍ତ୍ତିହୋଇବେ। ଭାଗ୍ୟ ଆପଣଙ୍କ ସାଥୀରେ ଥିବାରୁ କାର୍ଯ୍ୟ ସିଦ୍ଧିକରିବାରେ କେହି ବିଚ୍ୟୁତ କରିପାରିବେ ନାହିଁ। ଶତ୍ରୁମାନେ ମଧ୍ୟ ଭୁଲ୍ ବୁଝିପାରି ମିତ୍ରତା ଆଚରଣ କରିବେ। ସର୍ବୋପରି ଏହି କାଳ ମଧ୍ୟରେ ଆପଣ

**ସିଂହ**: ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବାକୁ ଯାଇ ବ୍ୟସ୍ତତାପୂର୍ଣ୍ଣ ସମୟ ଅତିବାହିତ କରିବେ। ପରିବାର ଓ ବନ୍ଧୁମାନଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ମନୋଭାବ ରୁହିବେ। ପୁଞ୍ଜିବଜାରରେ ଅର୍ଥ ବିନିଯୋଗ କରିବାକୁ ଚାହୁଁଥିଲେ ଅଭିଜ୍ଞତା ସମ୍ପନ୍ନ ଲୋକଙ୍କ ସାହାଯ୍ୟଲୋଡନ୍ତୁ।

**କନ୍ୟା**: ଯଦି ଆପଣ କୌଣସି ଗୁରୁତ୍ୱପୂର୍ଣ୍ଣ କାମ କରିବାକୁ ଚାହୁଁଥାନ୍ତି, ତେବେ କାହାର ସୁପାରିସ ନେଇ କାର୍ଯ୍ୟକଲେ ଭଲ ହେବ। ଆପଣଙ୍କ ଯୁକ୍ତି ପ୍ରଭାବଶାଳୀ ରହିବ।

**ତୁଳା**: ନିଜେ ସ୍ଥିର କରିଥିବା ରାସ୍ତାରେ ଆଗକୁ ବଢ଼ିଲେ ଠିକ୍ ହେବ, ଅନ୍ୟ କାହାଦ୍ୱାରା ପ୍ରଭାବିତହୋଇ କାର୍ଯ୍ୟପ୍ରଣାଳୀରେ ପରିବର୍ତ୍ତନ କରନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କ କାମରେ ବିଘ୍ନ ଆସିପାରେ। ପାରିବାରିକ ସମସ୍ୟା ଉତ୍ପନ୍ନ ହେବ। ଯାତ୍ରାଯୋଗ ରହିଛି।

**ବିଛା**: ଆପଣ ଯଦି କିଛି ନୂଆ ଆରମ୍ଭ କରିବାକୁ ଚାହାନ୍ତି, ତାହାଲେ କାର୍ଯ୍ୟରେ ଲାଭବାନ ହେବେ। କୌଣସି କଥାକୁ ନେଇ ଅଯଥା ବିବାଦରେ ପଡିପାରନ୍ତି। ଯଥାଶୀଘ୍ର କାର୍ଯ୍ୟ ହାତକୁ ନେଇ ଶେଷ କରିବାପାଇଁ ଚେଷ୍ଟା କରନ୍ତୁ, ବିଳମ୍ବ ହେଲେ ବହୁ ବାଧାବିଘ୍ନର ସମ୍ମୁଖୀନ ହେବେ।

**ଧନୁ**: ଆଗରୁ କିଛି କାମରେ ନିୟୋଜିତ ଥିଲେ ପୁରୁଣା କାର୍ଯ୍ୟରୁ ଲାଭ ପାଇବେ। ନିଜ ଉଚ୍ଚ ଆକାଂକ୍ଷା ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଆପଣଙ୍କ ପାଇଁ ପରିବାର ଲୋକେ ନିଜକୁ ଗର୍ବିତ ମନେ କରିବେ।

**ମକର**: ଏହି ରାଶିର ଯେଉଁ ବିଦ୍ୟାର୍ଥୀମାନେ ସାକ୍ଷାତକାର ପରୀକ୍ଷା ଦେଇଛନ୍ତି ସେମାନଙ୍କ ପାଇଁ ଶୁଭଦିନ ରହିବ। ବିବାହିତ ଲୋକଙ୍କ ପାଇଁ ସମୟ ଭଲ ରହିବ। ବ୍ୟବସାୟୀ ଓ ଚାକିରିଜୀବୀ ହୋଇଥିଲେ ସମୟ ମିଶାମିଶି ହୋଇ ରହିବ।

**କୁମ୍ଭ** : କୁମ୍ଭ ରାଶିର ଲୋକଙ୍କ ପାଇଁ ଏହି ଅବଧି ଖୁବ୍ ଭଲରେ ଯିବ। ଆପଣ କରିଥିବା କାମ ପାଇଁ ଉପରିସ୍ଥ ଅଧିକାରୀ ଆପଣଙ୍କୁପ୍ରଶଂସା କରିବେ। କୁମ୍ଭ ରାଶିର ମହିଳାମାନେ ନିଜକୁ କୌଣସି ନୂଆ କାମରେ ନିୟୋଜିତ କରାଇ ଆତ୍ମତୃପ୍ତି ଲାଭ କରିବେ।

**ମୀନ**: ଗୃହିଣୀ ହୋଇଥିଲେ ପରିବାର ପ୍ରତି ଅଧିକ ଦାୟିତ୍ୱବାନ ହେବେ। ପୁରୁଷମାନଙ୍କ ପାଇଁ କାର୍ଯ୍ୟସ୍ଥଳ ଅନୁକୂଳ ରହିବ। ତେବେ ମୀନ ରାଶି ମହିଳା ଓ ପୁରୁଷଙ୍କ ପାଇଁ କିଛିଟା ଆର୍ଥିକ ସମସ୍ୟା ହ୍ୱୋ ଦେଇପାରେ। ଜୀବନସାଥୀ ସହିତ

# ଶରଣ ଶ୍ରୀକ୍ଷେତ୍ର ମାରଦା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ପୋଲସରା , **୧୭/୧(ନି.ପ୍ର):** ପୋଲସରା ବ୍ଲକର ମଥୁରା ପଂଚାୟତ ଅଧିନସ୍ଥ ଶରଣ ଶ୍ରୀକ୍ଷେତ୍ର ମାରଦା ପୀଠରେ ମାରଦା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଜାନୁଆରୀ ୧୫ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପଶୁ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ତଥା ମାରଦା ମହୋତ୍ସବ କମିଟିର ସଭାପତି ଗୋକୁଳାନନ୍ଦ ମଲ୍ଲିକ ଙ୍କ ସଭାପତିତ୍ୱରେ ଦ୍ୱିତୀୟ ଦିନର ଉତ୍ସବ ଅନୁଷ୍ଠିତ ହୋଇଥିଲା। ମାରଦା ମହୋତ୍ସବ ପଡ଼ିଆ ଦ୍ୱିତୀୟ ସଂନ୍ଧ୍ୟାରେ କଳା ସଂସ୍କୃତି ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝଲସି ଉଠିଥିଲା। ବାଚସ୍ପତି ସୁରମା ପାଢ଼ୀ ଉଦଘାଟକ ଭାବେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥିଭାବେ ଆସିକା ସାଂସଦ ଅନିତା ସୁଭଦର୍ଶିନୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ମାରଦା ପୀଠର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଯାହାକି ମୋଗଲ ଆକ୍ରମଣ ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁରକ୍ଷିତ ରଖିବା ପାଇଁ ଶ୍ରୀକ୍ଷେତ୍ରରୁ ଅଣାଯାଇ ଏଠାରେ ବିଜେ କରାଯିବା ସହ ଅଢ଼େଇ ବର୍ଷ ଧରି ଗୁପ୍ତ ସେବା ଓ ପୂଜା ନୀତି ପାଳନ ହୋଇଥିଲା କ୍ଷ ପରବର୍ତ୍ତୀ ସମୟରେ ଶ୍ରୀଜିଉ ମାନଙ୍କୁ ଏଠାରୁ ଶ୍ରୀମନ୍ଦିରକୁ ନିଆଯିବା ପରେ ଏହି ସ୍ଥାନରେ ମହାପ୍ରଭୁଙ୍କ ପିଣ୍ଡି ପୂଜାର ପରମ୍ପରା ରହିଥିବା ପ୍ରକାଶ କରିଥିଲେ। ଜଗନ୍ନାଥ ସଂସ୍କୃତି ସହିତ ଆମ ରାଜ୍ୟର କଳା, ସାହିତ୍ୟ, ପରମ୍ପରା, ଐତିହ୍ୟର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ । ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ତଥା ବିକଶିତ କରି ଗଢିତୋଳିବା ପାଇଁ ଆମ ସମସ୍ତଙ୍କ ପ୍ରୟାସର ଆବଶ୍ୟକ ବୋଲି ପ୍ରକାଶ କରିବା ସହ ଏହି ମହୋତ୍ସବକୁ ସୁନ୍ଦର ତଥା ଆକର୍ଷଣୀୟ କରିବା ପାଇଁ ଅହରହ ପରିଶ୍ରମ କରୁଥିବା ସମସ୍ତଙ୍କୁ ମନ୍ତ୍ରୀ ଶ୍ରୀ ମଲ୍ଲିକ କୃତଜ୍ଞତା ଜ୍ଞାପନ କରିଥିଲେ।ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ବିଧାୟକ ପୂର୍ଣଚନ୍ଦ୍ର ସେଠୀ, ପୋଲସରା ଥାନାଧିକାରୀ କୌଶିକ ମାଝୀ, ବିଡ଼ିଓ କୁରେଶ ଚନ୍ଦ୍ର ଜାନି, ଏନଏସି ର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନା, ତହସିଲଦାର ଦିପ୍ତିମୟୀ ପାତ୍ର, ଅଭିନେତା ଅର୍ଦ୍ଧେନ୍ଦୁ ସାହୁ, ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଭାକର ପଣ୍ଡା, ସମୀକ୍ଷକ ଦୀପକ ପ୍ରଧାନ ପ୍ରମୁଖ ମଞ୍ଚାସିନ ରହି ବକ୍ତବ୍ୟ ରଖିଥିଲେ। ଅଞ୍ଚଳର ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରିବା ସହ ଅଞ୍ଚଳର ଓ ଅତିଥି କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଦ୍ୱିତୀୟ ସଂନ୍ଧ୍ୟାର ବିଶେଷ ଆକର୍ଷଣ ଲିପ୍ସା ମହାପାତ୍ର ଓ ସୋମନାଥ ସାହୁ ଥିବା ବେଳେ ତାଙ୍କର ଗୀତର ତାଳେ ତାଳେ ଦର୍ଶକ ନାଚିଥିଲେ। ସମୀକ୍ଷକ ଦୀପକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିଲିକାରେ ଆସନ୍ତା ୧୮ରେ ପକ୍ଷୀ ଓ ୨୦ରେ ଡ଼ଲଫିନ ଗଣନା



ବାଲୁଗାଁ **୧୭/୧(ନି.ପ୍ର):** ଶୀତ ଅନୁଭୂତ ତଥା ପାଗ ଅନୁକୂଳ ରହିଥିବାରୁ ଏସିଆର ବୃହତ୍ତମ ଲବଣ ହ୍ରଦ ଚିଲିକାରେ ପ୍ରତିବର୍ଷ ପରି ଚଳିତ ବର୍ଷ ଲକ୍ଷାଧିକ ବିଦେଶାଗତ ପକ୍ଷୀ ସମେତ ସ୍ଥାନୀୟ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଛି।ଆସନ୍ତା ୧୮ରେ ପକ୍ଷୀ ଓ ୨୦ରେ ଡ଼ଲଫିନ ଗଣନା ନେଇ ଗୁରୁବାର ଦିନ ଚନ୍ଦ୍ରାପୁଟ ସ୍ଥିତ ଆର୍ଦ୍ରଭୂମି ଅନୁସନ୍ଧାନ ଏବଂ ତାଲିମ କେନ୍ଦ୍ର (ସିଡିଏ) ସଭାଗୃହ ଠାରେ ପ୍ରେସ ବିବୃତିରେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ପକ୍ଷରୁ ସୂଚନା ଦେଇଛନ୍ତି।ଭୂସ୍ୱର୍ଗ ଚିଲିକାକୁ ଗତ ଅକ୍ଟୋବର ଶେଷ ସପ୍ତାହରୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥିବା ବେଳେ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ ପକ୍ଷୀ ଗଣନା କାର୍ଯ୍ୟ ସୁରୁଖୁରୁରେ ହେବ ବୋଲି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଡ଼ିଏଫଓ ଅମ୍ଲାନ ନାୟକ କହିଛନ୍ତି।ସକାଳ ୬ ରୁ ମଧ୍ୟାହ୍ନ ୧୨ ଘଟିକା ଯାଏଁ ଚିଲିକା ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ସାତପଡ଼ା,ରମ୍ଭା,ବାଲୁଗାଁ,ଟାଙ୍ଗୀ ଏବଂ ଚିଲିକା ରେଞ୍ଜରେ ୨୧ ଗୋଟି ଟିମ ପକ୍ଷୀ ଗଣନାରେ ନିୟୋଜିତ ରହିବେ ଏବଂ ପ୍ରତି ଟିମରେ ୬ ରୁ ୭ ଜଣ ଗଣନାକାରୀ ଯୋଗଦେବେ।ଏଥିସହିତ ପ୍ରତିବର୍ଷ ଭଳି ଗଣନା କାର୍ଯ୍ୟରେ ଜିପିଏସ,ବାଇନାକୁଲାର,ସ୍ପୋଟିଂ ସ୍କୋପ,ଓ୍ୱାକିଟକି,ନୋଟ ବୁକ ବ୍ୟବହାର କରାଯିବ।ଗଣନା କାର୍ଯ୍ୟରେ ବମ୍ବେ ନାଚୁରାଲ ହିଷ୍ଟ୍ରି ଅଫ ସୋସାଇଟି,ଓଡିଶା ବନ୍ୟପ୍ରାଣୀ ବିଭାଗ କର୍ମଚାରୀ,ଜଙ୍ଗଲ ବିଭାଗ କର୍ମଚାରୀ,ଓୟୁଏଟି ଛାତ୍ରଛାତ୍ରୀ,ପକ୍ଷୀ ବିଶେଷଜ୍ଞ,ପକ୍ଷୀ ସୁରକ୍ଷା ସମିତିର ସଦସ୍ୟମାନେ ସାମିଲ ହେବେ ବୋଲି ସୂଚନା ମିଳିଛି।ଗଣନା ସମୟରେ ଚିଲିକାରେ ମତ୍ସ୍ୟଜୀବି ଓ ଯାତ୍ରୀବାହୀ ଡଙ୍ଗା ଚଳାଚଳ ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଥିବା ବେଳେ ଶୁକ୍ରବାର ଦିନ ପକ୍ଷୀ ଗଣନାକାରୀଙ୍କୁ ଚନ୍ଦ୍ରାପୁଟ ସ୍ଥିତ ସିଡିଏ ଗବେଷଣା କେନ୍ଦ୍ରରେ ତାଲିମ ପ୍ରଦାନ କରାଯିବ।ଉକ୍ତ ତାଲିମରେ ୧୩୦ ରୁ ଉର୍ଦ୍ଧ୍ୱ ପକ୍ଷୀ ଗଣନା କାରୀ ସାମିଲ ହେଉଥିବା ବେଳେ ଜଙ୍ଗଲ,ପରିବେଶ ମନ୍ତ୍ରୀ ଗଣେଷ ରାମ ସିଂ ଖୁଣ୍ଟିଆ ଏବଂ ଆଇନ,ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେବା ନେଇ ଡ଼ିଏଫଓ ଶ୍ରୀ ନାୟକ ସୂଚନା ଦେଇଛନ୍ତି।ସୂଚନା ଥାଉକି ଗତବର୍ଷ ଚିଲିକାକୁ ୧୮୭ ପ୍ରଜାତିର ୧୧ ଲକ୍ଷ ୩୭ ହଜାର ୭୫୯ ପକ୍ଷୀଙ୍କ (୧୦୮ ପ୍ରଜାତିର ୧୦ଲକ୍ଷ ୯୮ ହଜାର ୮୧୩ ବିଦେଶୀ ପକ୍ଷୀ ଓ ୭୯ ପ୍ରଜାତିର ୩୮ ହଜାର ୯୪୬ ସ୍ଥାନୀୟ ପକ୍ଷୀ) ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ପାଗ ଅନୁକୂଳ ରହିଥିବାରୁ ଅଧିକ ସଂଖ୍ୟକ ପକ୍ଷୀ ଆସିଥିବା ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ପକ୍ଷରୁ ଆକଳନ କରାଯାଇଛି।ସେହିପରି ଚିଲିକାରେ ବିରଳ ଇରାଓ୍ୱାଡି ପ୍ରଜାତିର ଓ ସାତପଡ଼ା ମୁହାଣରେ ବଟଲ ନୋଜ ପ୍ରଜାତିର ଡ଼ଲଫିନ ଦେଖିବାକୁ ମିଳିଥିବା ବେଳେ ଆସନ୍ତା ୨୦ ତାରିଖରେ ଡ଼ଲଫିନ ଗଣନା ଅନୁଷ୍ଠିତ ହେବ।କୁହୁଡ଼ି ପାଗ ପାଇଁ ଏହି ଗଣନା ୨୧ ତାରିଖରେ ମଧ ଜାରି ରହିବ।ଏଥିପାଇଁ ୧୯ରେ ଡ଼ଲଫିନ ଅଭୟାରଣ୍ୟ ସାତପଡ଼ା ଓ ବାଲୁଗାଁ ଠାରେ ପୃଥକ ଭାବେ ଗଣନାକାରୀଙ୍କୁ ତାଲିମ ପ୍ରଦାନ କରାଯିବ।ଡ଼ଲଫିନ ଗଣନା ନିମିତ୍ତ ସମୁଦାୟ ୨ଟି ରେଞ୍ଜକୁ ୩ଟି ସେକ୍ଟରରେ ୧୮ଟି ଟିମ ନିୟୋଜିତ ହୋଇଛି।ତନ୍ମଧ୍ୟରୁ ସାତପଡ଼ାରେ ୮ଟି ଓ ବାଲୁଗାଁରେ ୧୦ଟି ଟିମ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ପ୍ରତି ଟିମରେ ୫ରୁ ୬ଜଣଙ୍କ ସମେତ ଦୁଇ ଜଣ ଡଙ୍ଗା ଚାଳକ ରହିବାନେଇ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ କୁହାଯାଇଛି।ସୂଚନା ଥାଉକି ଗତବର୍ଷ ୧୬୦ ରୁ ଉର୍ଦ୍ଧ୍ୱ ଇରାଓ୍ୱାଡି ପ୍ରଜାତିର ଡ଼ଲଫିନ ଦୃଷ୍ଟି ଗୋଚର ହୋଇଥିବା ବେଳେ ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ଡ଼ଲଫିନ ସଂଖ୍ୟା ବୃଦ୍ଧି ପାଇଥିବା ନେଇ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି।ଅନୁଷ୍ଠିତ ବୈଠକରେ ଡ଼ିଏଫଓ ଅମ୍ଲାନ ନାୟକ,ବନ୍ୟପ୍ରାଣୀ ବନଖଣ୍ଡ ରେଞ୍ଜର ରଶ୍ମିତା ଜେନା,ଏସିଏଫ ପ୍ରମୋଦ ସେଠୀ,ବୈଜ୍ଞାନିକ ଡ଼ ଆରଏମ ସାମଲ,ସିଡିଏ କର୍ତ୍ତୃପକ୍ଷ ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସିନ୍ଦୁରଗୌରୀ ତୀର୍ଥ ରେ ମକର ମହୋତ୍ସବ ଓ ଟୁସୁ ମେଳା

ପାଟଣା **୧୭/୧(ନି.ପ୍ର):** ପାଟଣା ବ୍ଲକ ଅନ୍ତର୍ଗତ ମିରିଗିଖୋଜି ପଞ୍ଚାୟତ ଅସନବାହାଳି ଗ୍ରାମ ସିନ୍ଦୁରଗୌରୀ ଯୁବକ ସଂଘ ଦ୍ୱାରା ୫ମ ବାର୍ଷିକ ମକର ମହୋତ୍ସବ ରେ ସିନ୍ଦୁରଗୌରୀ ତୀର୍ଥ ଠାରେ ଟୁସୁ ମେଳା ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି।ଏହି ଟୁସୁ ମେଳାରେ ବିଭିନ୍ନ ସ୍ଥାନରୁ ୬ଟି ଟୁସୁ ମେଢ଼ ଯୋଗ ଦେଇଥିଲେ।ଆୟୋଜିତ ଟୁସୁ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ରେ ତାଳପଦା, ଦ୍ୱିତୀୟ ସ୍ଥାନ ଅସନବାହାଳି, ତୃତୀୟ ସ୍ଥାନ ସରସ୍ୱତୀପଡା ମେଢ଼ ପୁରସ୍କୃତ ହୋଇ ଯଥାକ୍ରମେ ପ୍ରଥମ ପୁରସ୍କାର ୬ ହଜାର,ଦ୍ୱିତୀୟ ପୁରସ୍କାର ୫ ହଜାର ଓ ତୃତୀୟ ପୁରସ୍କାର ୪ ହଜାର ଟଙ୍କା ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ନିରଞ୍ଜନ ମହାନ୍ତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଡୁମୁରିଆ ସରପଞ୍ଚ ଗୌରହରି ନାଏକ,ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ବାୟୁସେନା ଅଧିକାରୀ ଭୁବନ ମହାନ୍ତ, ସମ୍ମାନୀତ ଅତିଥି ଭାବେ ମିରିଗିଖୋଜି ସରପଞ୍ଚ ମନମୋହନ ବେହେରା, ସାହାରପଡା ଫାଣ୍ଡି ଅଧିକାରୀ ଭବାନୀ ଶଙ୍କର ବାଦି, ମିରିଗିଖୋଜି ସମିତି ସଭ୍ୟା ଦ୍ରୌପଦୀ ମହାନ୍ତ ଯୋଗ ଦେଇ ମକର ମହୋତ୍ସବ ଓ ଟୁସୁ ପର୍ବ ର ମହତ୍ୱ ଉପରେ ଉଦବୋଧନ ଦେଇଥିଲେ।ଏହି ଟୁସୁ ମେଳାରେ କୁଡୁମୀ ସମ୍ପ୍ରଦାୟର ଯୁବକ ଯୁବତୀ ମାନେ ସୁନ୍ଦର ଝୁମର ନୃତ୍ୟ ପରିବେଷଣ କରି ଥିଲେ।ସଂଘର ସଦସ୍ୟ ଭୁତ ମହାନ୍ତ,ଉମେଶ ମହାନ୍ତ, ରାଜନ ମହାନ୍ତ, ବାବୁଲା ମହାନ୍ତ,ମୋହନ ମହାରଣା, ଲୋକନାଥ ମହାନ୍ତ, ସୁଶାନ୍ତ ମହାନ୍ତ, ବିଜୁ ମୁଣ୍ଡା,ଶୁକ୍ରା ମହାନ୍ତ,ସନ୍ତୋଷ ମହାନ୍ତ, କୁନା ମହାନ୍ତ, ରବୀନ୍ଦ୍ର ମହାନ୍ତ ଗଗନ ମହାନ୍ତ,ଭୁଟି ମହାନ୍ତ,ପ୍ରଦୀପ ମହାନ୍ତ ଙ୍କ ସହିତ ଅନ୍ୟ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବାର ସହଯୋଗ କରିଥିଲେ।

# କୈଳାଶ ଚନ୍ଦ୍ର ଜେନା ପୋଲସରା ଏନଏସି ର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ

ପୋଲସରା**୧୭/୧(ନି.ପ୍ର):** କୈଳାଶ ଚନ୍ଦ୍ର ଜେନା ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗଦେଇଛନ୍ତି। ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଋଷି ମାଝୀଙ୍କୁ ସୋନପୁର ପୌରପାଳିକାକୁ ବଦଳି ହୋଇଥିବା ବେଳେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଜେନା ଏଥି ପୂର୍ବରୁ ଭୁବନେଶ୍ୱର ବିଏମସି ର ରାଜସ୍ୱ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଜେନା ପୋଲସରା ଏନଏସିର ଦାୟିତ୍ୱ ଗ୍ରହଣ କରିବା ପରେ ଏନଏସି ଅଧକ୍ଷା ସଂଗୀତା ବେହେରା, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, କାଉନସିଲର ବୃନ୍ଦ ଓ ଏନଏସି କର୍ମଚାରୀ ବୃନ୍ଦ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଛନ୍ତି। ସହରର ବିକାଶ ଓ ସହରର ଜନତାଙ୍କୁ ଉତ୍ତମ ସେବା ଯୋଗାଇବାକୁ ପ୍ରାଥମିକତା ଦେବେ ବୋଲି ଇଓ ଶ୍ରୀ ଜେନା ପ୍ରକାଶ କରିଛନ୍ତି।

# ଅତାବିରା ଠାରେ ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା 'ହ୍ୟାଣ୍ଡ୍ସ ଅନ୍ ଟେକନିକାଲ ଟ୍ରେନିଂ ସେଣ୍ଟର'ର ଶୁଭାରମ୍ଭ

ଅତାବିରା **୧୭/୧(ନି.ପ୍ର):** କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଏବଂ ବୈଷୟିକ ଉତ୍କର୍ଷତା ପାଇଁ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ଦ୍ୱାରା ଜିଲ୍ଲା ଅନ୍ତର୍ଗତ ଅତାବିରାଠାରେ ଏକ ଅତ୍ୟାଧୁନିକ ବୈଷୟିକ ତାଲିମ କେନ୍ଦ୍ର (ହ୍ୟାଣ୍ଡ୍ସ ଅନ୍ ଟେକ୍ନିକାଲ ଟ୍ରେନିଂ ସେଣ୍ଟର)ର ଶୁଭାରମ୍ଭ କରାଯାଇଅଛି । ଟାଟା ପାୱାର (ଟି-ଆଣ୍ଡ-ଡି)ର ସୁରକ୍ଷା ମୁଖ୍ୟ ଶ୍ରୀ ସୁରେଶ ଖେତୱାନୀ, ଓଡ଼ିଶା ଡିସ୍କମର ସୁରକ୍ଷା ମୁଖ୍ୟ ଶ୍ରୀ ଦେବୀ ପ୍ରସାଦ ଆଚାର୍ଯ୍ୟ ଏବଂ ଟିପିଡବ୍ଲ୍ୟୁଓଡିଏଲର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା। ଏହି ତାଲିମ କେନ୍ଦ୍ରଟିକୁ ଗତକାଲି ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଏହି ପଦକ୍ଷେପଟି ସମଗ୍ର ପଶ୍ଚିମ ଓଡ଼ିଶାରେ ଟିପିଡବ୍ଲ୍ୟୁଓଡିଏଲର ପରିଚାଳନା ଉତ୍କର୍ଷତା ଏବଂ ସୁରକ୍ଷା ପ୍ରତି ପ୍ରତିବଦ୍ଧତାର ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ । କମ୍ପାନୀର ବୈଷୟିକ କର୍ମଚାରୀମାନଙ୍କୁ ବ୍ୟବହାରିକ ଜ୍ଞାନ ତଥା 'ରିଏଲ ଟାଇମ୍ ଟ୍ରେନିଂ' ପ୍ରଦାନ କରିବା ପାଇଁ ଏହି ତାଲିମ କେନ୍ଦ୍ରର ପରିକଳ୍ପନା କରାଯାଇଛି, ଯାହା କମ୍ପାନୀର 'ମିଶନ ଜିରୋ ଆକ୍ସିଡେଣ୍ଟ' ଦର୍ଶନକୁ ସୁନିଶ୍ଚିତ କରେ । ଏହି ତାଲିମ କେନ୍ଦ୍ରଟି କମ୍ପାନୀର କର୍ମଚାରୀମାନଙ୍କୁ ସୁରକ୍ଷା ମାନଦଣ୍ଡ ସହିତ ଦକ୍ଷତାର ସହ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ଆବଶ୍ୟକ କୌଶଳ ପ୍ରଦାନ କରିବ । ଏହା ଶ୍ରେଣୀଗୃହ ଆଧାରିତ ଶିକ୍ଷାଠାରୁ ଆରମ୍ଭ କରି 'ପ୍ରାକ୍ଟିସ୍ ୟାର୍ଡ' ପର୍ଯ୍ୟନ୍ତ ସବୁକିଛି ପ୍ରଦାନ କରିବ, ଯେଉଁଠାରେ କମ୍ପାନୀର ବୈଷୟିକ କର୍ମଚାରୀମାନେ ଲୋ ଟେନସନ୍ (ଏଲଟି) ଏବଂ ହାଇ ଟେନସନ୍ (ଏଚଟି) ବିତରଣ ନେଟୱାର୍କର ପ୍ରତିରୂପ ସହିତ ପ୍ରଶିକ୍ଷଣ ଲାଭ କରିପାରିବେ, ଯାହା କର୍ମଚାରୀମାନଙ୍କୁ ସେମାନେ ଦୈନନ୍ଦିନ ବ୍ୟବହାର କରୁଥିବା 'ରିଅଲ୍ ଟାଇମ୍' ଉପକରଣ ଗୁଡ଼ିକ ସହିତ ଅଭିଜ୍ଞତା ହାସଲ କରିବାରେ ସହାୟକ ହେବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କମ୍ପାନୀ ପକ୍ଷରୁ ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ବିଦ୍ୟୁତ୍ ଉପଖଣ୍ଡରେ ଲାଇନମେନ ଏବଂ ହେଲ୍ପରମାନଙ୍କ ତାଲିମ ପାଇଁ 'ପ୍ରାକ୍ଟିସ୍ ୟାର୍ଡ' ସ୍ଥାପନ କରାଯାଇଅଛି । "ଏହି ବୈଷୟିକ ତାଲିମ କେନ୍ଦ୍ରଟି ଉଭୟ ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟାରେ ନିରନ୍ତର ଉନ୍ନତି ପାଇଁ ଆମର ଉତ୍ସର୍ଗୀକୃତତାକୁ ପ୍ରତିଫଳିତ କରେ । ବ୍ୟବହାରିକ ଦକ୍ଷତା ସହିତ ଆମର ଶ୍ରମଶକ୍ତିକୁ ସଶକ୍ତ କରି ଆମେ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଉତ୍କର୍ଷତା ପାଇଁ ନୂତନ ମାନକ ସ୍ଥାପନ କରୁଛୁ'' ବୋଲି ଟିପିଡବ୍ଲ୍ୟୁଓଡିଏଲ୍ ସିଇଓ ଶ୍ରୀ ପ୍ରବୀଣ ବର୍ମା କହିଛନ୍ତି । ଏହି ଅବସରରେ ସେ ମଧ ଘୋଷଣା କରିଛନ୍ତି ଯେ ରାଉରକେଲା, ସମ୍ବଲପୁର, ବଲାଙ୍ଗିର ଏବଂ କଳାହାଣ୍ଡିଠାରେ ଅନୁରୂପ ବୈଷୟିକ ତାଲିମ କେନ୍ଦ୍ରର ନିର୍ମାଣ ସମାପ୍ତ ହେବାକୁ ଯାଉଛି ଏବଂ ସେଗୁଡିକ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ।

# ମା ବାକକୁମାରୀ ଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଲାଗି ଶୁଭଖୁଣ୍ଟି ସ୍ଥାପନ



ଚିକିଟୀ **୧୭/୧(ନି.ପ୍ର):** ଦକ୍ଷିଣ-ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତି ପୀଠ ତଥା ନୈସର୍ଗିକ ସୁଷମାଶ୍ରୀ ବିମଣ୍ଡିତ ପର୍ଯ୍ୟଟନ ସ୍ଥଳୀ ରୂପେ ଚିକିଟୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଧାନଘର ଛକ ନିକଟସ୍ଥ ରାମଗୁଡା ଗ୍ରାମକୁ ଲାଗି ସୁଶ୍ୟାମଳ ଉତୁଙ୍ଗ ଶିଖରୀ କେରାଣ୍ଡିମାଳ ପର୍ବତ ରେ ଅବସ୍ଥାପିତ ମା ବାଳକୁମାରୀଙ୍କ ପ୍ରସିଦ୍ଧ ପୀଠ। ଏହି ପର୍ବତ ଶିଖରେ ବହୁ ପୁରାତନ କାଳରୁ ପୂଜା ପାଇ ଆସୁଥିବା ଭଗବତୀ ମହାମାୟୀ ମା ବାଳକୁମାରୀ ଙ୍କ ଶକ୍ତି ପୀଠରେ ହେବାକୁ ଥିବା, ବିଶ୍ୱଶାନ୍ତି ଅମ୍ବା ମହାଯଜ୍ଞ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଲାଗି ମଙ୍ଗଳବାର ଅପରାହ୍ନରେ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଅଞ୍ଚଳର ସୁନାମଧନ୍ୟ ପଣ୍ଡିତ ଶ୍ରୀ ଅଶୋକ କୁମାର ପାଢ଼ୀ ଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ, ଆସନ୍ତା ମାଘ କୃଷ୍ଣ ଦଶମୀ ୨୩ ତାରିଖ ଗୁରୁବାର ଠାରୁ ମାଘ ଶୁକ୍ଳ ଦ୍ୱିତୀୟା ୩୦ ତାରିଖ ଗୁରୁବାର ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ଜଳଯାତ୍ରା, ଦୀକ୍ଷା ଗ୍ରହଣ,ମଣ୍ଡଳାଧିବାସ ପରେ ଦ୍ୱିତୀୟ ଦିବସରେ ଯଜ୍ଞାରମ୍ଭ ସହିତ ବ୍ରାହ୍ମଣ ବରଣ, ସାଳା ସଂସ୍କାର, ମଣ୍ଡଳ ପୂଜା ଆଦି ସମାପନ ହେବ। ସେହିପରି ୨୪ ତାରିଖ ଶୁକ୍ରବାର ଠାରୁ ୩୦ ତାରିଖ ଗୁରୁବାର ପର୍ଯ୍ୟନ୍ତ ପ୍ରତିଦିନ ରୀତିନୀତି ଅନୁଯାୟୀ ମଣ୍ଡଳ ପୂଜା, ସୂର୍ଯ୍ୟପୂଜା, ଗୋ ପୂଜା, ଚଣ୍ଡୀ ପାରାୟଣ, ଘୃତଯଜ୍ଞ , ଦେବୀ ଓ ଶୈବ ପୀଠରେ ମହାଭିଷେକ ସହ ବିଲ୍ୱାର୍ଜନ, ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହେବ। ଏହା ସହିତ ବନ ଯୋଗ, ରତ୍ନମୁଦ୍ରା, ନୂତନ ବିଗ୍ରହ ମାନଙ୍କ ଅଧିବାସ ଓ ମହାସ୍ନାନ, ଜୀବନ୍ୟାସ, ପାର୍ଶ୍ୱ, ଦ୍ୱାର, ଧ୍ୱଜ ଓ ତ୍ରିଶୂଳ ସ୍ଥାପନ, ଦେବତା ପ୍ରବେଶ, ଜଜମାନ ପ୍ରତିଷ୍ଠା, ମହାଧ୍ୱଜ ଭ୍ରମଣ ଓ ଘୃତଯଜ୍ଞ ସହିତ ପ୍ରତିଷ୍ଠାର ପୂର୍ଣ୍ଣାହୁତି। ୩୧ ତାରିଖ ଗୁରୁବାର ଦଧିହାଣ୍ଡି ଭଗ୍ନ ସହିତ ନଗର ଭ୍ରମଣ ଓ ନାମ ଯଜ୍ଞର ପୂର୍ଣ୍ଣାହୁତି ହେବା କାର୍ଯ୍ୟକ୍ରମ ରହିଥିବା ବେଳେ ଏହି ପ୍ରତିଷ୍ଠା ମହାଯଜ୍ଞରେ ଭକ୍ତବୃନ୍ଦ ଯୋଗଦାନ କରି ଭଗବତୀ ଶ୍ରୀ ମା ବାଳକୁମାରୀ ଙ୍କ କୃପାଲାଭ କରିବା ସହିତ କାର୍ଯ୍ୟକ୍ରମ କୁ ସଫଳ କରିବା ନେଇ ପଣ୍ଡିତ ଶ୍ରୀ ଅଶୋକ କୁମାର ପାଢ଼ୀ ଙ୍କ ସହିତ ମା ବାଳକୁମାରୀ ଚାରିଟେବୁଲ ଟ୍ରଷ୍ଟ ଓମନ୍ଦିର ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର ମଣ୍ଡଳ,ସମ୍ପାଦକ ଅଭିମନ୍ୟୁ ରାଉଳ,ମହେନ୍ଦ୍ର ପାତ୍ର, ସୁଧୀର କାନ୍ତ ସାବତ ଙ୍କ ସମେତ ସମସ୍ତ ସଦସ୍ୟ ଶୁଭେଚ୍ଛୁ ମାନଙ୍କୁ କମିଟି ନିବେଦନ କରିଛନ୍ତି।

# ବାଲୁଗାଁ ଏନଏସି ର ୬ଷ୍ଠ ପରିଷଦ ପରିଚାଳନା ସାଧାରଣ ଅଧିବେଶନ



ବାଲୁଗାଁ **୧୭/୧(ନି.ପ୍ର):** ଗୁରୁବାର ପୂର୍ବାହ୍ନରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନୀ କକ୍ଷରେ ୬ଷ୍ଠ ପରିଷଦ ପରିଚାଳନା ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଧିବେଶନରେ ରାଜ୍ୟ ଆଇନ, ପୂର୍ତ୍ତ ? ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚ଼ନ୍ଦନ ଯୋଗଦେଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚ଼ନା କରିଥିଲେ।ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀ ବିଶେଷ ସହାୟତା ପ୍ରଗତି,କଠିନ ବର୍ଜ୍ୟବସ୍ତୁ ପରିଚ଼ାଳନାରେ ପ୍ରଗତି,ମିଶନ ଶକ୍ତି ଗୃହ ଓ ଆହାର କେନ୍ଦ୍ର ପ୍ରଗତି,ସ୍ମାର୍ଟ ପାର୍କ ଏବଂ ଶବଦାହ ସ୍ଥାନ ଉନ୍ନତି,କଚ୍ଚା ଏବଂ ଡବ୍ଲୁବିଏମ୍ ରୋଡକୁ ପେଭର ବ୍ଲକ ରୋଡ୍ କରିବା,ମୁକ୍ତା ଯୋଜନାର ପ୍ରଗତି,ବିଭିନ୍ନ କେନ୍ଦ୍ରୀୟ/ ରାଜ୍ୟ ପେନସନ୍ ସ୍କିମ ସ୍ଥିତି,ପିଏମ୍ ସମ୍ମାନ ନିଧି,ପିଏମ୍ କିଷାନ ଯୋଜନା,ପିଏମ୍ ବିଶ୍ୱକର୍ମା ଯୋଜନା,ଷ୍ଟ୍ରିଟ୍ ଲାଇଟ ଏବଂ ଅନ୍ୟ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।ଏଥିସହିତ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ସରସ ସୁନ୍ଦର ଭାବେ ଗଢିତୋଳିବା ପାଇଁ ସମସ୍ତଙ୍କର ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ହରିଚ଼ନ୍ଦନ ମତପ୍ରକାଶ କରିଥିଲେ।ଏହିଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବାଲୁଗାଁ ଏନଏସି ଅନ୍ତର୍ଗତ ୮୦ ବର୍ଷରୁ ଉର୍ଦ୍ଧ୍ୱ ୩୦ ଜଣ ବୃଦ୍ଧ,ବୃଦ୍ଧା ଓ ୮୦ ଶତକଡ଼ାରୁ ଉର୍ଦ୍ଧ୍ୱ ୨୦ ଜଣ ଭିନ୍ନକ୍ଷମଙ୍କୁ ବର୍ଦ୍ଧିତ ଭତ୍ତା ବଣ୍ଟନ କରିଥିଲେ।ଏହି ବୈଠକରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା ଶ୍ରୀମତୀ ସୁକାନ୍ତି ପାଇକରାୟ,ଉପାଧକ୍ଷ ଭଗବାନ ପ୍ରଧାନ,କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ,କନିଷ୍ଠ ଯନ୍ତ୍ରୀ ବିମଳ ମିଶ୍ର,ସମସ୍ତ କାଉନସିଲର ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମଧୁପୁରରେ ମକର ଅବସରରେ ବେଝାତୁଞ୍ଜ୍' (ତୀରନ୍ଦାଜ) ପ୍ରତିଯୋଗିତା



ମୟୂରଭଞ୍ଜ **୧୭/୧(ନି.ପ୍ର):** ଜାମଦା ବ୍ଲକ ମଧୁପୁର ଗ୍ରାମର ଗ୍ରାମ ମୁଖିଆ ଭାଗବତ ପ୍ରସାଦ ମୁର୍ମୁଙ୍କ ଆହ୍ୱାନରେ ଗତ ୧୪ ତାରିଖ ମକର ତିଥିଦିନ 'ବେଝାତୁଞ୍ଜ୍' (ତୀରନ୍ଦାଜ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୂର୍ବେ ଏକ ଆଦିବାସୀ ରାଣୀ ନିଜ ଉଦ୍ୟାନରେ ଏକ ଫୁଲ ଗଛ ଲଗାଇଥିଲେ ସେଠାରେ ଏକ ରହସ୍ୟମୟ ସୁନ୍ଦର ଫୁଲଟିଏ ଫୁଟିଥିଲା । ସୁନ୍ଦର ଫୁଲଟି ଦେଖି ରାଜା ଉତ୍ସକତାରେ ସହ ରାଣୀଙ୍କଠାରୁ ଫୁଲର ନାମ ଜାଣିବକକୁ ଚାହିଁଲେ । ରାଜା ରାଣୀଙ୍କୁ ପଚାରିବାରୁ ପରକିଆ ପ୍ରେମରେ ଅନ୍ଧ ହୋଇଥିବା ରାଣୀ ରାଜାଙ୍କ ପ୍ରତି ପ୍ରତିଶୋଧ ପରାୟଣ ହୋଇ କହିଲେ ତୁମେ ଜଗତର ରାଜା ବୋଲାଉଛ ... ତୁମେ ଯଦି ଏହି ଫୁଲର ନାମ କହିବ ତେବେ ମୋର ଜୀବନ ତୁମେ ନେବ ଯଦି ତୁମେ ଫୁଲର ନାମ କହି ପାରିବ ନାହିଁ ତେବେ ତୁମକୁ ସର୍ବସାଧାରଣରେ ଫାଶି ଦିଆଯିବ । ରାଣୀଙ୍କର ଏପରି ସର୍ତ୍ତଶୁଣି ରାଜା ଯେତିକି ବିସ୍ମିତ ହେଲେ ସେତି ଆଶ୍ଚର୍ଯ୍ୟ ହୋଇ ଫୁଲର ରହସ୍ୟ ଜାଣିବାକୁ ଆଗ୍ରହ ବଢିବାରୁ ରାଣୀଙ୍କୁ ସମୟ ମାଗି ରାଣୀଙ୍କ ସର୍ତ୍ତକୁ ରାଜା ରାଜ ଶୋଭାରେ ମଞ୍ଜୁରୀ ଦେଲେ । ସର୍ତ୍ତଟି ମକର ତିଥି ଦିନଟି ଅନ୍ତିମ ଦିନ ଥାଏ ରାଜାଙ୍କୁ ଫାଶି ଦେବାର ସଜବାଜ ଚାଲିଥାଏ ରାଜା ନିଜ ଭଉଣୀ ଠାରୁ ଜାଣିବାକୁ ପାଇଲେ ରାଜା ଶିକାରକୁ ଯାଇଥିବା ଏକ ନାଗ ସାପକୁ ମାରିଥିଲେ ଏବଂ ସେହି ନାଗ ସାପ କେହି ନୁହେଁ ନାଗ ଦେବତା ଥିଲେ ରାଣୀ ପ୍ରତିଦିନ ରାଜାଙ୍କ ପଛେ ଜଙ୍ଗଲକୁ ଯାଉଥିଲେ ରାଣୀର ରୂପଦେଖି ନାଗରୂପି ନାଗ ଦେବତା ମନୁଷ୍ୟ ରୂପ ଧାରଣ କରି ରାଣୀଙ୍କ ସହିତ ପ୍ରେମ କରୁଥିଲେ । ନାଗ ସାପକୁ ମାରି ଦେଇଥିବାର ଶୁଣି ରାଣୀ ଅତ୍ୟନ୍ତ ମର୍ମାହତ ହୋଇଥଲେ ସେ ଗପନରେ ଜଙ୍ଗଲକୁ ଯାଇ ନାଗ ସାପର ମୁଣ୍ଡଆଣି ନିଜ ବଗିଚାରେ ପୋତି ପାଣି ଦେଉଥିଲେ । ସେଠାରୁ ଏକ ଫୁଲଗଛ ଜାତ ହେବାର ଦେଖି ରାଣୀ ପ୍ରତିଦିନ ସେହି ଫୁଲ ଗଛରେ ପାଣି ଦିଅନ୍ତି ଏବଂ ଦିନେ ସେହି ଗଛରୁ ଏକ ଅଦ୍ଭୁତଫୁଲ ଫୁଲ ଫୁଟି ସମସ୍ତଙ୍କ ମନମୁଗ୍ଧ କରୁଥିଲା । ରାଣୀ ଚରିତ୍ରାହୀନା ଜାଣିବାପରେ ରାଜା ରାଣୀର ସର୍ତ୍ତ ଅନୁଶାରେ ସର୍ବସାଧାରଣରେ ମକର ତିଥିଦିନ ରାଣୀଙ୍କୁ ତୀରମାରି ବୋଧକରାଯାଇଥିବା ପରମ୍ପରାକୁ ସାନ୍ତାଳ ଲୋକମାନେ 'ବେଝାତୁଞ୍ଜ୍' କରି ନିଜର ଅସ୍ମିତାକୁ ମନେ ପକାଇଥାନ୍ତି ।

# ପିପୁଲସ କଲେଜର ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ

ବୁଗୁଡା **୧୭/୧(ନି.ପ୍ର):** ଗଞ୍ଜାମ ଜିଲ୍ଲାର ବୁଗୁଡା ପିପୁଲସ କଲେଜର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଭାଗର +୨ ପ୍ରଥମ ବର୍ଷର ଛାତ୍ରୀଙ୍କ ଜାନୁଆରୀ ୭ ତାରିଖ ଠାରୁ ଆଠ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଜାନୁଆରୀ ୧୬ ତାରିଖ ଦିନ ଉଦଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ କଲେଜର ପ୍ରିନ୍ସପାଲ ପ୍ରଫେସର ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବୁଗୁଡା ପୋଲିସ ଥାନ ଉପଆରକ୍ଷୀ ନିରୀକ୍ଷକ ଜ୍ୟୋତିଶ୍ରୀ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଡକ୍ଟର ପ୍ରଦୀପ କୁମାର ଦାଶ, ଆତ୍ମ ପ୍ରକାଶ ନାୟକ ଓ ପିଇଟି କ୍ରୀଷ୍ଣା ରାଓ ପାତ୍ର ଯୋଗଦେଇଥିଲେ। ତାଲିମ ଶିବିରର ସଂଯୋଜିକା ଅଧ୍ୟାପିକା ରଶ୍ମିତା କୁମାରୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନର ଭାବେ ସମିତା ଜେନା ଓ ପୂଜା ସ୍ୱାଇଁ ଯୋଗଦେଇ ଛାତ୍ରୀ ବୃନ୍ଦଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଅତିଥିମାନେ ଆତ୍ମ ସୁରକ୍ଷା ତାଲିମର ଉପକାରୀତା ବିଷୟରେ ବକ୍ତବ୍ୟ ରଖିଥିବା ବେଳେ ଛାତ୍ରୀମାନେ ଶିକ୍ଷାଲାଭ କରିଥିବା ଆତ୍ମ ସୁରକ୍ଷାର କୌଶଳ ଅତିଥିମାନଙ୍କ ସମ୍ମୁଖରେ ପ୍ରଦର୍ଶିତ କରିଥିଲେ।

# ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜ ଗୋଳନ୍ଥରା ଶାଖାର ନୂତନ କର୍ମକର୍ତ୍ତା ଚୟନ

ରଙ୍ଗେଇଲୁଣ୍ଡା **୧୭/୧(ନି.ପ୍ର):** ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜ ଗୋଳନ୍ଥରା ଶାଖାର ଏକ ବୈଠକ ଗୋଳନ୍ଥରା ଇଶାଣେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ନିଖିଳ ଉତ୍କଳ ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜର ଅଞ୍ଚଳ ସଭାପତି ଗୁରୁନାଥ ବିଷୋୟୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଦକ୍ଷିଣ ମଣ୍ଡଳ ସଭାପତି ରଞ୍ଜନ କୁମାର ସ୍ୱାଇଁ ଓ ଉପସଭାପତି ପ୍ରକାଶ ଚନ୍ଦ୍ର ବିଷୋୟୀ , ଅତିଥି ଭାବେ ରମେଶ ଚନ୍ଦ୍ର ଜେନା, ଲଡୁ କିଶୋର ଜେନା, ପ୍ରକାଶ ଚନ୍ଦ୍ର ଜେନା, ଅମରେନ୍ଦ୍ର ଜେନା,ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିବା ସହ ସଦସ୍ୟ ମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ।ଏହି ଅବସରରେ ଗୋଳନ୍ଥରା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଉମାକାନ୍ତ ଜେନା, ଉପସଭାପତି ଭାବେ ଅମରେନ୍ଦ୍ର ଜେନା, ସମ୍ପାଦକ ଭାବେ ରାଜେନ୍ଦ୍ର ଜେନା,ଓ ମନୋନୀତ ସଦସ୍ୟ ଭାବେ ପ୍ରକାଶ ଚନ୍ଦ୍ର ଜେନା, ସନ୍ତୋଷ ଜେନା, ଗୌରହରି ଜେନା, ସୁରେନ୍ଦ୍ର ଜେନା ଓ ପ୍ରତାପ ଜେନା ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ।ଏହି ଅବସରରେ ନୂତନ କର୍ମକର୍ତ୍ତା ଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଉପେନ୍ଦ୍ର ଜେନା, ତ୍ରିନାଥ ଜେନା,ସୁନିଲ କୁମାର ଜେନା,ନିତୁ ଜେନା, ଅନ୍ତର୍ଯ୍ୟାମୀ ଜେନା, ବୃନ୍ଦାବନ ଜେନା, ଶିଶିର ଜେନା,ତ୍ରିପତି ଜେନା,ବାଲାଜି ଜେନା ଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

## ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ମନ୍ଦିର ପରିସର ସଫେଇ



ନିଶ୍ଚିନ୍ତକୋଇଲି ୧୭/୧(ନି.ପ୍ର): ପବିତ୍ର ଶାମ୍ବଦଶମୀ ଅବସରରେ ଅନୁଷ୍ଠିତ ଉତ୍ସବରେ ମା' ମର୍ଚ୍ଚିଆଣୀ ମନ୍ଦିର ପରିସର ଓ ତା'ର ଆଖପାଖ ଅଂଚଳ ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ପଡିରହିଥିଲା । ବିଲ୍ଲିପାଳଦା ନଗସପୁର କଟକଠାରେ ଅବସ୍ଥିତ ମା' ମର୍ଚ୍ଚିଆଣୀ ଆଶ୍ରିତ ପରିବାର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସ୍ୱଚ୍ଛତା ଅଭିଯାନ ମାଧ୍ୟମରେ ସଫେଇ କରାଯାଇଛି । ସ୍ଥାନୀୟ ଯୁବକ ସମରେନ୍ଦ୍ର ଭୂୟାଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ମିହୀର ଭୂୟାଁ. ରାଜକିଶୋର ଦାସ, ଅନୀଲ ଭୂୟାଁ, ଗଗନବିହାରୀ ଭୂୟାଁ, ଶରତ ଚନ୍ଦ ଭୂୟାଁ, ଅଚ୍ୟୁତାନନ୍ଦ ଦାସ, ପ୍ରୀତିଶ କୁମାର ଦାସ, ପ୍ରତାପ ସେଠୀ, ବିଦୁର ପରିଡା, ଚି□ରଂଜନ ସାହୁ, ମୀନକେତନ ରାହୁଲ, ବିଜୟ ମଲ୍ଲ, ପ୍ରତାପ ମଲ୍ଲ,ବୀରବର ସ୍ୱାଇଁ, ପ୍ରଭୁକଲ୍ୟାଣ କମଳାକାନ୍ତ ଦାସ, ପ୍ରଭାକର ସାମଲ, ଦେବପ୍ରସାଦ ଦାସ, ବିଜୟ ଦାସ, ଜୟରାମ ଦାସ, ତ୍ରିଲୋଚନ ଦାସ, ଯଯାତୀ କେଶରୀ ଭୂୟାଁ ପ୍ରମୁଖ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇ ସଫେଇ କାର୍ଯ୍ୟ କରିଥିଲେ ।

## ଅଚ୍ୟୁତାନନ୍ଦ ବିଦ୍ୟାପୀଠର ୧୯୮୩ ବ୍ୟାଚ୍ ଛାତ୍ର ଛାତ୍ରୀଙ୍କ ବନ୍ଧୁ ମିଳନ

ନିଶ୍ଚିନ୍ତକୋଇଲି ୧୭/୧(ନି.ପ୍ର): ନେମାଳ ଅଚ୍ୟୁତାନନ୍ଦ ବିଦ୍ୟାପୀଠର ୧୯୮୩ ମସିହା ସିନିୟର ବ୍ୟାଚ୍ ମାଟ୍ରିକ ବନ୍ଧୁ ମିଳନ ଉତ୍ସବ ନେମାଳସ୍ଥିତ ଗୋଖରା ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ବନ୍ଧୁମିଳନ ଉତ୍ସବରେ ରତ୍ନାକର ବାରିକ, ଅଜିତ୍ ସାହୁ, ଭାଗବତ ପ୍ରଧାନ, ଜାବାଳୀ ପ୍ରଧାନ, ସ୍ୱରୁପ ମହାନ୍ତି, ତପନ ସ୍ୱାଇଁ, ପ୍ରମୋଦ ବେହେରା, ସୁକାନ୍ତ ପରିଜା, ରୟମାନ୍ ଖାଁ, କ୍ଷୀରୋଦ ସେନାପତି, ଭଞ୍ଜ ଦାସ, ସାନ୍ତନୁ ପୂଝାରୀ, ସମୀରୁଦ୍ଦିନ ଖାଁ, କଳ୍ପନା ବେହେରା, ବିଜୟଲକ୍ଷ୍ମୀ ସେଠୀ, କମଳା ଦାଶ, ରୁପଶ୍ରୀ ଶତପଥି, ପୁଷ୍ପିତା ଭୂୟାଁ, ହିଂମାଂଶୁ ଭୂୟାଁ, ପ୍ରମୋଦ ଦଳାଇ, ଶରତ ବେହେରା, ବାବୁଲି ବେହେରା, ରମେଶ ଦାସ, ରତ୍ନାକର ଦାସ, ଶରତ ଦାଶ, ଅଭୟ ଦାଶ, ବସନ୍ତ ଭୋଳ, ରମେଶ ପ୍ରଧାନ, ଜୟରାମ ନାୟକ, ସରୋଜ ଦାଙ୍କ ସମେତ ବହୁ ଛାତ୍ର ଛାତ୍ରୀ ଯୋଗଦେଇ ପୁରୁଣା ଦିନର ଛାତ୍ର ଜୀବନର ସ୍ମୃତି ଅନୁଭୂତି ବିଷୟରେ ପରସ୍ପର ମଧ୍ୟରେ ଆଲୋଚନା କରିବା ସହ ଭାବର ଆଦାନ ପ୍ରଦାନ କରିଥିଲେ ।

## ସାହାସପୁର ପ୍ରିମିୟର ଲିଗ୍ ମ୍ୟାଚ୍ ଉଦ୍ଘାଟିତ

କଣାସ ୧୭/୧(ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ୍ ଅନ୍ତର୍ଗତ କାଦୁଆ ପଞ୍ଚାୟତ ସାହସପୁର ଗ୍ରାମରେ ମା ମଙ୍ଗଳା କ୍ରିକେଟ ଆସୋସିଏସନ୍ ପକ୍ଷରୁ ବୁଧବାର ଦିନ ପଞ୍ଚମ ପ୍ରିମିୟର ଲିଗ୍ ମ୍ୟାଚ୍ ଉଦ୍ଘାଟିତ ହୋଇଯାଇଛି ।ଏହି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ,ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ମହାରଣା,ସମିତିସଭ୍ୟ ଶକ୍ତିଧର ପ୍ରଧାନ,ଅକ୍ରୁର ସାହୁ,ଧନେଶ୍ୱର ସାମନ୍ତରାୟ,ସଦାନନ୍ଦ ସାହୁ ଓ ପ୍ରଦ୍ୟୁମ୍ନ ପ୍ରଧାନ ପ୍ରମୁଖ ନଡ଼ିଆ ବାଡେଇ ମ୍ୟାଚ୍ ଉଦ୍ଘାଟନ କରିଥିଲେ ।ଉଦ୍ଘାଟନୀ ମ୍ୟାଚରେ କିଙ୍ଗ କୋବ୍ରା ଓ ହଣ୍ଟର ଏଲେଭେନ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ।ହଣ୍ଟର ଏଲେଭେନ୍ ପ୍ରଥମେ ବ୍ୟାଟିଂ କରି ମୋଟ ୧୦ ଓଭରରେ ୧୨୯ ରନ୍ ସଂଗ୍ରହ କରିଥିବା ବେଳେ କିଙ୍ଗ କୋବ୍ରା ୧୧୧ ରନ୍ କରି ପରାଜିତ ହୋଇଥିଲା ।ହଣ୍ଟର ଏଲେଭେନ୍ ର ମିଲଟନ୍ ପ୍ରଧାନ ୨୭ ବଲ୍ ରେ ୬୨ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।ସେହିପରି ଦ୍ୱିତୀୟ ମ୍ୟାଚ୍ ଫ୍ଲାଇଙ୍ଗ ହର୍ଷ ସହ ସାଇ ସୁପରଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।ଫ୍ଲାଇଙ୍ଗ ହର୍ଷ ୧୦ ଓଭରରେ ୯୫ ରନ୍ ସଂଗ୍ରହ କରିଥିବା ବେଳେ ସାଇ ସୁପର ଷ୍ଟାର ୮.୫ ଓଭରରରେ ୯୬ ରନ୍ ସଂଗ୍ରହ କରି ବିଜୟ ହୋଇଥିଲା ।ତୃତୀୟ ମ୍ୟାଚ୍ ଟି ଗୋଲଡ୍ଭେନ ଇଗଲ୍ ସହିତ ହଣ୍ଟର ଏଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଗୋଲଡ୍ଭେନ ଇଗଲ୍ ୧୦ ଓଭରରେ ୯୭ ରନ୍ କରିଥିବା ବେଳେ ହଣ୍ଟର ଏଲେଭେନ୍ ୮ ଓଭରରେ ୯୯ ରନ୍ କରି ବିଜୟ ହୋଇଥିଲା ।ଚନ୍ଦନ ସାହୁ,ଦୀପକ ସାମନ୍ତରାୟ ଓ ବଳଭଦ୍ର ମହାପାତ୍ର ଖେଳ ପରିଚାଳନା କରିଥିଲେ ।

# ହଳଦା ଗ୍ରାମରେ ଚାକଦର ମକର ମେଳା ଟୁସୁ ମେଳା ଅନୁଷ୍ଠିତ

ମୟୂରଭଞ୍ଜ ୧୭/୧(ନି.ପ୍ର): ରାଇରଙ୍ଗପୁର ନିକଟସ୍ଥ ହଳଦା ଗ୍ରାମରେ ଚାକଦର ମକର ମେଳା ଟୁସୁ ମେଳା ଅନୁଷ୍ଠିତ ହୋଇଯାଇଛି । ମୟୁରଭଞ୍ଜର ଗଣପର୍ବ ମକର ପର୍ବ । ପଲ୍ଲୀରୁ ସହର ସବୁଠି ଚଳଚଞ୍ଚଳ ପର୍ବର ମାହୋଲ ସବୁଯାଗାରେ ରହିଛି ।ଏହି ଅବସରରେ ହଳଦା ଗ୍ରାମଦେଇ ବହିଯାଇଥିବା ଖଡ଼ଖାଇ ନଦୀର ଅବବାହିକାରେ ଚାକଦର ଗଣ୍ଡ ଅବସ୍ଥିତ । ଶହଶହ ବର୍ଷ ପୂର୍ବରୁ ଚାକଦର ଗଣ୍ଡରେ ଅନୁଷ୍ଠିତ ହୋଇଆସୁଛି ଏହି ଟୁସୁ ସଂସ୍କୃତିର ପର୍ବ । ପରବର୍ତ୍ତୀ ସମୟରେ ଗ୍ରାମର କିଛି ସଂସ୍କୃତି ପରମ୍ପରା ପ୍ରେମୀ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପୁରସ୍କାର ଭିତ୍ତିରେ ୨୦୦୨ ମସିହାରୁ ଆରମ୍ଭ ହୋଇଆସିଛି ଏହି ଚାକଦର ଟୁସୁ ପରବ ।ଚଳିତ ବର୍ଷ ଏହା ୨୪ ବର୍ଷରେ ପଦାର୍ପଣ କରିଥିବା ମକରମେଳାରେ ୧୧ଟି ଟୁସୁ ଦଳ ପ୍ରତିଯୋଗିତାରେ ଭାଗନେଇଥିଲେ । ତନ୍ମଧ୍ୟରୁ ଗୋପିନାଥପୁର ଟୁସୁଦଳ ପ୍ରଥମ ସ୍ଥାନ, ବର୍ଗିଡ଼ିହି ଟୁସୁଦଳ ଦ୍ୱିତୀୟ ଏବଂ ଗୋଳମୁଣ୍ଡା ଟୁସୁଦଳ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ ।ଅନ୍ୟାନ୍ୟ ଟୁସୁଦଳ କାର୍ଗିଲ ହାଟ୍ବାଦଡା,କୁଦରସାହି ଟୁସୁଦଳ, ପାଣ୍ଡରଶିଳା ଟୁସୁଦଳ,ତିଳପୋଷି ଟୁସୁଦଳ, ଡାହାଣୀମାରୀ ଟୁସୁଦଳ, ବଡବାଇକଳା ଟୁସୁଦଳ,ବନ୍ଧସାହି ଟୁସୁଦଳ, ସାମିଲ ହୋଇ



ସାନ୍ତନାମୂଳକ ପୁରସ୍କାର ଗ୍ରହଣ କରିଥିଲେ । ଚାକଦର ଟୁସୁପରବ କମିଟିର ସଂଯୋଜକ ମନୋଜ ମହାନ୍ତ ମଞ୍ଚ ପରିଚାଳନା କରିଥିବାବେଳେ ସଭାପତି ଜଗନ୍ନାଥ ଗୋପାଳ ପୁରସ୍କାର ବିତରଣୀ ସଭାର ସଭାପତିତ୍ୱ କରି ଟୁସୁ ସଂସ୍କୃତି ଉପରେ ନିଜର ମତାମତ ରଖିଥିଲେ ।ମୁଖ୍ୟବକ୍ତା ଭାବେ ଲଳିତ ମହାନ୍ତ ଯୋଗଦେଇ ଟୁସୁ ସଂସ୍କୃତି କିପରି ଗ୍ରାମାଞ୍ଚଳରେ ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖିପାରିଛି ତା ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ହଳଦା ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ସତ୍ୟବତୀ ମହାନ୍ତ ଉପସ୍ଥିତ ଥିଲେ । ଉପସଭାପତି ସନ୍ତୋଷ ଗୋପ, ସନ୍ତୋଷ କୈବର୍ତ୍ତ, ସମ୍ପାଦକ ଉତ୍ତମ ଗୋପ, ସୁମିତ ଦାସ, ରାଜେଶ ମହାନ୍ତ,ମୁକେଶ ଗୋପ, ତପନ ଗୋପ, ଅଶେଶ୍ୱର ସେଠୀ,ଆଦିତ୍ୟ ସେଠୀ, ଇତେଶ ସେଠୀ,ଅଙ୍କୁଶ ଗୋପ, ସୁକେଶ ମହାନ୍ତ,ବିଶୁ ଗୋପ, ଅସୀତ ସେଠୀ ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ବାମନଘାଟୀ ଉପଖଣ୍ଡର ସର୍ବପୁରାତନ ଟୁସୁ ମେଳା ରାଇରଙ୍ଗପୁର ବ୍ଲକ୍ର ଗୋରୁମହିଷାଣୀ ନିକଟସ୍ଥ ଜାମବଣୀ-ନାଉପଡାର ଟମକିଆ ଟୁସୁମେଳା ଆୟୋଜିତ ହୋଇଯାଇଛି ।ଟମକିଆ ନଦୀ କୂଳରେ ୧୫୦ ବର୍ଷରୁ ଅଧିକ ହେବ ଏହି ଟୁସୁମେଳା ହୋଇଆସୁଛି । ଟୁସୁମେଳା କମିଟିର ସଦସ୍ୟ ମାନେ ସମସ୍ତ କାର୍ଯ୍ୟ ତୁଲାଇଥିଲେ । ଏଥିରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲେ ।ଟୁସୁମେଳାର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବ୍ଲକ୍ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପ୍ରଥମ ପୁରସ୍କାର କୁକୁଡ଼ିମୁଣ୍ଡି ଟୁସୁ ଦଳ,ଦ୍ୱିତୀୟ କର୍ଲାବଣୀ, ତୃତୀୟ ଜାରିହିଲ୍ ଏବଂ ଅନ୍ୟ ଟୁସୁଦଳକୁ ସାନ୍ତନା ମୂଳକ ପୁରସ୍କାର ଦିଆଯାଇଥିଲା ।

## ବାଳିକା ଆତ୍ମ- ସୁରକ୍ଷା ତାଲିମ ଶିବିର ଉଦଯାପିତ



ଚିକିଟୀ ୧୭/୧(ନି.ପ୍ର): ଚିକିଟୀ ବ୍ଲକ ଅନ୍ତର୍ଗତ ଗିରିସୋଲା ରିଜନାଲ ସାଇନ୍ସ ହାଏର ସେକେଣ୍ଡାରୀ ସ୍କୁଲରେ ଗତ ଜାନୁଆରୀ ୬ ତାରିଖରୁ ଆରମ୍ଭ ହୋଇଥିବା ଆଠଦିନିଆ ବାଳିକା ଆତ୍ମ-ସୁରକ୍ଷା ତାଲିମ ଶିବିର ଗୁରୁବାର ଉଦଯାପିତ ହୋଇଯାଇଛି । କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବରେ ଗୋଳନ୍ଥରା ଥାନା ଆଇଆଇସି ବିବେକାନନ୍ଦ ସ୍ୱାଇଁ ମୂଖ୍ୟ ଅତିଥି ଭାବେ ଯୋଗଦେଇ ବାଳିକା ଆତ୍ମ-ସୁରକ୍ଷା ତାଲିମର ଗୁରୁତ୍ୱ ନେଇ ଉପସ୍ଥିତ ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ । ମହିଳା ମାନେ ଅବଳା, ଦୁର୍ବଳା ନୁହନ୍ତି, ସେମାନେ ନିଜ ସୁରକ୍ଷା ପାଇଁ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ଅଧକ୍ଷ ବିଶ୍ୱମନୁ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଉଦଯାପନୀ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ଅଧ୍ୟାପକ ଡଃ. ବିଭୁତି ଭୂଷଣ ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଇତିହାସ ବିଭାଗ ଅଧ୍ୟାପକ ଭବାନୀ ଶଙ୍କର ପଟ୍ଟନାୟକ,ରସାୟନ ବିଜ୍ଞାନ ଅଧ୍ୟାପକ ବାଦଲ ଚନ୍ଦ୍ର ଦାସ ,ଆଇଆରପିଏମ ଅଧ୍ୟାପକ ଡ଼ଃ.ଦିଲ୍ଲୀପ କୁମାର ପାଢୀ,ତାଲିମ ଶିବିର କୋଡ଼ିନେଟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ସଂଗୀତା ମହାରଣା ପ୍ରମୂଖ ଉପସ୍ଥିତ ଥିଲେ । ଗତ ୬ ତାରିଖରୁ ଚାଲିଥିବା ଏହି ଶିବିରରେ ମୋଟ ୧୪୭ ଜଣ ଛାତ୍ରୀ ଅଂଶଗ୍ରହଣ କରି ବାଳିକା ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ଶିକ୍ଷା କରିଥିଲେ । ମାଷ୍ଟର ଟ୍ରେନର ଭାବେ ରୋହିଣୀ ଖଣ୍ଡୱାଲ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ରେ ଗିରିସୋଲା ରିଜିଓନାଲ ସାଇନ୍ସ ସେକେଣ୍ଡାରୀ ସ୍କୁଲର ସମସ୍ତ କର୍ମଚାରୀ ପରିଚାଳନା ରେ ସହଯୋଗ କରିଥିଲେ । ତାଲିମ ନେଇଥିବା ଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।

## ରିଷିଡା ମଣ୍ଡିରୁ ଧାନ ଚୋରି ଏତଲା ଦେଲେ ଚାଷୀ



କର୍ଲାମୁଣ୍ଡା ୧୭/୧(ନି.ପ୍ର): କଳାହାଣ୍ଡି ଜିଲ୍ଲା ର ଚାଷୀଙ୍କ ସମସ୍ୟା ଲାଗିରହିଛି । କେତେବେଳେ ଅଭାବି ବିକ୍ରୀ ଆଉ କେତେବେଳେ ଅଦିନିଆ ବର୍ଷା କଟନିଛଟନି ଚାଷୀଙ୍କୁ ଦାଉ ସାଧୁଛି ।ଏବେ ଚାଷୀ ଧାନ ମଣ୍ଡିରେ ଧାନ ରଖିଥିବା ବେଳେ ଧାନ ବସ୍ତା ଚୋରି ହେବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏଠାରେ ପ୍ରକାଶ ଯେ କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ର ଚାଷୀ ଭରତ ରଣା ଧାନ ବିକ୍ରି ପାଇଁ ଗତ ୧୨ ତାରିଖରେ ରିଷିଡା ଧାନ ମଣ୍ଡିରେ ୧୪୬ ବସ୍ତା ଧାନ ରଖିଥିବା ବେଳେ । ମଣ୍ଡିରୁ ୧୦ ବସ୍ତା ଧାନ ଚୋରି ହୋଇଯାଇଛି ।୧୫ ତାରିଖ ବୁଧବାର ଧାନ ଉଠିବା ବେଳକୁ ଗଣତି ବେଳେ ଦଶବସ୍ତା ଧାନ ଚୋରି ହୋଇଥିବା ଚାଷୀ ଜାଣି ପାରି ଏସଂପର୍କରେ ଚାଷୀ ଭରତ ରଣା ରିଷିଡା ପୋଲିସ ଫାଣ୍ଡିରେ ଏତଲା ଦେଇଛନ୍ତି । ପୋଲିସ ଘଟଣାକୁ ତଦନ୍ତ କରୁଥିବାବେଳେ । କର୍ଲାମୁଣ୍ଡା ତହସିଲ ଦାର ଅରୁଣ ବର୍ଗେ ଘଟଣା ସମ୍ପର୍କରେ ପଚାରିବାରୁ ଧାନ ମଣ୍ଡିରେ ସିସିଟିଭି ଲାଗିଛି ।ଏହା ତଦନ୍ତ କରିବା ପାଇଁ ଉପରୋକ୍ତ ଅଧିକାରୀ ମାନଙ୍କୁ ଜଣାଇଛି । ଅନ୍ୟପକ୍ଷରେ ଏମ୍ ଆଇ ସ୍ମୃତି ରଞ୍ଜନ ଜେନା କହିଛନ୍ତି । ମଣ୍ଡି ବିଭାଗ ରେ ଯେଉଁ ମାନେ ଦାୟିତ୍ୱ ରେ ଅଛନ୍ତି ।ତାଙ୍କ ତୃଟି ମଧ୍ୟ ଥାଇପାରେ ତାହା ତଦନ୍ତ ରେ ଜଣା ପଡ଼ିବ କହିଲେ ।ଏପଟେ ରିଷିଡା ଧାନ ମଣ୍ଡିରୁ ଧାନ ଚୋରି ହେବା ଘଟଣା ଜାଣି ଚାଷୀ ମହଲରେ ଅସନ୍ତୋଷ ବଢୁଛି ।ଏପଟେ ସିସିଟିଭି କ୍ୟାମେରା ଭରସା ରେ ନ ରହି ଚାଷୀମାନେ ରାତିଦିନ ଯୋଗୁଁ ଥିବା ଦେଖିବାକୁ ମିଳୁଛି ।

## ପରକିୟା ପ୍ରୀତି ର କରୁଣ ପରିଣତି, ଘରୁ ଡାକି ଯୁବକ କୁ ହତ୍ୟା କରିଥିବା ଦୁଇ ଭାଇ ଗିରଫ

ପାଟଣା ୧୭/୧(ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଢେଙ୍କିକୋଟ ପୁଲିସ ବିଟ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ଗ୍ରାମପଞ୍ଚାୟତ ପାଣପଶି ଗ୍ରାମରେ ଗତ ୧୩ ତାରିଖ ରାତିରେ ପରକିୟା ପ୍ରୀତି ରୁ ଗ୍ରାମ ର ସୁବ୍ରତ କୁମାର ମହାକୁଡ଼ (୨୬)କୁ ଗ୍ରାମ ର ପ୍ରଶାନ୍ତ ନାଏକ ଏବଂ ତାର ସାନ ଭାଇ ଅଜୟ ନାଏକ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ପୁଲିସ ଘଟଣା ର ତଦନ୍ତ କରି ଉଭୟ ଙ୍କୁ ଗିରଫ କରିଛି । ଘଟଣା ରୁ ଜଣା ପଡିଛି ଯେ ସୁବ୍ରତ କୁମାର ମହାକୁଡ଼ ର ପ୍ରଶାନ୍ତ ନାଏକ ଙ୍କ ପତ୍ନୀ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଏ ସମ୍ପର୍କ ରେ ପ୍ରଶାନ୍ତ ଜାଣିବା ପରେ ସେ ସୁବ୍ରତ କୁ ଡାକି ବାରଣ କରିଥିଲା । ଏପରିକି ବାରମ୍ବାର ବାରଣ କରିବା ସତ୍ୱେ ଉଭୟ ଙ୍କ ପ୍ରେମ ସମ୍ପର୍କ ବଢି ବଢି ଚାଲିଥିଲା । ସୁବ୍ରତ ସହିତ ପ୍ରଶାନ୍ତ ର ଝଗଡା ମଧ୍ୟ ବହୁବାର ହୋଇଥିଲା । ସୁବ୍ରତ ନ ମାନିବାରୁ ପ୍ରଶାନ୍ତ ସୁବ୍ରତ କୁ ସବୁ ଦିନ ପାଇଁ ରାସ୍ତା ରୁ ହଟାଇବା ପାଇଁ ଯୋଜନା କରିଥିଲା ଏବଂ ଗତ ୧୩ ତାରିଖ ରାତିରେ ସୁବ୍ରତ ଶୋଇଥିବା ବେଳେ ତାକୁ ଫୋନ କରି ଝଗଡା କରି ଉତ୍ୟକ୍ତ କରିଥିଲା ଏଠାକୁ ଆସ କିପରି ହାଣିବୁ କହି ଡାକିଥିଲା । ସୁବ୍ରତ ରାଗ ଜରଜର ହୋଇ ପ୍ରଶାନ୍ତ ଘର ନିକଟକୁ ଯାଇଥିବା ବେଳେ ଯୋଜନା ବଦ୍ଧ ଭାବେ ପ୍ରଶାନ୍ତ ଓ ତାର ସାନ ଭାଇ ଅଜୟ ଟାଙ୍ଗିଆ ଏବଂ ଲୁହା ପାଇପ ଧରି ସୁବ୍ରତ କୁ ଜୀବନରୁ ମାରି ଦେବା ପାଇଁ ପ୍ରସ୍ତୁତ ହୋଇଥିଲେ । ସୁବ୍ରତ ପହଞ୍ଚିବାକ୍ଷଣି ତା ସହିତ ପାଟି ତୁଣ୍ଡ କରିବା ସହିତ ଅନ୍ଧାର ର ସୁଯୋଗ ରେ ତାର ମୁଣ୍ଡ ବେକ କୁ ବାରମ୍ବାର ଚୋଟ ପରେ ଚୋଟ ହାଣି ତଳେ ପକାଇ ଦେଇଥିଲେ ।ଏବଂ ଲୁହା ପାଇପ ରେ ମୁଣ୍ଡ କୁ ମାରି ଫଟାଇ ଦେଇଥିଲେ । ପରେ ରାସ୍ତା କଡ଼ରେ ଫିଙ୍ଗି ଦେଇଥିଲେ । ଘଟଗାଁ ଥାନା ଆଇ.ଆଇ.ସି ଶୁଭ୍ରାନ୍ତ କୁମାର ଜେନା ଘଟଣା ର ତଦନ୍ତ କରି ଥାନା କେସ ନମ୍ବର ୨୫/୨୦୨୫ ରେ ନରହତ୍ୟା ମାମଲା କରି ଗତ ୧୪ ତାରିଖ ଦୁଇ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କଠାରୁ ହତ୍ୟା ରେ ବ୍ୟବହୃତ ଟାଙ୍ଗିଆ ଏବଂ ଲୁହା ପାଇପ ଜବତ କରାଯାଇଛି ।

## ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା

ପାଟଣା ୧୭/୧(ନି.ପ୍ର): ପାଟଣା ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା ୨୦୨୫ ସୋମବାର ଅନୁଷ୍ଠିତ ହୋଇ ଯାଇଛି ।ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ ସହ ଶିକ୍ଷା ଅଧିକାରୀ ବିଜୟ କୁମାର ଓଝା ଙ୍କ ସହ ବିଦ୍ୟାଳୟ ର ମୁଖ୍ୟ ଅଜୟ କୁମାର ଦାଶ, ସମ୍ପାଦକ ଅବିନାଶ ଦାଶ, ଅଧ୍ୟକ୍ଷ ଗଣେଶ ପ୍ରସାଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ରେ ସାମିଲ ଥିବା ବେଳେ ବିଚାରକ ଭାବେ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ର ସର୍ବଶ୍ରୀ ରଜତ କୁମାର ଦାଶ, ଅମିତ କୁମାର ଦାଶ ଓ ଶୁଭ୍ରାଂଶୁ ଶେଖର ଦାଶ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ଙ୍କ ବିଜ୍ଞାନ ପ୍ରକଳ୍ପ ର ମୂଲ୍ୟାଙ୍କନ କରିଥିଲେ । ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ, ସସ୍ମିତା ମହାନ୍ତ, ରିମା ରଣା, ରାଜଶ୍ରୀ ସାହୁ,ଦୀପ୍ତିମୟୀ ପତି, ବବିତା ବାରିକ,ଭୁବନ ସୁନ୍ଦର ମୁଦି,ଲିପିକା ମଞ୍ଜରୀ ମହାନ୍ତ, ନୃସିଂହ ଚରଣ ଦାସ,ଧରଣୀଧର ମହାନ୍ତ,ଅଜୟ କୁମାର ନାୟକ, ଶ୍ରଦ୍ଧାଅଞ୍ଜଳୀ ଦାସ,ହୁସନାରୀ ପରବିନ, ଈଶ୍ୱର ଚନ୍ଦ୍ର ବେହେରା,ହୈମବତୀ ମହାନ୍ତ, ସବିତା ବାନରା, ଅଶ୍ୱିନୀ ଜେନା, ଓ ମନୋପ୍ରଭା ଦାସ ପ୍ରମୁଖ ବିଜ୍ଞାନ ମେଳା ପରିଚାଳନା କରିଥିବାବେଳେ ମୋଟ ୯୦ ଟି ବିଜ୍ଞାନ ପ୍ରକଳ୍ପ ମେଳାରେ ସ୍ଥାନ ପାଇଥିଲା ।କୃତି ପ୍ରତିଯୋଗୀ ମାନଙ୍କୁ ବିଦ୍ୟାଳୟ ର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଜଣାପଡିଛି ।

# ଓବିସି ବର୍ଗଙ୍କୁ ସଂରକ୍ଷଣ ପ୍ରଦାନ ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ : ସୁରଥ ବିଶ୍ୱାଳ

ଭୁବନେଶ୍ୱର, ତା.୧୭/୦୧: ରାଜ୍ୟର ପଛୁଆ ବର୍ଗଙ୍କ ସାମ୍ବିଧାନିକ ଅଧିକାରର ସଂରକ୍ଷଣ ପାଇଁ ଓଡିଶା ଗସ୍ତରେ ଥିବା ପଛୁଆ ବର୍ଗ ମଙ୍ଗଳ ପାଇଁ ଗଠିତ ସଂସଦୀୟ କମିଟିକୁ ଭେଟି ବିସ୍ତୃତ ଆଲୋଚନା କରିଛି ଓବିସି ମୋର୍ଚ୍ଚା ପ୍ରତିନିଧି ଦଳ । କମିଟିର ଅଧ୍ୟକ୍ଷ ତଥା ସାଂସଦ ଶ୍ରୀ ଗଣେଷ ସିଂହଙ୍କୁ ଭେଟି ଆଲୋଚନା ପରେ ସୁଚନା ଦେଇ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସୁରଥ ବିଶ୍ୱାଳ କହିଛନ୍ତି ଯେ, ରାଜ୍ୟର ଓବିସି ବର୍ଗଙ୍କ ସମସ୍ୟା ସଂପର୍କରେ କମିଟି ସହ ବିସ୍ତୃତ ଆଲୋଚନା କରାଯାଇଛି । ଓବିସି ବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମସ୍ତ ପ୍ରକାରର ସହଯୋଗ କରାଯିବ ବୋଲି କମିଟି ଅଧ୍ୟକ୍ଷ ଶ୍ରୀ ସିଂହ ପ୍ରତିଶୃତି ଦେଇଛନ୍ତି । ଗଣମାଧ୍ୟମକୁ ସୁଚନା ଦେଇ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ମଣ୍ଡଳ କମିଶନ ସୁପାରିଶର ଦୀର୍ଘ ବର୍ଷ ପରେ ବି ପଛୁଆ ବର୍ଗ




ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ ଅଛନ୍ତି । ବିଶେଷ ଭାବେ ୨୪ ବର୍ଷ ବିଜେଡି ସରକାରରେ ଓବିସି ବର୍ଗ ସବୁଠୁ ଅଧିକ ପ୍ରତାରିତ ହୋଇଛନ୍ତି । ବ୍ୟବସ୍ଥା ଅନୁଯାୟୀ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ପୂର୍ବ ସରକାର ସଂରକ୍ଷଣ ପ୍ରଦାନ ନକରି ପ୍ରତାରଣା କରିଛନ୍ତି । ଏଥି ସହ ପଂଚାୟତ ଓ ପୌର ନିର୍ବାଚନରେ ମଧ୍ୟ ସଂରକ୍ଷଣକୁ ବିଜେଡି ସରକାର ଉଚ୍ଛେଦ କରିଦେଲେ । ବାର ମ୍ବାର ଦାବୀ ସତ୍ୱେ ପୂର୍ବର ନବୀନ ସରକାର କର୍ଣ୍ଣପାତ କଲେ ନାହିଁ । ଓବିସି ବର୍ଗଙ୍କ ସ୍ୱାର୍ଥ ରକ୍ଷା ପାଇଁ କୋର୍ଟରେ ଓକିଲ ଦେଲେ ନାହିଁ । ମିଛ ସର୍ଭେ କରି ଲୋକଙ୍କୁ କେବଳ ଭୁଆଁ ବୁଲାଇବା ରାଜନୀତି କରିଥିଲା ପୂର୍ବର ବିଜେଡି ସରକାର । ବହୁ ଆକାଂକ୍ଷୀ ବିଶ୍ୱକର୍ମା ଯୋଜନାର କାର୍ଯ୍ୟକାରିତାରେ ନିର୍ବାଚିତ ସରପଂଚଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଅଧିକାଂଶ ସରପଂଚ ବିଜେଡି ସମର୍ଥିତ ହୋଇଥିବା କାରଣରୁ ଲକ୍ଷ ଲକ୍ଷ ହିତାଧିକାରୀ ସୁବିଧା ପାଇବାରୁ ବଂଚିତ ହୋଇଛନ୍ତି । ଏ ସମସ୍ତ ପ୍ରସଙ୍ଗରେ କମିଟି ସହ ଆଲୋଚନା କରାଯାଇଛି । ଅନ୍ୟ ପକ୍ଷରେ ଦୀର୍ଘ ୨୪ ବର୍ଷ ଶାସନରେ ରହିବା ପରେ ଓବିସି ବର୍ଗଙ୍କ ପାଇଁ କିଛି କରିନଥିବାରୁ ବିଜେଡି ଦାବୀର କୌଣସି ଯଥାର୍ଥତା ନାହିଁ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ରାଜ୍ୟରେ ବର୍ତ୍ତମାନ ବିଜେପିର ଡବଲ ଇଂଜିନ ସରକାର । ନିର୍ବାଚନୀ ପ୍ରତିଶୃତି ଅନୁସାରେ ଓବିସି ବର୍ଗଙ୍କୁ ସଂରକ୍ଷଣ ପ୍ରଦାନ ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ

ବେଲଗୁଣ୍ଠା୧୭/୧(ନି.ପ୍ର): ବେଲଗୁଣ୍ଠା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷା ଡ଼ଃ ସଂଯୁକ୍ତା ପଣ୍ଡାଙ୍କ ସଭାପତିତ୍ୱରେ ଛାତ୍ରୀ ମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ବିପିନ ବିହାରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦ୍ୱୀପ ପ୍ରଜ୍ବଳନ କରି ଶୁଭାରମ୍ଭ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଭି. ଦେବୀପ୍ରସାଦ ପାତ୍ର ଯୋଗଦେଇ ଉତ୍ତମ କୌଶଳ ଲାଭ କରିଥିବା ଛାତ୍ରୀମାନଙ୍କୁ ପଦକ ଦେଇ ସମ୍ମାନିତ କରିଥିଲେ । ପ୍ରଶିକ୍ଷିକା ସୁଶ୍ରୀ ଇତିଶ୍ରୀ ସ୍ୱାଇଁ ଛାତ୍ରୀ ମାନଙ୍କୁ ଉଚ୍ଚ କୋଟିର ପ୍ରଶିକ୍ଷଣ ଦେଇଥିବାରୁ ଅତିଥି ମାନଙ୍କ ଦ୍ୱାରା ଉପଢୌକନ ଦେଇ ସମ୍ମାନିତ ହୋଇଥିଲେ । ଅନୁଷ୍ଠାନର ବରିଷ୍ଠ କିରାଣୀ ପ୍ରମୋଦ କୁମାର ପ୍ରଧାନ ଛାତ୍ରୀ ମାନଙ୍କୁ ଉଦବୋଧନ ଦେବା ସହ ସମସ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଏହି ଶିବିରରେ ପ୍ରାୟ ଏକଶହ ରୁ ଉର୍ଦ୍ଧ ଛାତ୍ରୀ ପ୍ରଶିକ୍ଷଣରେ ଯୋଗଦେଇଥିଲେ । ସଂଯୋଜିକା ଡ଼ି. କୁମାରୀ ସଂଗୀତା ବିନ୍ଧାଣିରା ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବାରୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ । ପ୍ରମିଳା ଶିଅ, ଶତ୍ରୁଘ୍ନ ବିଷୋୟୀ, ରୁବିନା ପରିଡା, ମୁରଲୀଧର ପାତ୍ର, ରାଜେନ୍ଦ୍ର ନାରାୟଣ ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଶେଷରେ ସଂଯୋଜିକା ଶ୍ରୀମତୀ ବିନ୍ଧାଣିରା ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଲଗୁଣ୍ଠା ବଣିକ ସଂଘ କର୍ମକର୍ତ୍ତା ଚୟନ; କାଏମ୍ ରହିଲେ ପୂର୍ବତନ କର୍ମକର୍ତ୍ତା ମଣ୍ଡଳୀ

ବେଲଗୁଣ୍ଠା ୧୭/୧(ନି.ପ୍ର): ଆଜି ବେଲଗୁଣ୍ଠା ବଣିକ ସଂଘର ୨୦୨୫/୨୬ ବର୍ଷ ପାଇଁ ନୁତନ କର୍ମକର୍ତ୍ତା ଚୟନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସର୍ବସମ୍ମତି କ୍ରମେ ଗତ ବର୍ଷର କର୍ମକର୍ତ୍ତା ମଣ୍ଡଳୀଙ୍କୁ କାଏମ୍ ରଖାଯାଇଛି ଓ ଏହି ଅବସରରେ ସଭାପତି ରୂପେ ସନତ୍ କୁମାର ସୁବୁଦ୍ଧି,ଉପସଭାପତି ରୂପେ ସୂର୍ଯ୍ୟନାରାୟଣ ତ୍ରିପାଠୀ, ସମ୍ପାଦକ ସୁଦାମ କୁମାର ତ୍ରିପାଠୀ,ସହସମ୍ପାଦକ ରୂପେ ସନ୍ତୋଷ କୁମାର ମହାରଣା, କୋଷାଧକ୍ଷ ଗୁଣ୍ଡିଚା କୁମାର ବେହେରା, ଉପଦେଷ୍ଟା ରୂପେ ପ୍ରଶାନ୍ତ ସାହୁ ନିଜ ନିଜର ପୂର୍ବ ପଦବୀ ବଜାୟ ରଖିଛନ୍ତି ଓ ବୈଠକରେ ଗ୍ରାହକଙ୍କ ସହିତ ଉତ୍ତମ ଆଚ଼ରଣ,ଠକେଇ ଓ କଳା ବଜାରୀ ରୋକିବା ଏବଂ ପଲିଥିନ୍ ବ୍ୟବହାରକୁ ନିଷେଧ କରି ସହରରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ଆଲୋଚନା କରାଯାଇଥିଲା ।

# ମାହାଙ୍ଗା ବିଜେପି ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ସମ୍ବର୍ଦ୍ଧିତ



ନିଶ୍ଚିନ୍ତକୋଇଲି /ମାହାଙ୍ଗା ୧୭/୧(ନି.ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନରେ ସମୁଦାୟ ୩୬ ଜଣ ବରିଷ୍ଠ ନାଗରିକ ମହିଳା ଓ ପୁରୁଷ ସିରିଡି-ନାସିକ ଗ୍ରସ୍ତରେ ଯାଉଛନ୍ତି । ସେଥିପାଇଁ ମାହାଙ୍ଗା ବିଜେପି ନେତା ଶ୍ରୀ ସୁମନ୍ତ କୁମାର ଘଡେଇ ସମସ୍ତ ତୀର୍ଥଯାତ୍ରୀମାନଙ୍କୁ ନିଶ୍ଚିନ୍ତକୋଇଲି ବିଜେପି ଦଳୀୟ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିବା ସହିତ ଭ୍ରମଣ କିଟ୍ ପ୍ରଦାନ କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ସୁରକ୍ଷିତ ଯାତ୍ରା ଓ ସୁଖଦ ଗ୍ରସ୍ତ ନିମନ୍ତେ ରାଜ୍ୟ ସରକାର ଦୁଇଟି ପର୍ଯ୍ୟାୟରେ ନାସିକ ସିରିଡି, ଅଯୋଧ୍ୟା, ବାରଣାସି ଗ୍ରସ୍ତ କରିବା ପାଇଁ ବ୍ୟବସ୍ଥା କରିଛନ୍ତି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଗରିବ ଲୋକମାନେ କିଭଳି ତାଙ୍କର ଅଭିଳାସ ତୀର୍ଥ ସ୍ଥାନକୁ ଭ୍ରମଣ କରିପାରିବେ ତାହାର ଦାୟିତ୍ୱ ରାଜ୍ୟରେ ମୋହନ ସରକାର ନେଇଛନ୍ତି । ସର୍ବାଧିକ ବ୍ୟକ୍ତି କିଭଳି ଏହାର ସୁବିଧା ନେଇପାରିବେ ସେ ନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ସର୍ବଦା ଚେଷ୍ଟିତ ଅଛନ୍ତି ବୋଲି ମାହାଙ୍ଗା ବିଜେପି ନେତା ସୁମନ୍ତ କୁମାର ଘଡେଇ କହିଛନ୍ତି । ଏହି ସମ୍ବର୍ଦ୍ଧନା ଓ କିଟ୍ ପ୍ରଦାନ କାର୍ଯ୍ୟକ୍ରମରେ ବିଜେପି ଯୁବ କାର୍ଯ୍ୟକର୍ତ୍ତା ମଳୟ କୁମାର ଘଡାଇ, ହରପ୍ରସାଦ ପୃଷ୍ଟି, ବିକାଶ ସ୍ୱାଇଁ, କୁଳମଣି ରାଉତ, ଅଶିତ୍ ମହାନ୍ତି ,ପ୍ରଣବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଛଅ ମାସର ଗର୍ଭବତୀ ପତ୍ନୀଙ୍କ ବେକ କାଟିଲା ସ୍ୱାମୀ

ପାତ୍ରପୁର, ୧୭/୧(ନି.ପ୍ର):ବ୍ରହ୍ମପୁର ପୋଲିସ ଜିଲ୍ଲା ଜରଡା ଥାନା ଅଧୀନରେ ଥିବା ସାମନ୍ତିଆପଲ୍ଲୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡକେରି ଗ୍ରାମରେ ଘଟିଛି ଏପରି ଏକ ଅଭାବନୀୟ ଘଟଣା ଛଅ ମାସ ଗର୍ଭବତୀ ପତ୍ନୀଙ୍କ ବେକ କାଟିଲା ସ୍ୱାମୀ ଅନନ୍ତ ବେହେରା। ଗୁରୁତର ଆହତ ମହିଳା ଜଣକ ହେଲେ ମୁଣକେରି ଗ୍ରାମର ପମିତା ବେହେରା (୨୨) ବୋଲି ଜଣାପଡ଼ିଛି। ସ୍ୱାମୀ ସ୍ତ୍ରୀ ଦୁହେଁ ଘରେ ଖାଇ ବସିଥିବା ବେଳେ ସାମାନ୍ୟ କଥାକୁ ନେଇ ସ୍ୱାମୀ ଅନନ୍ତ ବେହେରା ଉତ୍ୟକ୍ତ ହୋଇ ଛଅ ମାସ ଗର୍ଭବତୀ ପତ୍ନୀଙ୍କ ବେକକୁ ଧାନ କଟା ଦାରେ କାଟିଥିବା ଜଣାପଡ଼ିଛି।ତୁରନ୍ତ ପରିବାର ଲୋକ ଆହତ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରି ନିକଟସ୍ଥ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୦୮ ମାଧ୍ୟମରେ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଉକ୍ତ ମହିଳା ଜଣକ ଅଧିକ ଗୁରୁତର ଆହାତ ହୋଇଥିବା ଯୋଗୁଁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିବା ପାଇଁ ପରାମର୍ଶ ଦେଇଥିଲେ।ଆହତ ମହିଳାଙ୍କ ଭାଇ ତୁରନ୍ତ ଉକ୍ତ ଘଟଣା ବିଷୟରେ ଫୋନ ମାଧ୍ୟମରେ ଯୋଗାଯୋଗ କରିବା ପରେ ଜରଡା ଥାନା ପୋଲିସ ପାତ୍ରପୁର ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଅଭିଯୁକ୍ତ ଅନନ୍ତ ବେହେରାଙ୍କୁ ଅଟକ ରଖିଥିବା ନେଇ ଜରଡା ଥାନା ଅଧିକାରୀ ଚୁନା ସାସମଲ ସୂଚନା ପ୍ରଦାନ କରିଛନ୍ତି।

# ଡକାୟତି ମାମଲାରେ ଜଣେ ଗିରଫ,କୋର୍ଟ ଚାଲାଣ

ବୌଦ୍ଧ,୧୭/୧(ନି.ପ୍ର)::ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମର ମହେଶ ବାରିକକୁ ଏକ ଡକାୟତି ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛି ବାଉଁଶୁଣି ପୋଲିସ୍। ମିଳିଥିବା ସୂଚନା ଅନୁଯାୟୀ ବାଉଁଶୁଣି ଥାନା ଅନ୍ତର୍ଗତ ବୈଦ୍ୟନାଥପୁର ଗ୍ରାମର ନନ୍ଦମଣି ମେହେରଙ୍କ ନାମରେ ଥିବା ଏକ ବୋଲେରୋ ପିକଅପକୁ ଗୋଛପଡ଼ା ଗ୍ରାମର ଟଙ୍କଧର ମାଝୀ ଜଣେ ଡ୍ରାଇଭର ଭାବରେ ଗାଡ଼ି ଚଳାନ୍ତି। ଗତ ୮ ତାରିଖ ଦିନ ଡ୍ରାଇଭର ଟଙ୍କଧର ମାଝୀ ତାଲପଡ଼ା ଗ୍ରାମକୁ ଭଡ଼ାରେ ଯାଇ ଫେରୁଥିବା ବେଳେ ଖଜାପଦର କେନାଲ ବ୍ରିଜ୍ ନିକଟରୁ ହଠାତ୍ ଝାରମୁଣ୍ଡା ଗ୍ରାମର ମହେଶ ବାରିକ ସହ ଦୁଇଜଣ ଯୁବକ ଆସି ଡ୍ରାଇଭରକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଗାଡ଼ିରୁ ଡ୍ରାଇଭର ଟଙ୍କଧରକୁ ତଡିଦେଇ ଗାଡ଼ି ନେଇ ଫେରାର୍ ହୋଇଥିଲେ। ଏନେଇ ବାଉଁଶୁଣି ଥାନାରେ ଡ୍ରାଇଭର ଅଭିଯୋଗ କରିବା ପରେ ପୋଲିସ୍ ଏକ ମାମଲା ରୁଜୁ କରି ଝାରମୁଣ୍ଡ ଗ୍ରାମର ମହେଶ ବାରିକକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିବା ସହ ତାଙ୍କ ନିକଟରୁ ବୋଲେରୋ ପିକଅପକୁ ଉଦ୍ଧାର କରିଛି ପୋଲିସ୍। ପୂର୍ବରୁ ମଧ୍ୟ ଏହି ବ୍ୟକ୍ତି ଜଣକ ଅନେକ ସମୟରେ ଲୋକଙ୍କୁ ଧମକ ଚମକ୍ ଦେବା ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ତେବେ କାହା ବଳରେ ସେ ଏତେ ବଳୀୟାନ ଓ ତାଙ୍କ ପଛରେ କୌଣସି ଏକ ନିର୍ଦ୍ଦିଷ୍ଟ ଦଳର ପ୍ରଭାବଶାଳୀ ବ୍ୟକ୍ତି ଙ୍କ ହାତ ଥିବା ସାଧାରଣ ରେ ଚର୍ଚ୍ଚା ହେଉଛି ।

# କୋରାପୁଟ ଜିଲ୍ଲା ବିଜେପି ସଭାପତି ରେସରେ ଇଂ. ଗଣେଶ ବେହେରାଙ୍କ ନାମ ଚର୍ଚ୍ଚାରେ

କୋରାପୁଟ : ଆଗାମୀ ଦିନରେ କୋରାପୁଟ ଜିଲାର ନୂତନ ବିଜେପି ଜିଲ୍ଲା ସଭାପତିର ଚୟନ ହେବାକୁ ଯାଉଛି । ଏହି ରେଷରେ ଆଗ ଧାଡ଼ିରେ ଅଛନ୍ତି ଇଂ.ଗଣେଶ ବେହେରା,ଶ୍ରୀ ଅରୁଣ ଭଟ ମିଶ୍ର, ଶ୍ରୀ ସୁଧାଂଶୁ ଶେଖର ଜେନା, ରାମେଶ୍ୱର ଜେନା ଏବଂ ଅନ୍ୟ ମାନେ । କୋରାପୁଟ ଜିଲ୍ଲାର ୧୪ ବ୍ଲକର ବରିଷ୍ଠ ଏବଂ ପୁରୁଣା କାର୍ଯ୍ୟକର୍ତାଙ୍କ କହିବା ଅନୁସାରେ କୋରାପୁଟ ଜିଲ୍ଲାର ମଙ୍ଗ ସେ ଲୋକ ହାତରେ ଦେବା ଦରକାର ଯେଉଁ ଲୋକ କେବଳ ବଜେପି ର ହିଁ ନିଷ୍ଠାପର କାର୍ଯ୍ୟକର୍ତା ହୋଇଥିବ,ତାର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଅନ୍ୟ କୌଣସି ଦଳ ସହ ଯଥା.-କଂଗ୍ରେସ ଏବଂ ବିଜେଡି ସହ କୌଣସି ସମ୍ପର୍କ ନଥିବ ସେ ଏବଂ ତାର ପରିବାରର କୌଣସି ଅନ୍ୟ ଦଳ ସହ ସମ୍ପର୍କ ନଥିବ କିମ୍ବା ସେ ଅନ୍ୟ ଦଳରୁ ଆସି ବିଜେପିରେ ଯୋଗ ଦେଇ ନଥିବ,ସେ ବ୍ୟକ୍ତି ବିଜେଡି ଓ କଂଗ୍ରେସ ସହିତ ଆଖିରେ ଆଖି ମିଶାଇ ଜବାବ ଦେବାର ସକ୍ଷମ ଥିବ । ଯଦି ବରିଷ୍ଠ କାର୍ଯ୍ୟକର୍ତା ମାନଙ୍କର କଥାକୁ ଧରା ଯାଏଁ ତା ହେଲେ ଏ ସବୁ ଜିନିଷରେ ଜଣେ ହିଁ ବରିଷ୍ଠ ବିଜେପି କାର୍ଯ୍ୟକର୍ତାକର ନଜରରେ ଆସୁଛନ୍ତି । ସେ ଜଣେ ଉଚ୍ଚଶିକ୍ଷିତ ଇଞ୍ଜିନିଅର ମଧ୍ୟରେ ବିଜେପିର ରାଜ୍ୟ ଯୁଥ ଉପ ସଭାପତି ଥିଲେ । ଯିଏ ପଚିଶ ବର୍ଷରୁ ଉର୍ଦ୍ଧ ଧରି କେବଳ ବିଜେପି ପାର୍ଟି ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି । ଯାହାର ପରିବାର ସମ୍ପୂର୍ଣ ଆରଏସଏସ ପରିବାର, ସେ ହେଉଛନ୍ତି କଟର ବାଦୀ ହିନ୍ଦୁ ବିଜେପି କାର୍ଯ୍ୟକର୍ତା ଇଂ ଗଣେଶ



ବେହେରା । ଇଂ ଗଣେଶ ବେହେରାଙ୍କୁ ଜିଲ୍ଲା ଏବଂ ରାଜ୍ୟରେ ସମସ୍ତେ ଜାଣନ୍ତି ସେ ଜଣେ ଦକ୍ଷ ବିଜେପି କାର୍ଯ୍ୟକର୍ତା । ଦେଖାଯାଉ ଆଗକୁ ବିଜେପି ପାର୍ଟି କୋରାପୁଟ ଜିଲ୍ଲାର ଦାୟିତ୍ୱ କାହା ହାତରେ ଦେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାମ୍ବାଦିକ ମାନଙ୍କ ସହିତ ସାମିଲ ହେଲା ସରପଞ୍ଚ ସଂଘ

ତୁଷୁରା, ୧୭/୧(ନି.ପ୍ର):ଟିଟିଲାଗଡ଼ ଠାରେ ବୁଧୁବାର ଦିନ ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିର ମୃତ୍ୟୁ ଘଟିବା ପରେ ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ପଚାରିବାକୁ ଯାଇଥିଲେ ସାମ୍ବାଦିକ ମାନେ ଖୋଲାନ ଗାଁ କୁ। କାରଣ ହେଉଛି ଯେ ଟିପିଡବ୍ଲୁଓଡିଏଲ ଅଧିକାରୀ ଓ କର୍ମଚାରୀଙ୍କ ଏକ ବଣଭୋଜି ଆୟୋଜନ୍ କରାଯାଇଛି ଯେଉଁ ଠାରେ ସବୁ ଅଧିକାରୀ ଉପସ୍ଥିତ ଅଛନ୍ତି ବୋଲି ଜାଣିବାକୁ ପାଇ ସେହି ସ୍ଥାନକୁ ଯାଇ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଯିବା ବେଳେ କଣ୍ଟାବାଞ୍ଜି ଏସଡିଓ ଜଗନ୍ନାଥ ପତି ସାମ୍ବାଦିକ ମାନଙ୍କୁ ମାଡ ମାରିବା ଭିଡିଓ ହସ୍ତଗତ ହୋଇଥିଲା ।ଏ ନେଇ ଦୋଷୀ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଟିଟିଲାଗଡ଼ ଥାନା ଲିଖିତ ଅଭିଯୋଗ ହୋଇଥିଲା ।ପରେ ଅଭିଯୁକ୍ତ ଏସଡିଓ ଏବଂ ତାଙ୍କ ସହଯୋଗୀ କୁ ଟିଟିଲାଗଡ଼ ପୋଲିସ ଗୁରୁବାର ଗିରଫ କରିଥିଲା। କିନ୍ତୁ ଅନ୍ୟ ଅଭିଯୁକ୍ତ ମାନଙ୍କୁ ବି ଗିରଫ କରିବା ପାଇଁ ଟିଟିଲାଗଡ଼ ଥାନା ସମ୍ମୁଖରେ ସାମ୍ବାଦିକ ସଙ୍ଘର ଧାରଣା ଦିଆଯାଇଛି। ଏହାକୁ ସମର୍ଥନ ଜଣାଇ ସରପଞ୍ଚ ସଙ୍ଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀ ବୀରବର ସାହୁ, ଆଓରା ସାମ୍ବାଦିକ ସଂଘ ଏବଂ ଓୟୁଜେ ସଂଘ ଜିଲ୍ଲା ସଭାପତି ଶ୍ରୀ ବଦ୍ରି ମିଶ୍ର ଧାରଣାରେ ବସିଛନ୍ତି। ଉପଯୁକ୍ତ ଦଣ୍ଡ ବିଧାନ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଗର୍ଭବତୀ ମହିଳା ମାନଙ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ତୁଷୁରା, ୧୭/୧(ନି.ପ୍ର): ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଅବସରରେ ଗୁଡଭେଲା ସ୍ଥିତ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଠାରେ ରେ ଅଧିକ ବିପଦପୂର୍ଣ ଗର୍ଭବତୀ ମହିଳା, ପୌଷ୍ଟିକତା ଅଭାବ, ରକ୍ତହୀନତା ଥିବା ୫୮ ଜଣ ଗର୍ଭବତୀ ମହିଳା ନିଜ ନିଜ ର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କାର୍ଯ୍ୟକ୍ରମରେ ଗୁଡଭେଲା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ଚିକିତ୍ସା ଅଧିକାରୀ ଡ. ସୁରଜ ବେହେରା, ଡ଼. ଜିତେନ୍ଦ୍ର ପ୍ରଧାନ, ଡ. ଈପ୍ସିତା ବେହେରା ଉପସ୍ଥିତ ରହି ଶିବିର କୁ ପରିଚାଳନା କରିଥିଲେ। ମହାଶକ୍ତି ଫାଉଣ୍ଡେସନ ତରଫରୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଜ୍ଞାନରାଣୀ ବାରିକ ଓ ସମ୍ମାନିତ ଶିଶୁ ବିକାଶ ପ୍ରକଳ୍ପ, ଗୁଡଭେଲା ଠାରୁ ୨ଜଣ ସୁପରଭାଇଜର କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ଆସିଥିବା ଗର୍ଭବତୀ ମହିଳା ମାନଙ୍କୁ



ଗର୍ଭାବସ୍ଥା ପୋଷଣ ଯୁକ୍ତ ଖାଦ୍ୟ ଖାଇବା ବିଷୟରେ ବୁଝାଇ ଥିଲେ ଓ ପ୍ରଦର୍ଶିତ ହୋଇଥିବା ବିଭିନ୍ନ ଖାଦ୍ୟ ପଦାର୍ଥ ର ଉପକାରିତା ବିଷୟରେ ବୁଝାଇ ଥିଲେ। ଉକ୍ତ ସ୍ୱାସ୍ଥ ଶିବିର ଟିକୁ ଏଲ.ଟି.ଆଇ.ମାଇଣ୍ଡ ଟ୍ରି ଫାଉଣ୍ଡେସନ, ମହାଶକ୍ତି ଫାଉଣ୍ଡେସନ ଓ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ମିଳିତ ସହଯୋଗ ରେ ଆୟୋଜନ କରାଯାଇଥିଲା। ମହାଶକ୍ତି ଫାଉଣ୍ଡେସନ ର ବ୍ଲକ ସଂଯୋଜକ ଶ୍ରୀ ଧର୍ମ ସାଗର ପଧାନ ଓ ପ୍ରକଳ୍ପ ର ସିଆରପି ମାନେ ସାହାଯ୍ୟ ସହଯୋଗ କରିଥିଲେ।

# ଡେରାବିଶ ଉଚ୍ଚ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ

ଭୁବନେଶ୍ୱର, ଡେରାବିଶ ବ୍ଲକ ଅନ୍ତର୍ଗତ ଡେରାବିଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଦିନ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଷ ରାଜନୀତି ବିଜ୍ଞାନର ପ୍ରଧାପକ ଶାନ୍ତନୁ କୁମାର ମାଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ ବୃନ୍ଦାବନ ଦାସ, ସମ୍ମାନିତ ଅତିଥି ଭାବରେ ରୁଦାଙ୍ଗି ପଟ୍ଟନାୟକ ଏବଂ ଶରତ ଚନ୍ଦ୍ର ପୃଷ୍ଟି ଯୋଗଦାନ କରି ଆତ୍ମରକ୍ଷା ତାଲିମର ଉଦେଶ୍ୟ ଏବଂ ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡଃ ପ୍ରଜ୍ଞା ପଟ୍ଟନାୟକ ବାଳିକାମାନେ ନିଜେ କିପରି




ସାହାସୀ ହୋଇ ବିପଦର ମୁକାବିଲା କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। କ୍ଷ ଏହି ଶିବିରରେ ପ୍ରଶିକ୍ଷିକା ବନ୍ୟା ବେହେରା ଏବଂ ସୌଦାମିନୀ ପାଗଳ ଉପସ୍ଥିତ ଥିଲେ। ଶେଷରେ ଅଧାପିକା ଶୁଭଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଣୀପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବେଗୁନିଆପଡା,୧୭/୧(ନି.ପ୍ର): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କଞ୍ଚଣା ପଞ୍ଚାୟତର ରାଣୀପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ -୨୦୨୫ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ରଶ୍ମିତା କୁମାରୀ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ମହାରଣା ସଂଯୋଜନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ସ୍ଥିତ ଡି ଆଇ ଇ ଟି ର ଅଧକ୍ଷ ଡ଼ଃ ସନ୍ତୋଷ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ପିଲାଙ୍କୁ ପ୍ରତି ସମୟରେ ସାହାଯ୍ୟର ହାତ ବଢାଇବା ସହ ପିଲାଙ୍କୁ ବୁଝିବା ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହା ସହିତ ବିଦ୍ୟାଳୟ ହେଉଛି ପିଲାଙ୍କ ସାମଗ୍ରିକ ବିକାଶ ପାଇଁ ଏନ୍ତୁଡ଼ି ଶାଳ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ






ଦ୍ୱିତୀୟ ନୂଆପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁଃଶାସନ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଞ୍ଚଣା କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପବିତ୍ର କୁମାର ବେହେରା, ପ୍ରାକ୍ତନ ସି ଆର ସି ସି ଇନ୍ଦ୍ରମଣି ପ୍ରଧାନ, ଖଲ୍ଲିକୋଟ ଡି ଆଇ ଇ ଟି ସଦସ୍ୟ ପ୍ରବେଶ କୁମାର ପଟ୍ଟନାୟକ, ସି ଆର ସି ସି ପ୍ରକାଶ କୁମାର ସେଠୀ, ନାୟିକାଣୀପଲ୍ଲୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଶବର, ରାଣୀପଡ଼ା ଗ୍ରାମ ଯୁବ ଗୋଷ୍ଠୀର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ପିଲାଙ୍କୁ ନିଜ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଲାଭ କରିଥିବା ୮୨ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବେହେରା ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ସୋନାଲି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଶ୍ମିତା ସାହୁ ବିବରଣୀ ପାଠ କରିଥିଲେ। ଶିକ୍ଷକ ଜିତେନ୍ଦ୍ର କୁମାର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସନ୍ତୋଷ କୁମାର ରାଉତ, ଜିତେନ୍ଦ୍ର କୁମାର ଗୌଡ଼,ଶିକ୍ଷୟିତ୍ରୀ ରଶ୍ମିତା ସାହୁ, ସୋନାଲି ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ବେହେରା, ଶୁଭସ୍ମିତା ସେଠୀ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାରଖାଇ ପ୍ରାଥମିକ ବିଦ୍ୟାଳୟରେ ବିନା ସୂଚନା ଫଳକରେ କାର୍ଯ୍ୟ

କଳିଙ୍ଗନଗର,୧୭/୧(ନି.ପ୍ର):ରାଜ୍ୟ ସରକାରଙ୍କ ପକ୍ଷରୁ ଯେକୌଣସି କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ଲଗାଇବା ନିମନ୍ତେ ନିର୍ଦ୍ଦେଶ ରହିଛି। ମାତ୍ର ଯାଜପୁର ଜିଲ୍ଲା ଦାନଗଦି ବ୍ଲକରେ ରଣାଗୁଣ୍ଡି ଗ୍ରାମ ପଞ୍ଚାୟତରେ ଜିଲ୍ଲା ଖଣିଜ ପାଣ୍ଠିରୁ ବାରଖାଇ ପ୍ରାଥମିକ ବିଦ୍ୟାଳୟରେ ଏକ ନୂତନ ଗୃହ ନିର୍ମାଣ ହେଉଛି।ଏହି ଗୃହ ଟି ୩୦ଲକ୍ଷ ବ୍ୟୟ ଅଟକଳ ରହିଛି।ଗୃହ ଆରମ୍ଭରୁ ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚି ସୃଷ୍ଟି କରିଛି।ଏଠାରେ ଢଲେଇ ପାଇଁ ବ୍ୟବହୃତ ହେଉଥିବା ଚିପ୍ସ ର ମାନ ଅତ୍ୟନ୍ତ ଖରାପ ଯାହା କୁ ଢଲେଇ ରେ ବ୍ୟବହାର କରିବା କଥା ନୁହେଁ। ମାତ୍ର ସଂପୃକ୍ତ ଠିକାଦାର କାର୍ଯ୍ୟ ରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଘରର ପ୍ରଥମ ରାଉଣ୍ଡ ବିମ ର ମୋଟେଇ କୁ ନେଇ ପ୍ରଶ୍ନ ଉଠିଥିବା ବେଳେ ପ୍ଲିଣ୍ଟି ପତନ ପର୍ଯ୍ୟନ୍ତ ନଦୀ ବାଲି ପୁରାଇବା ଜାଗାରେ ମାଟି ମିଶା ମୋରମ ଭରିଥିବା ଦେଖିବାକୁ ମିଳିଛି। କାର୍ଯ୍ୟାଦେଶ ଅନୁସାରେ ରଡ଼ ବା ଷ୍ଟିଲ କମ ସଂଖ୍ୟାରେ ଲାଗିଥିବା ମଧ ଦେଖିବାକୁ ମିଳିଛି। ମାତ୍ର ଠିକାଦାର ବାଲିର ଟଙ୍କା ବଞ୍ଚାଇବା ପାଇଁ ଘର ଭିତରେ ୧୦ ଟ୍ରିପ୍ ରୁ ଅଧିକ ମାଟି ମିଶା ମୋରମ ଢାଳି ତାହା ଉପରେ ଢଲେଇ କରିବା ପାଇଁ ମସୁଧା ଚଳାଇଛନ୍ତି। ସରକାର ପରିବର୍ତ୍ତନ ହୋଇଛି ସତ ମାତ୍ର ପୂର୍ବରୁ ଥିବା ସରକାର ଙ୍କ ଢାଞ୍ଚାରେ ଚାଲିଛି ଦାନଗଦି ବ୍ଲକ ଏକାଧିକ କାର୍ଯ୍ୟ ବୋଲି ସାଧାରଣରେ ଆଲୋଚନା ହେଉଛି। ବିନା ସୂଚନା ଫଳକରେ ନିର୍ମାଣ ସ୍ଥଳରେ କାର୍ଯ୍ୟ ଚାଲୁରହିଛି। ମାତ୍ର ବର୍ତ୍ତମାନ କାର୍ଯ୍ୟ କୁ ତଦାରଖ କରୁଥିବା ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି।କାର୍ଯ୍ୟ ଦାୟିତ୍ୱ ଥିବା ଯନ୍ତ୍ରୀଙ୍କର କାର୍ଯ୍ୟ ସ୍ଥଳରେ ଦେଖାନାହିଁ।ଯନ୍ତ୍ରୀଙ୍କୁ ପଚାରିବାରୁ କହିଛନ୍ତି ଯେଉଁ ସବୁ ଷ୍ଟିଲ ଓ ମୋରମ ବ୍ୟବହୃତ ହେଇଛି ତାହାକୁ ନେଇ ଆମେ ତଦନ୍ତ କରିବୁ। ମାତ୍ର ବ୍ଲକ ର ମୁଖ୍ୟ ତଥା ବିଡ଼ିଓ



ପ୍ରଦୀପ ସେଠୀ ପଚାରିବାରୁ କହିଛନ୍ତି କି ଜିଲ୍ଲାପାଳ ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି। ତେଣୁ ଏଠି ଗୋଟିଏ ବଡ଼ ପ୍ରଶ୍ନ କି ଏହି ପ୍ରକଳ୍ପଟି ଗୋଟିଏ ବିଦ୍ୟାଳୟ ହୋଇଥିବା ଯୋଗୁଁ ଭବିଷ୍ୟତରେ ଜଦି କୌଣସି ଅଘଟଣ ଘଟିଲା ଏହି ନିମ୍ନ ମାନର କାର୍ଯ୍ୟ ପାଇଁ ତେବେ ଏଥିପାଇଁ କିଏ ଦାୟୀ ରହିବ ନା ସରକାର କା ମାଲ ଦରିଆ ମେ ଡାଲ ନୀତି ଅବଲମ୍ବନ କରି ଯଥା ପୂର୍ବଂ ତଥା ପରଂ' ନୀତି ଅବଲମ୍ବନ କରି ସବୁ ପୂର୍ବ ପରି କାର୍ଯ୍ୟ ଚଲାଇବାକୁ ମସୁଧା ବ୍ଲକ ରେ ଥିବା ଅଧିକାରୀ ମସୁଧା ଚଳାଇଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ତେଣୁ ଆଗକୁ ନୂତନ ସରକାର ଙ୍କ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଙ୍କୁ ଏଥିପ୍ରତି ଦୃଷ୍ଟି ଦେଇ ଏପରି ଅଯୋଗ୍ୟ ଅଧିକାରୀ ଓ ନିମ୍ନ ମାନର କାର୍ଯ୍ୟ କରୁଥିବା ସମସ୍ତ ଠିକାଦାର ଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବ୍ଲକ ରେ ହୋଇଥିବା କାର୍ଯ୍ୟ କୁ ସଠିକ ଭାବରେ ନିର୍ମାଣ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଜାରି କରିବାକୁ ସାଧାରଣ ରେ ଦାବି ହେଉଛି।

# ତ୍ରିଜଙ୍ଗା କଲୋନୀରେ ଢ଼ଳାଇ ରାସ୍ତା କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

ଦାନଗଦୀ,୧୭/୧(ନି.ପ୍ର): ଦାନଗଦି ବ୍ଲକ ଅନ୍ତର୍ଗତ ତ୍ରିଜଙ୍ଗା ପଞ୍ଚାୟତର ତ୍ରିଜଙ୍ଗା କଲୋନୀରେ ଢ଼ଳାଇ ରାସ୍ତା କାର୍ଯ୍ୟ ଆରମ୍ଭରୁ ନିମ୍ନମାନର ହୋଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ କାର୍ଯ୍ୟ ବନ୍ଦ କରିଛନ୍ତି।ଏହି କାର୍ଯ୍ୟରେ ସୂଚନା ଫଳକ ନାହିଁ। କେତେ ଟଙ୍କାର କାର୍ଯ୍ୟ ହେଉଛି କଲୋନୀବାସୀ ଜାଣି ପାରୁନାହାନ୍ତି,ପ୍ରାୟ ଏକ କୋଟି ଟଙ୍କାର କାର୍ଯ୍ୟ ହେବ ବୋଲି ଶୁଣିବାକୁ ମିଳୁଛି,ଉକ୍ତ କାର୍ଯ୍ୟ ଆରମ୍ଭରୁ ବାଲି ଅଳ୍ପ ପକାଇ କାମ ଚଳା ଯାଉଛି।ଯଦି କାର୍ଯ୍ୟ ଆରମ୍ଭରୁ ଏଭଳି କାର୍ଯ୍ୟ ହେଉଚି ଆଗକୁ କଣ ହେବ ନେଇ କଲୋନୀବାସୀ ଙ୍କ ମନରେ ପ୍ରଶ୍ନ ହେଉଛି ।ଗ୍ରାମବାସୀଙ୍କ ତରଫରୁ ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ନିମ୍ନମାନର ସିମେଣ୍ଟ ନେଇ ଘୋର ବିରୋଧ କରି କାର୍ଯ୍ୟ ବନ୍ଦ ସହ ବିଡିଓଙ୍କ ପାଖରେ ଅଭିଯୋଗ କରିଛନ୍ତି।ପ୍ରଶାସନ ତୁରନ୍ତ କାର୍ଯ୍ୟନୁଷ୍ଠାନ ସହ ତଦନ୍ତ କରବାକୁ ଗ୍ରାମବାସୀ ଦାବି କରିଛନ୍ତି।



# କେବେ ଦୂର ହେବ ଡୁଡୁସା ପାଲ୍ଲାବାସୀଙ୍କ ସମସ୍ୟା

## ଶୁଖିବାରେ ଲାଗିଛି କୂପ ଓ ନାଳ, ଚିନ୍ତାରେ ଲୋକେ

ବୋରିଗୁମ୍ମା, ୧୭/୧(ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଶଶାହାଣ୍ଡି ପଞ୍ଚାୟତର ଡୁଡୁସା ପାଲ୍ଲା ଗ୍ରାମରେ ବର୍ଷ ବର୍ଷ ଧରି ପାନୀୟ ଜଳ ପାଇଁ ତହଳ ବିକଳ ହେଉଛନ୍ତି ଗ୍ରାମବାସୀ ଏନେଇ ପ୍ରଶାସନ ଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ସମସ୍ତ ଙ୍କୁ ବାରମ୍ବାର ଗୁହାରି କରିଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି । ଲୋକଙ୍କ ସମସ୍ୟା ବୁଝିବାରେ ପ୍ରଶାସନ ଫେଲ ମାରିଛି । ନିର୍ବାଚନ ସମୟ ରେ ନେତା ପ୍ରତିଶୃତି ଦେଇ ପରବର୍ତ୍ତି ସମୟ ରେ ଭୁଲି ଯାଇଛନ୍ତି ।ବର୍ଷ ବର୍ଷ ଧରି ଗ୍ରାମବାସୀ ଙ୍କ ଦୁଃଖ ବୁଝିବା ପାଇଁ ସରକାରୀ କର୍ମଚାରୀଙ୍କ ଅବହେଳିତ କାରଣରୁ ଲୋକେ ପାଣି ନପାଇ ନାହିଁ ନଥିବା ହଇରାଣ ହେଉଛନ୍ତି ।ଏହି ଗ୍ରାମରେ ୩୦୦ ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି ।ଏହି ଗ୍ରାମରେ ବସୁଧା ଯୋଜନା ସାତସପନ, ଦୁଇଟି ମାତ୍ର ନଳକୂପ ହିଁ ସେମାନଙ୍କ ସାହା ଭରସା ରହିଛି , ତାହାମଧ ବର୍ତ୍ତମାନ ଅଚଳ ଅବସ୍ଥାରେ ।ଘଣ୍ଟାଏରେ ଗୋଟିଏ ହାଣ୍ଡି ପାଣି ବାହାରିବା ପରେ ପାଣି ବାହାରିବା ବନ୍ଦ ହୋଇଯାଉଛି ।ଏଥିପାଇଁ ଗ୍ରାମବାସୀ ୨ କିଲୋମିଟର ଦୂରରେ ଥିବା ନାଳ ପାର୍ଶ୍ୱ ଚୁଆ



ଉପରେ ନିର୍ଭର କରି ଆସୁଛନ୍ତି ।ତାହାମଧ ସନ୍ଧ୍ୟା ସମୟ ରୁ ଚୁଆ ଖଳି ରାତିସାରା ପାଣି ୪ରି ହାଣ୍ଡି ପାଣି ବାହାରୁଛି ।ସକାଳ ହେଲେ ନାଳ ନିକଟରେ ଲାଗିଥାଏ ଲମ୍ବା ଲାଇନ । ଆଗକୁ ଖରା ଦିନ ଆସୁଥିବା ବେଳେ ଶୀତ ଦିନରୁ କୂପ ମଧ୍ୟରୁ ଜଳସ୍ତର କମିବାରେ ଲାଗିଛି ।ଏପରି ସ୍ଥିତିରେ ଗ୍ରାମବାସୀ ପାଣି ସମସ୍ୟା ଉପରେ ବାରମ୍ବାର ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିକଟକୁ ଅଭିଯୋଗ କରିବାକୁ ଯାଇଥିବା ଗ୍ରାମବାସୀ କହିଛନ୍ତି । କିନ୍ତୁ ପଞ୍ଚାୟତ ଅଧିକାରୀ ପ୍ରାୟ ଦିନ ଅନୁପସ୍ଥିତ ରହୁ ଥିବାରୁ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ ପତ୍ର ପ୍ରଦାନ କରିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡିଛି ।ବୋରିଗୁମ୍ମା ବ୍ଲକ ଶଶାହାଣ୍ଡି ପଞ୍ଚାୟତରେ ମାଳ ମାଳ ସମସ୍ୟା ରହିଥିବା ବେଳେ ଏଠାରେ ବିକାଶ ଶୂନ ଏବେ ନୂତନ ସରକାରଙ୍କ ଉପରେ ନଜର । ଆଗାମୀ ଦିନରେ ଗ୍ରାମବସୀ କେତେ ଶୀଘ୍ର ପାଣି ସୁବିଧାରେ ପାଉଛନ୍ତି ତାକୁନେଇ ସ୍ଥାନୀୟ ଅଞ୍ଚଳ ବାସୀ ଆଶା ରଖିଛନ୍ତି ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ